

ରାଜ୍ ଖୋଲିଲେ ଅବନୀତ

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-292 ♦MONDAY ♦20 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୯୨ ♦ସୋମବାର ♦୨୦ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ୯ ଲକ୍ଷ ଡଲାରରେ ନିଲାମ ହେଲା 'ଟାଇଟାନିକ୍' ସ୍ମୃତି

■ ଲଣ୍ଡନ, ୧୯ ।୪ (ଏଜେନ୍ସି): ୧୯୧୨ ମସିହାର ସବୁଠାରୁ ବଡ଼ ସାମୁଦ୍ରିକ ଦୁର୍ଘଟଣା 'ଟାଇଟାନିକ୍' ସହ ଜଡ଼ିତ ସାମଗ୍ରୀ ପ୍ରତି ବିଶ୍ୱବାସୀଙ୍କ ଆଗ୍ରହ ଆଜି ମଧ୍ୟ ଅତୁଟ ରହିଛି । ନିକଟରେ ବ୍ରିଟେନରେ ଅନୁଷ୍ଠିତ ଏକ ନିଲାମରେ ଟାଇଟାନିକର ଜଣେ ବଞ୍ଚିଥିବା ଯାତ୍ରୀ ପିନ୍ଧିଥିବା ଏକ ଲାଇଫ୍ ଜ୍ୟାକେଟ୍ ୬,୭୦,୦୦୦ ପାଉଣ୍ଡ (ପ୍ରାୟ ୯,୦୬,୦୦୦ ଆମେରିକୀୟ ଡଲାର) ମୂଲ୍ୟରେ ବିକ୍ରି ହୋଇଛି । ଏହି ବିରଳ ଲାଇଫ୍ ଜ୍ୟାକେଟ୍‌ଟି ଟାଇଟାନିକର ପ୍ରଥମ ଶ୍ରେଣୀ ଯାତ୍ରୀ ଲୌରା ମାବେଲ୍ ଫ୍ରାନକାଟେଲିଙ୍କର ଥିଲା । ସେ ଜଣେ ଜଣାଶୁଣା



ଫ୍ୟାଶନ ଡିଜାଇନର ଲୁସି ଡଫ୍ ଗର୍ଡନଙ୍କ ସହଯୋଗୀ ଭାବେ ଯାତ୍ରା କରୁଥିଲେ । ଜାହାଜ ବୁଡ଼ିବା ସମୟରେ ସେ ଲାଇଫ୍ ବୋଟ୍ ନମ୍ବର-୧ ସାହାଯ୍ୟରେ ନିଜ ଜୀବନ ରକ୍ଷା କରିବାରେ ସଫଳ ହୋଇଥିଲେ । ଇଂଲଣ୍ଡର 'ହେନେରୀ ଆଲଡ୍ରିଜ୍ ଆଣ୍ଡ ସନ୍' ନିଲାମ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରାରମ୍ଭିକ ଭାବେ ଏହାର ମୂଲ୍ୟ ୨.୫ ରୁ ୩.୫ ଲକ୍ଷ ପାଉଣ୍ଡ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଥିଲା, ମାତ୍ର ଚୂଡ଼ାନ୍ତ ମୂଲ୍ୟ ଏହାକୁ ବହୁ ପଛରେ ପକାଇ ଦେଇଛି । ଏହି ଜ୍ୟାକେଟ୍‌ଟି କାନଭାସ୍ କପଡ଼ାରେ ନିର୍ମିତ ଏବଂ ▶ପୃଷ୍ଠା-୭

## ଏକ୍ସପ୍ରେସ୍‌ୱେରେ ଭାରୀଯାନ ପାର୍କିଂ ଉପରେ କଟକଣା

■ ନୂଆଦିଲ୍ଲୀ, ୧୯ ।୪ (ଏଜେନ୍ସି): ଭାରତର ଜାତୀୟ ରାଜପଥ ଏବଂ ଏକ୍ସପ୍ରେସୱେ ଗୁଡ଼ିକୁ ଅଧିକ ନିରାପଦ କରିବା ପାଇଁ ସୁପ୍ରିମକୋର୍ଟ ଏକ ଐତିହାସିକ ତଥା କଠୋର ନିର୍ଦ୍ଦେଶନାମା ଜାରି କରିଛନ୍ତି । ପ୍ରଶାସନିକ ଅବହେଳା କିମ୍ବା ଭିତ୍ତିଭୂମିର ଅଭାବ ଯୋଗୁଁ ଏହି ଦ୍ରୁତଗାମୀ ରାସ୍ତାଗୁଡ଼ିକ ଯେପରି "ବିପଦର କରିଡର' ପାଲଟି ନଯାଏ, ସେଥିପାଇଁ କୋର୍ଟ କେନ୍ଦ୍ର ସରକାର ଏବଂ ସମସ୍ତ ରାଜ୍ୟଙ୍କୁ ସତର୍କ କରାଇ ଦେଇଛନ୍ତି । ଜଷ୍ଟିସ ଜେକେ ମହେଶ୍ୱରୀ ଏବଂ ଜଷ୍ଟିସ ଏଏସ ଚାନ୍ଦୁରକରଙ୍କ ଖଣ୍ଡପୀଠ ନିମ୍ନଲିଖିତ ପ୍ରମୁଖ ନିର୍ଦ୍ଦେଶମାନ ଦେଇଛନ୍ତି ।



ସଡ଼କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

ଜାତୀୟ ରାଜପଥର ମୁଖ୍ୟ ରାସ୍ତା କିମ୍ବା ପାର୍ଶ୍ୱବର୍ତ୍ତୀ କାନ୍ଧ ଉପରେ କୌଣସି ଭାରୀ ବା ବାଣିଜ୍ୟିକ ଯାନ ପାର୍କ କରିପାରିବେ ନାହିଁ । କେବଳ ନିର୍ଦ୍ଧାରିତ 'ଲେ-ବାଏସ୍' କିମ୍ବା ଅନୁମୋଦିତ ସ୍ଥାନରେ ହିଁ ଗାଡ଼ି ରହିପାରିବ । ଏହି ନିୟମର ପାଳନ ପାଇଁ 'ଆଡଭାନ୍ସଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ' (ଏଟିଏମ୍‌ଏସ୍) ର ସହାୟତା ନିଆଯିବ । ଏହା ମାଧ୍ୟମରେ ରିଅଲ୍-ଟାଇମ୍ ଆଲର୍ଟ, ଜିପିଏସ୍ ଫଟୋ ପ୍ରମାଣ ଏବଂ ଇ-ଚାଲାଣ କଟାଯିବ । ରାଜପଥ କଡ଼ରେ କୌଣସି ନୂତନ ଢାବା, ଭୋଜନାଳୟ କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନ ନିର୍ମାଣକୁ ତତ୍କାଳ ବାରଣ କରାଯାଇଛି । ▶ପୃଷ୍ଠା-୭

ଇସଲାମାବାଦ ଆଲୋଚନା ପୂର୍ବରୁ ଟ୍ରମ୍ପଙ୍କ ଚେତାବନୀ

# ଚୁକ୍ତି; ନଚେତ୍ ଧ୍ୱଂସ

■ ୱାଶିଂଟନ/ଇସ୍ଲାମାବାଦ, ୧୯ ।୪ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଇସଲାମାବାଦରେ ପ୍ରସ୍ତାବିତ ଆଲୋଚନାର ନେତୃତ୍ୱ ଦାୟିତ୍ୱ ପୁଣିଥରେ ନେବେ ଆମେରିକା ଉପରାଷ୍ଟ୍ରପତି ଜେ.ଡ଼ି.ଭାନ୍ସ । ହ୍ୱାଇଟ୍ ହାଉସ ପକ୍ଷରୁ ଜଣେ ଅଧିକାରୀ ଏ ସଂକ୍ରାନ୍ତରେ ସ୍ପଷ୍ଟ କରିଛନ୍ତି । ସୂଚନା ଅନୁସାରେ ଭାନ୍ସଙ୍କ ସହ ଷ୍ଟିଭ୍ ୱିଟକଫ୍ ମଧ୍ୟ ଏହି ପ୍ରତିନିଧି ଦଳରେ ସାମିଲ ହେବେ । ତେବେ ଇରାନ ସହ କ'ଣ ଆଲୋଚନା ହେବ ଓ ଆଲୋଚନାର ଏଜେଣ୍ଡା ଏ ଯାଏ ସ୍ଥିର ହୋଇନାହିଁ । ଏପ୍ରିଲ ୮ ତାରିଖ ପରେ ଆରମ୍ଭ ହୋଇଥିବା ଦୁଇ ସପ୍ତାହ ଯୁଦ୍ଧବିରତି ପରେ ଏହା ଦ୍ୱିତୀୟ ଉଚ୍ଚସ୍ତରୀୟ ବୈଠକ ହେବ ।

ଅନ୍ୟପକ୍ଷରେ ଇସଲାମାବାଦରେ ସୋମବାର ପ୍ରସ୍ତାବିତ ଶାନ୍ତି ଆଲୋଚନା ଅବ୍ୟବହିତ ପୂର୍ବରୁ ଇରାନ୍‌କୁ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡ଼ୋଲାଲ୍ଡ ଟ୍ରମ୍ପ । ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ କହିଛନ୍ତି ଯେ ଚୁକ୍ତି ଓ ଧ୍ୱଂସ ମଧ୍ୟରୁ ଇରାନକୁ ଗୋଟିଏ ବାଛିବାକୁ ପଡ଼ିବ । ଆସନ୍ତାକାଲି



### ଆମେରିକା ପ୍ରତିନିଧି ଦଳର ନେତୃତ୍ୱ ନେବେ ଭାନ୍ସ
### ଇସଲାମାବାଦରେ ୧୦ହଜାର ପୁଲିସ ମୁତୟନ

(ସୋମବାର) ଆମେରିକୀୟ ପ୍ରତିନିଧିମଣ୍ଡଳ ପାକିସ୍ତାନରେ ପହଞ୍ଚିବ । ସେଠାରେ ଇରାନ ସହ ଦ୍ୱିତୀୟ ପର୍ଯ୍ୟାୟର ସମ୍ମୁଖ ଆଲୋଚନା ହେବ । ଇରାନ ଶନିବାର ହର୍ମୁଜରେ ଗୁଳିବର୍ଷା କରି ଯୁଦ୍ଧବିରତିକୁ ଉଲ୍ଲଂଘନ କରିଛି । ଯଦି ଇରାନ ଆମେରିକାର ପ୍ରସ୍ତାବକୁ ଗ୍ରହଣ କରିବ ନାହିଁ, ତେବେ ଆମେରିକା ଇରାନର ବିଦ୍ୟୁତ କେନ୍ଦ୍ର ଓ ସେତୁଗୁଡ଼ିକୁ ଧ୍ୱଂସ କରିଦେବ ବୋଲି ସେ ଚେତାବନୀ ଦେଇଛନ୍ତି ।

ଟ୍ରମ୍ପଙ୍କ ଏହି ଚେତାବନୀ ପରେ ସରକାର ଇରାନ ସରକାର ତାଙ୍କ ଆଭିମୁଖ୍ୟ ଅଧିକ କଠୋର କରିଛନ୍ତି । ଇରାନ ସଂସଦ ବାଚସ୍ପତି ମହମ୍ମଦ ବାଗେର ଗାଲିବାଫ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଆମେରିକା ତାଙ୍କ ବନ୍ଦରଗୁଡ଼ିକୁ ଅବରୋଧ କରିରଖିବ, ସେପର୍ଯ୍ୟନ୍ତ ହୋର୍ମୁଜ ମାର୍ଗରେ ଯାଉଥିବା ଜାହାଜ ଉପରେ ପ୍ରତିବନ୍ଧ ଜାରି ରହିବ । ଆମେ ନିଜେ ଯେତେବେଳେ ଯାଇପାରୁନାହୁଁ, ଅନ୍ୟମାନଙ୍କୁ କିପରି ଯିବାକୁ ଦେବୁ? ହର୍ମୁଜରେ ଇରାନର ଯୁଦ୍ଧପୋତ ମୁତୟନକୁ ସେ "ଅବିବେକୀ ସିଦ୍ଧାନ୍ତ" ବୋଲି ଅଭିହିତ କରି ଭରସା ନ ଥିଲେ ମଧ୍ୟ ଇରାନ ଶାନ୍ତିକୁ ସମର୍ଥନ କରୁଛି ଓ କୂଟନୈତିକ ମାର୍ଗରେ ସମାଧାନ ପାଇଁ ପ୍ରୟାସକୁ ସ୍ୱାଗତ କରୁଛି ବୋଲି କହିଛି ।

ଅପରପକ୍ଷରେ ଇରାନ ଶୁକ୍ରବାର ହୋର୍ମୁଜ ସମୁଦ୍ର ମାର୍ଗ ଖୋଲିବା ଘୋଷଣା କରିଥିଲେ ହେଁ ଶନିବାର ଏହି ପଥ ଦେଇ ଯାତାୟତ କରୁଥିବା ▶ପୃଷ୍ଠା-୭

ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ

## ୨୦ ମୃତ, ୬ ଆହତ



■ ବିରୁଧୁନଗର, ୧୯ ।୪(ଏଜେନ୍ସି): ତାମିଲନାଡୁର ବିରୁଧୁନଗର ଜିଲ୍ଲା କାଟ୍ଟନାରପଟ୍ଟି ଅଞ୍ଚଳରେ ଏକ ବାଣ କାରଖାନାରେ ଭୟାବହ ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ପ୍ରଭାବରେ କାରଖାନା ନିକଟରେ

ଶୋକ ବ୍ୟକ୍ତ କଲେ ନବୀନ

ଥିବା କେତେକ ଅଟ୍ଟାଳିକାରେ ଫାଟ ସୃଷ୍ଟି ହୋଇଛି । ବିସ୍ଫୋରଣ ପରେ କାରଖାନାର କୋଠା ଭୁଶୁଡ଼ି ପଡ଼ିଛି । ଫଳରେ ଅନେକ ଶ୍ରମିକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ଅଗ୍ନିଶମ ବାହିନୀ, ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ବିସ୍ଫୋରଣ କିଭଳି ▶ପୃଷ୍ଠା-୭

## ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରାରେ ନୂଆ ଅଧ୍ୟାୟ

■ ଭୁବନେଶ୍ୱର, ୧୯।୪ (ସମିସ): ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଖୋର୍ଦ୍ଧା ଜିଲ୍ଲାର ଇନ୍‌ଫୋଭ୍ୟାଲିଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ୩ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିଲେ ଯେ ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ । ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ



ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଓଡ଼ିଶା ପାଇଁ ଏକ ନୂତନ ବିକାଶ ଯୁଗର ଆରମ୍ଭ: ଅଶ୍ୱିନୀ

ଆଡଭାନ୍ସଡ୍ ୩ଡି ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ସୁବିଧା ସୃଷ୍ଟି କରିବ । ଏହି ୟୁନିଟ୍‌ରେ ଉତ୍ପାଦିତ କମ୍ପୋନେଣ୍ଟଗୁଡ଼ିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ । ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି ବୋଲି ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ▶ପୃଷ୍ଠା-୭

ତହସିଲଦାରଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ

## ୧୦ ଗିରଫ; ୭ ଟ୍ରାକ୍ଟର, ୨ ଜେସିବି ଜବତ

■ ବ୍ୟାସନଗର, ୧୯।୪ (ସମିସ): ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଟ୍ରାକ୍ଟର୍ ଚଢ଼ାଇ ହତ୍ୟା ଉଦ୍ୟମ ଘଟଣାରେ କୋରେଇ ପୁଲିସ୍ ୧୦ଜଣଙ୍କୁ ଗିରଫ କରିଛି । ଏହାସହ ଖନନ କାର୍ଯ୍ୟରେ ନିୟୋଜିତ ୭ଟି ଟ୍ରାକ୍ଟର୍ ଏବଂ ୨ଟି ଜେସିବି ମେସିନ୍ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, ହିଦ୍ୟାତୁଲା ଖାଁ ଓରଫ ବନଠୁ, ମଜିତ ଆହମତ ଖାଁ ଓରଫ୍ ରାଜା, କୀର୍ତ୍ତନ ଜେନା, ମନିର୍ ମହମ୍ମଦ, ଜମି ମାଲିକ ଏସ୍‌କେ ଚନ୍ଦା, ଜେସିବି ଚାଳକ ପିଙ୍କୁନ ପେଣ୍ଟେଇ, ଜିତେନ୍ଦ୍ର ବେହେରା, ଏସ୍‌କେ ସାହିଲ, ମିଟୁ ପରିଡ଼ା, ଏସ୍‌କେ ଧାରଣ ଓରଫ୍ ଏସ୍.କେ ସୋଏବ୍ କାଦିର । ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଏମାନଙ୍କ ମଧ୍ୟରେ ଟ୍ରାକ୍ଟର୍ ଓ ଜେସିବି ଚାଳକ ଏବଂ ଜମି ମାଲିକ ରହିଛନ୍ତି ।

ଶନିବାର ବ୍ୟାସନଗର ତହସିଲ ଅନ୍ତର୍ଗତ ସାଦକପୁର ପଞ୍ଚାୟତ ଫାଜଲପୁରସ୍ଥିତ କୋରେଇ ମୀନାବଜାର ଅଞ୍ଚଳରେ ଅବୈଧ ▶ପୃଷ୍ଠା-୭

ଆଜି ଅକ୍ଷୟ ତୃତୀୟା

## ୨୦ ହଜାର କୋଟିର କାରବାର ଆଶା

■ ନୂଆଦିଲ୍ଲୀ, ୧୯।୪ (ଏଜେନ୍ସି): ଆଜି ଅକ୍ଷୟ ତୃତୀୟା । ତେବେ ଏହି ଅକ୍ଷୟ ତୃତୀୟାରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ ଆସିଥାନ୍ତି ବୋଲି ସମସ୍ତଙ୍କ ଧାରଣା ରହିଛି । ଏହାକୁ ନଜରରେ ରଖି ସାରା ଦେଶରେ ଜୁଏଲାରୀ ଶୋ'ରୁମ୍‌ଗୁଡିକ ବର୍ତ୍ତମାନ ସୁନା ଓ ରୁପା ଅଳଙ୍କାରରେ ସଜେଇ ହୋଇରହିଛି । ବୈଶ୍ୱିକ ଉତ୍ତେଜନା ଏବଂ ମଧ୍ୟ ପ୍ରାଚ୍ୟ ସଙ୍କଟରେ ଘରୋଇ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି । ଏଭଳି ସମୟରେ ଚଳିତଥର ଅକ୍ଷୟ ତୃତୀୟାରେ ଦେଶବ୍ୟାପୀ ସୁନା ଏବଂ ରୁପା ବିକ୍ରି ୨୦ ▶ପୃଷ୍ଠା-୭



SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

ବଢୁଛି ତାତି

## ୧୧ ଜିଲ୍ଲାରେ ୨୩ ଯାଏଁ ସ୍କୁଲ ଛୁଟି

■ ଭୁବନେଶ୍ୱର, ୧୯।୪ (ସମିସ): ରାଜ୍ୟରେ ବଢୁଥିବା ତୀବ୍ର ଗ୍ରୀଷ୍ମ ତାପ ଓ ଅସହ୍ୟ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ୧୨ଟି ଜିଲ୍ଲାରେ ସ୍କୁଲ୍ ବନ୍ଦ ଘୋଷଣା କରିଛନ୍ତି । ଏହି ଜିଲ୍ଲାଗୁଡ଼ିକରେ ଏପ୍ରିଲ ୨୩ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ଓ ପରେ ପରିସ୍ଥିତିର ପୁନଃସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି ।

କଟକରେ ଅଢ଼େଇ ଘଣ୍ଟିଆ ସ୍କୁଲ

ପ୍ରଥମେ ସମ୍ବଲପୁର, ନୂଆପଡ଼ା, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି, ବଲାଙ୍ଗିର, ବୌଦ୍ଧ ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ଛୁଟି ଘୋଷଣା କରାଯାଇଥିଲା । ଆଜି ଖୋର୍ଦ୍ଧା ଓ ଦେଓଗଡ଼ ଜିଲ୍ଲା କର୍ତ୍ତୃପକ୍ଷ ସ୍କୁଲ ବନ୍ଦ ନିଷ୍ପତ୍ତି ନେବା ପରେ ଏହି ସଂଖ୍ୟା ୧୧ରେ ପହଞ୍ଚିଛି । ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ସକାଳ ୯ଘଟିକା ▶ପୃଷ୍ଠା-୭



15001/21/2627
ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା
ଜୟ ଜଗନ୍ନାଥ !
କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଅୟମାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।
(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-15001/15001/2/26-27/0021

# ଭାରତ-ଇରାନ ସମ୍ପର୍କ ଅତୁଟ

## ଗୁଳିବର୍ଷଣ ପରେ ସଫେଇ ଦେଲେ ଇରାନ ଅଧିକାରୀ

ନୂଆଦିଲ୍ଲୀ/ତେହେରାନ: ୧୯ ।୪(ଏଜେନ୍ସି): ହର୍ମୁଜ ପ୍ରଣାଳୀରେ ଭାରତୀୟ ଜାହାଜ ଉପରକୁ ଇରାନ ସେନାର ଗୁଳିବର୍ଷଣକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନା ମଧ୍ୟରେ ଇରାନର ଶୀର୍ଷ ପ୍ରତିନିଧି ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ପଶ୍ଚିମ ଏସିଆରେ ସାମରିକ ସ୍ଥିତି ଜଟିଳ ହେଉଥିଲେ ହେଁ, ଭାରତ ଓ ଇରାନ ମଧ୍ୟରେ ଥିବା ଐତିହାସିକ ବନ୍ଧୁତା କାଏମ ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଭାରତରେ ଅବସ୍ଥାପିତ ଇରାନର ପ୍ରତିନିଧି ଡକ୍ଟର ଅବଦୁଲ ମଜିଦ ହାକିମ ଇଲାହି କହିଛନ୍ତି ଯେ, ଭାରତ ସହ ଆମର ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ । ଏହି ବନ୍ଧୁତାର ଚେର ୫,୦୦୦ ବର୍ଷର ଇତିହାସ ସହ ଜଡ଼ିତ ଏବଂ ଆଗାମୀ ଦିନରେ ଏହା ଆହୁରି ମଜଭୁତ ହେବ । ହର୍ମୁଜ ପ୍ରଣାଳୀ ଦେଇ ଭାରତୀୟ ତୈଳବାହୀ ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟାତ ପାଇଁ ଇରାନ ସର୍ବଦା ସହାୟକ ହୋଇଆସିଛି ବୋଲି ସେ ମନେ ପକାଇ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଶନିବାର ଓମାନ ନିକଟବର୍ତ୍ତୀ ସମୁଦ୍ରରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଦୁଇଟି ଭାରତୀୟ ପତାକାଧାରୀ ଜାହାଜକୁ ଟାର୍ଗେଟ କରିଥିଲା । ଅଶୋଧିତ ତୈଳବାହୀ ଜାହାଜ ସାନମାର ହେରାଲ୍ଡ ଏବଂ ଜଗ ଅର୍ଣ୍ଣବ ଉପରକୁ ଗୁଳିବର୍ଷଣ କରାଯାଇଥିଲା । ଏଥିମଧ୍ୟରୁ ଗୋଟିଏ ଜାହାଜ ଉପରକୁ ଗୁଳି ମାଡ଼ ହୋଇ କଣ୍ଟେନର କ୍ଷତିଗ୍ରସ୍ତ ହୋଇଥିଲେ ହେଁ, ସୌଭାଗ୍ୟବଶତଃ ସମସ୍ତ ନାବିକ ସୁରକ୍ଷିତ ଅଛନ୍ତି ।

### ସାଉଦି ଆରବରେ ଅବୈଧ ବାସିନ୍ଦାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ସପ୍ତାହରେ ୧୪,୦୦୦ରୁ ଅଧିକ ଗିରଫ

ରିୟାଦ,୧୯ ।୪(ଏଜେନ୍ସି): ସାଉଦି ଆରବ ସରକାର ଦେଶରେ ଅବୈଧ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କ ବିରୋଧରେ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛନ୍ତି । ମାତ୍ର ଏକ ସପ୍ତାହ ମଧ୍ୟରେ ଦେଶବ୍ୟାପୀ ଚଢ଼ଉ କରାଯାଇ ୧୪,୪୮୭ ଜଣ ଅବୈଧ ବାସିନ୍ଦାଙ୍କୁ ଗିରଫ କରାଯାଇଥିବା ସାଉଦି ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସପ୍ତାହବ୍ୟାପୀ ମିଳିତ ଅଭିଯାନ ଏପ୍ରିଲ୍ ୯ ରୁ ୧୫ ମଧ୍ୟରେ ସୁରକ୍ଷା ବଳ ଏବଂ ବିଭିନ୍ନ ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ହୋଇଥିଲା । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୭,୯୧୧ ଜଣ ବାସସ୍ଥାନ ନିୟମ ଉଲ୍ଲଂଘନ କରିଥିବା ଜଣାପଡ଼ିଛି । ସେହିପରି ୩,୫୮୮ ଜଣ ସୀମା ଅତିକ୍ରମ କରି ଦେଶକୁ ଅବୈଧ ଭାବେ ପ୍ରବେଶ କରିଥିଲେ । ୨,୯୮୮ ଜଣ ଶ୍ରମ ଆଇନର ବିରୋଧରେ କାର୍ଯ୍ୟ କରୁଥିବା ବେଳେ ଧରାପଡ଼ିଛନ୍ତି । ଅବୈଧ ଭାବେ ରହୁଥିବା ବିଦେଶୀଙ୍କୁ ନିଜ ଦେଶକୁ ଫେରାଇବା ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ୧୨,୫୫୪ ଜଣଙ୍କୁ ସାଉଦି ଆରବରୁ ନିର୍ବାସିତ କରାଯାଇଛି । ପ୍ରାୟ ୨୧,୧୨୭ ଜଣଙ୍କୁ ସେମାନଙ୍କର ସମ୍ପୃକ୍ତ ଦୂତାବାସ ସହ ଯୋଗାଯୋଗ କରି ଯାତ୍ରା ଦସ୍ତାବିଜ୍ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସମୁଦାୟ ୩୯,୨୫୮ ଜଣ ବିଦେଶୀ (୩୫,୪୬୦ ପୁରୁଷ ଓ ୩,୭୯୮ ମହିଳା) ଏବେ ମଧ୍ୟ ଆଇନଗତ ପ୍ରକ୍ରିୟାର ସମ୍ମୁଖୀନ ହେଉଛନ୍ତି ।

# ମୋଦୀଙ୍କ ଭାଷଣ ବିରୋଧରେ ସିପିଆଇଏମ୍ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ,୧୯।୪(ଏଜେନ୍ସି): ମହିଳା ସଂରକ୍ଷଣ ଅଧ୍ୟାଦେଶ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶନ ଅଭିଭାଷଣକୁ ପାଇଁ ଏବେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ସରକାରୀ ପ୍ରସାରଣ ମାଧ୍ୟମ ଦୂରଦର୍ଶନର ବ୍ୟବହାର କରି ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ସିପିଆଇ(ଏମ) ଏବଂ ସିପିଆଇ ଭାରତୀୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସିପିଆଇ(ଏମ) ସାଧାରଣ ସମ୍ପାଦକ ଏମଏ ବେବି ନିର୍ବାଚନ କମିଶନଙ୍କୁ ଏକ ଔପଚାରିକ ପତ୍ର ଦେଇଛନ୍ତି । ଏପ୍ରିଲ ୧୮ ରେ ପ୍ରଧାନମନ୍ତ୍ରୀ ଦେଇଥିବା ଟେଲିଭିଜନ ଅଭିଭାଷଣ କୌଣସି ସରକାରୀ ସୂଚନା ନଥିଲା ବରଂ ଏହା ଏକ ପକ୍ଷପାତମୂଳକ ରାଜନୈତିକ ଭାଷଣ ଥିଲା । ବର୍ତ୍ତମାନ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ବିଧାନସଭା ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ରହିଥିବା ବେଳେ ଏଭଳି ଅଭିଭାଷଣ ଭୋଟରଙ୍କୁ ପ୍ରଭାବିତ କରିବାର ଏକ ପ୍ରୟାସ ବୋଲି ଦଳ ଅଭିଯୋଗ କରିଛି । ନିର୍ବାଚନ ସମୟରେ କ୍ଷମତାସୀନ ଦଳ ସରକାରୀ ପାଣ୍ଠି କିମ୍ବା ସରକାରୀ ଗଣମାଧ୍ୟମକୁ ନିଜର ଦଳୀୟ ପ୍ରଚାର ପାଇଁ ବ୍ୟବହାର କରିବା ଆଦର୍ଶ ଆଚରଣ ବିଧିର ସ୍ପଷ୍ଟ ଉଲ୍ଲଂଘନ ବୋଲି ବାମଦଳ ଅଭିଯୋଗ କରିଛି । ସେପଟେ କଂଗ୍ରେସ ଏହାକୁ କୁମ୍ଭୀର କାନ୍ଦଣା ଅଭିହିତ କରିଛି ।

# ମଣିପୁରରେ ଆତଙ୍କବାଦୀଙ୍କ ଗୁଳିରେ ୨ ମୃତ

ଇମ୍ଫାଲ,୧୯ ।୪(ଏଜେନ୍ସି): ମଣିପୁରର ଉଖ୍ରୁଲ୍ ଜିଲ୍ଲାରେ ଶନିବାର ଅପରାହ୍ଣ ପ୍ରାୟ ୨:୩୦ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି । ଚଳନ୍ତା ଗାଡ଼ି ଉପରକୁ ଆତଙ୍କବାଦୀମାନେ ଅତର୍କିତ ଗୁଳିଚାଳନା କରିବାରୁ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସମେତ ଦୁଇଜଣଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁବରଣ କରିଥିବା ଦୁଇ ବ୍ୟକ୍ତି ହେଲେ, ଏସ୍‌ଡବ୍ଲ୍ୟୁ ଚିନାଓଶାଙ୍ଗ (୪୬) ଏବଂ ୟାରୁଇଙ୍ଗମ ୱାଶୁମ୍ (୪୨) । ସେମାନେ ଇମ୍ଫାଲରୁ ଉଖ୍ରୁଲ୍ ଅଭିମୁଖେ ଯିବା ସମୟରେ ଏହି ଆକ୍ରମଣ ହୋଇଥିଲା । ଘଟଣାର ମାତ୍ର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ଉଖ୍ରୁଲ୍ ଗସ୍ତ କରି କୁକି ଏବଂ ନାଗା ସମ୍ପ୍ରଦାୟକୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଥିଲେ । ଏହି ସମ୍ବେଦନଶୀଳ ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହାର ତଦନ୍ତ ଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରାଯାଇଛି । ତାଙ୍ଗଖୁଲ ନାଗା ଲଙ୍ଗ୍ (ଟିଏନ୍‌ଏଲ୍) ପକ୍ଷରୁ ଏହି ଆକ୍ରମଣ ପାଇଁ କୁକି ସମ୍ପ୍ରଦାୟକୁ ଦାୟୀ କରାଯାଇଛି ।

# ଇଟାଲିରେ ଗୁରୁଦ୍ୱାରା ସମ୍ମୁଖରେ ଦୁଇ ଭାରତୀୟଙ୍କୁ ହତ୍ୟା

ରୋମ୍/ବର୍ଗାମୋ:,୧୯ ।୪(ଏଜେନ୍ସି): ପବିତ୍ର ବୈଶାଖୀ ପର୍ବର ଆନନ୍ଦ ଉଲ୍ଲାସ ମଧ୍ୟରେ ଇଟାଲୀରୁ ଏକ ହୃଦୟବିଦାରକ ଖବର ସାମ୍ନାକୁ ଆସିଛି । ବର୍ଗାମୋ ପ୍ରଦେଶର କୋଭୋ ସହରରେ ଏକ ଗୁରୁଦ୍ୱାରା ବାହାରେ ଦୁଇଜଣ ଭାରତୀୟଶିଖ୍‌ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଛି । ଏହି ବର୍ବରକାଣ୍ଡ ସମଗ୍ର ଭାରତୀୟ ସମୁଦାୟକୁ ସ୍ତବ୍ଧ କରିଦେଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ବିଳମ୍ବିତ ରାତିରେ କୋଭୋ ସ୍ଥିତ 'ଗୁରୁଦ୍ୱାରା ମାତା ସାହିବ କୌର ଜୀ' ପରିସରରେ ଏହି ରକ୍ତାକ୍ତ ସଂଘର୍ଷ ଘଟିଥିଲା । ବୈଶାଖୀ ଉତ୍ସବ ପାଇଁ ଆୟୋଜିତ ଏକ ସମାବେଶ ଶେଷ କରି ଫେରୁଥିବା ସମୟରେ ଦୁଇଜଣ ବ୍ୟକ୍ତିଙ୍କୁ ଆତତାୟୀ ଗୁଳି କରିଥିଲେ । ମୃତକଙ୍କ ପରିଚୟ କୋଭୋ ନିବାସୀ ରାଜିନ୍ଦର ସିଂ (୪୮) ଏବଂ ଆଗନାଡେଲୋର ଗୁରମିତ ସିଂ (୪୮) ବୋଲି ଜଣାପଡିଛି । ସ୍ଥାନୀୟ ଗଣମାଧ୍ୟମ 'ଲା ସିସିଲିଆ'ର ରିପୋର୍ଟ ଅନୁସାରେ, ଏହା କୌଣସି ଆକସ୍ମିକ ବଚସାର ପରିଣାମ ନୁହେଁ, ବରଂ ଏକ ସୁଚିନ୍ତିତ ଓ ପୂର୍ବପରିକଳ୍ପିତ ନରସଂହାର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି । ଆତତାୟୀ ଜଣକ କାର୍‌ରେ ଆସି ଅତି ନିକଟରୁ ପ୍ରାୟ ୧୦ ରାଉଣ୍ଡ ଗୁଳି ଚଳାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ।

# ଉତ୍ତର କୋରିଆର ପୁଣି ବାଲିଷ୍ଟିକ୍ ମିସାଇଲ୍ ନିକ୍ଷେପ



ପିଓଙ୍ଗୟାଙ୍ଗ/ସିଓଲ,୧୯ ।୪(ଏଜେନ୍ସି): ବିଶ୍ୱର ଚେତାବନୀ ସତ୍ତ୍ୱେ ଉତ୍ତର କୋରିଆ ନିଜର ସାମରିକ ଶକ୍ତି ପ୍ରଦର୍ଶନ ଜାରି ରଖିଛି । ରବିବାର ସକାଳେ ଉତ୍ତର କୋରିଆ ପୁଣି ଥରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରି ସମଗ୍ର ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ହଇଚଇ ସୃଷ୍ଟି କରିଛି । ଏହି କ୍ଷେପଣାସ୍ତ୍ରଗୁଡ଼ିକ ପୂର୍ବ ଉପକୂଳର ସିନପୋ ସହର ନିକଟରୁ ସମୁଦ୍ର ମଧ୍ୟକୁ ନିକ୍ଷେପ କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରଗୁଡ଼ିକ ପ୍ରାୟ ୧୪୦ କିଲୋମିଟର ଦୂରତା ଅତିକ୍ରମ କରି ସମୁଦ୍ରରେ ପତିତ ହୋଇଛି । ଚଳିତ ମାସରେ ଏହା ଉତ୍ତର କୋରିଆର ଚତୁର୍ଥ ଏବଂ ଚଳିତ ବର୍ଷର ସପ୍ତମ କ୍ଷେପଣାସ୍ତ୍ର ପରୀକ୍ଷଣ । ଦକ୍ଷିଣ କୋରିଆର ପୂର୍ବତନ ସୁରକ୍ଷା ପରାମର୍ଶଦାତା କିମ୍ କି-ଜୁଙ୍ଗଙ୍କ ମତରେ, ଆମେରିକା ଏବଂ ଦକ୍ଷିଣ କୋରିଆ ସହ କୌଣସି ସମ୍ଭାବ୍ୟ ଆଲୋଚନା ପୂର୍ବରୁ ନିଜର ପକ୍ଷକୁ ମଜଭୁତ କରିବା ପାଇଁ ଏହା କିମ୍ ଜୋଙ୍ଗ୍ ଉନ୍‌ଙ୍କର ଏକ ରଣନୈତିକ ଚାପ । ଏହି ଘଟଣା ପରେ ଦକ୍ଷିଣ କୋରିଆ ଏବଂ ଜାପାନ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ଦ୍ୱିତୀୟ ସନ୍ତାନର ମାତାପିତା ହେବେ ଦୀପିକା-ରଣବୀର



ମୁମ୍ବାଇ,୧୯ ।୪(ଏଜେନ୍ସି): ବଲିଉଡର ସବୁଠାରୁ ପ୍ରିୟ ଯୋଡ଼ି ଦୀପିକା ପାଦୁକୋନ ଏବଂ ରଣବୀର ସିଂହ ପୁଣି ଥରେ ପିତାମାତା ହେବାକୁ ଯାଉଛନ୍ତି । ରବିବାର ଏହି ଦମ୍ପତି ସୋସିଆଲ ମିଡିଆ ମାଧ୍ୟମରେ ନିଜର ଦ୍ୱିତୀୟ ପ୍ରେଗନାନ୍ସି ବିଷୟରେ ଘୋଷଣା କରି ପ୍ରଶଂସକମାନଙ୍କୁ ଏକ ବଡ଼ ଖୁସି ଖବର ଦେଇଛନ୍ତି । ଦୀପିକା ଏବଂ ରଣବୀର ଇନଷ୍ଟାଗ୍ରାମରେ ଏକ ମିଳିତ ପୋଷ୍ଟ ସେୟାର କରିଛନ୍ତି । ଏହି ଫଟୋରେ ସେମାନଙ୍କର ପ୍ରଥମ କନ୍ୟା ସନ୍ତାନ ଦୁଆ ଏକ ପଜିଟିଭ୍ ପ୍ରେଗନାନ୍ସି ଟେଷ୍ଟ କିଟ୍ ଧରିଥିବାର ଦେଖିବାକୁ ମିଳିଛି । ଦୀପିକା ଏହି ପୋଷ୍ଟ ସହ ଦୁଇଟି 'ଇଭିଲ୍ ଆଇ' ଇମୋଜି କ୍ୟାପସନରେ ଲେଖିଛନ୍ତି, ଯାହା ସେମାନଙ୍କ ଜୀବନର ଏହି ନୂତନ ଅଧ୍ୟାୟକୁ ନେଇ ସେମାନଙ୍କ ଉତ୍ସାହକୁ ଦର୍ଶାଉଛି । ଦୀପିକା ଏବଂ ରଣବୀର ୨୦୧୮ ନଭେମ୍ବର ୧୪ ରେ ଇଟାଲୀର ଲେକ୍ କୋମୋରେ ଏକ ଭବ୍ୟ ସମାରୋହରେ ବିବାହ କରିଥିଲେ । ଉଭୟ କୋଙ୍କଣୀ ଏବଂ ସିନ୍ଧି ରୀତିନୀତିରେ ସେମାନଙ୍କର ବିବାହ ଅନୁଷ୍ଠିତ ହୋଇଥିଲା ।

## ଆମେରିକୀୟ ବିଶେଷଜ୍ଞଙ୍କ ଚେତାବନୀ

# ଟ୍ରମ୍ପ-ମୁନିର୍ ବନ୍ଧୁତା ଦେଶ ପାଇଁ ବିପଦ



ୱାଶିଂଟନ୍/ଇସଲାମାବାଦ,୧୯ ।୪(ଏଜେନ୍ସି):

ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ତୀବ୍ର ସାମରିକ ଉତ୍ତେଜନା ମଧ୍ୟରେ ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସୀମ ମୁନିରଙ୍କ ଭୂମିକା ଏବେ ବିଶ୍ୱ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି । ଏପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସୁସମ୍ପର୍କ ଏବଂ ଇରାନର ସାମରିକ ଶୀର୍ଷ ନେତୃତ୍ୱଙ୍କ ସହ ତାଙ୍କର ଘନିଷ୍ଠତା ଆମେରିକୀୟ ବିଶେଷଜ୍ଞମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ସମ୍ପ୍ରତି ଇରାନ ଗସ୍ତ ଶେଷ କରିଥିବା ଆସୀମ ମୁନିର ହେଉଛନ୍ତି ପ୍ରଥମ ବିଦେଶୀ ନେତା, ଯିଏ ଯୁଦ୍ଧ ପରିସ୍ଥିତି ମଧ୍ୟରେ ତେହରାନ ଗସ୍ତ କରିଛନ୍ତି । 'ଫକ୍ସ ନ୍ୟୁଜ୍ ଡିଜିଟାଲ୍'ର ରିପୋର୍ଟ ଅନୁଯାୟୀ, ମୁନିରଙ୍କର ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆରଜିସି) ସହ ଗଭୀର ସମ୍ପର୍କ ରହିଛି । ସୂଚନା ମୁତାବକ, ମୁନିରଙ୍କର ୨୦୨୦ରେ ଆମେରିକା ଆକ୍ରମଣରେ ନିହତ କାସେମ ସୁଲେମାନୀ ଏବଂ ୨୦୨୫ରେ ଇସ୍ରାଏଲ୍ ଆକ୍ରମଣରେ ପ୍ରାଣ ହରାଇଥିବା ହୋସେନ୍ ସଲାମୀଙ୍କ ସହ ବ୍ୟକ୍ତିଗତ ବନ୍ଧୁତା ଥିଲା । ୨୦୧୬-୧୭ ମସିହାରେ ପାକିସ୍ତାନର ମିଲିଟାରୀ ଇଣ୍ଟେଲିଜେନ୍ସ ମୁଖ୍ୟ ଥିବା ବେଳୁ ସେ ଇରାନର ଗୋଇନ୍ଦା ଓ ସାମରିକ ବ୍ୟବସ୍ଥା ସହ ଏକ ଦୃଢ଼ ସମୀକରଣ ପ୍ରସ୍ତୁତ କରିଛନ୍ତି । 'ଫାଉଣ୍ଡେସନ ଫର ଡିଫେନ୍ସ ଅଫ୍ ଡେମୋକ୍ରାସି'ର ବରିଷ୍ଠ ବିଶେଷଜ୍ଞ ବିଲ୍ ରୋଗିଓ ଟ୍ରମ୍ପ ପ୍ରଶାସନକୁ ଏକ ବଡ଼ ଚେତାବନୀ ଦେଇଛନ୍ତି । ଆଫଗାନିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନ ଉପରେ ରଖାଯାଇଥିବା ବିଶ୍ୱାସ କିଭଳି ଭୁଲ୍ ଥିଲା, ତାହା ସେ ମନେ ପକାଇ ଦେଇଛନ୍ତି । ମୁନିରଙ୍କର ଆଇଆରଜିସି ସହ ଥିବା ସମ୍ପର୍କ ଆମେରିକା ପାଇଁ ଏକ 'ରେଡ୍ ଫ୍ଲାଗ୍' ବା ବିପଦର ସଙ୍କେତ । ପାକିସ୍ତାନ ସାମ୍ନାରେ ବନ୍ଧୁତା କରୁଥିଲେ ମଧ୍ୟ ପଛରେ ଶତ୍ରୁ ପକ୍ଷ ସହ ହାତ ମିଳାଇଥାଏ ବୋଲି ରୋଗିଓ ଦାବି କରିଛନ୍ତି । ପାକିସ୍ତାନୀ ବିଶ୍ଳେଷକ ରଜା ରୁମିଙ୍କ ମତରେ, ଆସୀମ ମୁନିରଙ୍କ ଭଳି ବ୍ୟକ୍ତିତ୍ୱଙ୍କ ଉତ୍ଥାନ ଦର୍ଶାଉଛି ଯେ ପାକିସ୍ତାନର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଉପରେ ସେନା କିଭଳି ନିଜର ଆଧିପତ୍ୟ ବିସ୍ତାର କରିଚାଲିଛି । ଇରାନ ରାଷ୍ଟ୍ରପତି, ବୈଦେଶିକ ମନ୍ତ୍ରୀ ଏବଂ ବାଚସ୍ପତିଙ୍କ ସହ ମୁନିରଙ୍କ ସାକ୍ଷାତକାର କେବଳ ସାମରିକ ନୁହେଁ, ବରଂ ଏକ କୂଟନୈତିକ ବିଜୟ ବୋଲି ପାକିସ୍ତାନ ଦର୍ଶାଉଛି । ଆସନ୍ତା ସପ୍ତାହରେ ଇସଲାମାବାଦରେ ଆମେରିକା ଏବଂ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବାକୁ ଯାଉଛି । ଏହି ସମ୍ବେଦନଶୀଳ ସମୟରେ ଅସୀମ ମୁନିର ଜଣେ 'ମଧ୍ୟସ୍ଥି' ସାଜିବେ ନା ଆମେରିକା ପାଇଁ ନୂଆ ସମସ୍ୟା ସୃଷ୍ଟି କରିବେ, ତାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି । ତେବେ ୱାଶିଂଟନର ଏକ ବଡ଼ ଗୋଷ୍ଠୀ ଏବେ ମଧ୍ୟ ପାକିସ୍ତାନର ଦୋମୁହାଁ ନୀତିକୁ ନେଇ ସନ୍ଦେହ ପ୍ରକଟ କରୁଛନ୍ତି ।

### ଅନ୍ତିମ ନିଷ୍କର୍ଷଠାରୁ ବହୁ ଦୂରରେ ତେହେରାନ

# ଯୁଦ୍ଧବିରତି ପୂର୍ବରୁ ବଢୁଛି ତିକ୍ତତା

ନୂଆଦିଲ୍ଲୀ/ଇସଲାମାବାଦ,୧୯ ।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଦୁଇ ସପ୍ତାହର ଯୁଦ୍ଧବିରତି ଆସନ୍ତା ବୁଧବାର ଶେଷ ହେବାକୁ ଯାଉଥିବା ବେଳେ, ଶାନ୍ତି ଆଲୋଚନା ଏବେ ମଧ୍ୟ ଅନିଶ୍ଚିତତାର କଳାବାଦଲ ଘେରରେ ରହିଛି । ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଥିଲେ ହେଁ, ଇରାନର ସଂସଦୀୟ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫଙ୍କ ବୟାନ ବିଶ୍ୱ ରାଜନୀତିରେ ହଇଚଇ ସୃଷ୍ଟି କରିଛି । 'ଆମେ ଏବେ ମଧ୍ୟ ଚୂଡ଼ାନ୍ତ ଆଲୋଚନାଠାରୁ ବହୁ ଦୂରରେ ଅଛୁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଇସଲାମାବାଦରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ପରେ ଗାଲିବାଫ ଏକ ଟେଲିଭିଜନ ସମ୍ବୋଧନରେ କହିଛନ୍ତି ଯେ, ଆଲୋଚନାରେ ଅନେକ ଶୂନ୍ୟସ୍ଥାନ ରହିଛି ଏବଂ କେତେକ ମୌଳିକ ପ୍ରସଙ୍ଗରେ ସହମତି ହୋଇପାରି ନାହିଁ ।

# ଆମେରିକାରରେ ଗୁଳିକାଣ୍ଡ: ୮ ଶିଶୁଙ୍କ ସମେତ ୧୦ ମୃତ

ୱାସିଂଟନ,୧୯।୪(ଏଜେନ୍ସି): ଆମେରିକାର ଲୁଇସିଆନା ରାଜ୍ୟର ସ୍ରେଭପୋର୍ଟ ସହରରେ ଏକ ଗୁଳିକାଣ୍ଡ ଘଟଣାରେ ୮ ଜଣ ନିଷ୍ପାପ ଶିଶୁଙ୍କ ସମେତ ସମୁଦାୟ ୧୦ ଜଣ ପ୍ରାଣ ହରାଇଛନ୍ତି । ରବିବାର ସକାଳ ପ୍ରାୟ ୬ଟାରେ ଏହି ଅଭାବନୀୟ ଘଟଣା ଘଟିଥିବା ପୋଲିସ ମୁଖ୍ୟ ୱେନ ସ୍ମିଥ୍ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଏକ ପାରିବାରିକ ବିବାଦକୁ କେନ୍ଦ୍ର କରି ଏହି ଗୁଳିକାଣ୍ଡ ଘଟିଥିଲା । ମୃତ୍ୟୁବରଣ କରିଥିବା ୮ ଜଣ ଶିଶୁଙ୍କ ବୟସ ୧ ବର୍ଷରୁ ୧୪ ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି । ଗୁଳିର ଶିକାର ହୋଇଥିବା କିଛି ଶିଶୁ ଅଭିଯୁକ୍ତର ସମ୍ପର୍କୀୟ ଥିଲେ । ଗୁଳିକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଜଣକ ଫେରାର ହେବାକୁ ଚେଷ୍ଟା କରିଥିଲା । ପୁଲିସ ତାର ପିଛା କରୁଥିବା ବେଳ ବୋସିଅର ସିଟି ନିକଟରେ ପୁଲିସ ଗୁଳିରେ ସନ୍ଦିଗ୍ଧ ଅଭିଯୁକ୍ତର ମୃତ୍ୟୁ ଘଟିଛି ।

### କମଳା ହାରିଶଙ୍କ ବିସ୍ଫୋରକ ଅଭିଯୋଗ

# ଏପଷ୍ଟାଇନ୍ ଫାଇଲ୍‌ରୁ ନଜର ହଟାଇବାକୁ ପ୍ରୟାସ

ୱାଶିଂଟନ, ୧୯ ।୪ (ଏଜେନ୍ସି): ଆମେରିକାର ପୂର୍ବତନ ଉପ-ରାଷ୍ଟ୍ରପତି କମଳା ହାରିଶ ବର୍ତ୍ତମାନର ଟ୍ରମ୍ପ ପ୍ରଶାସନକୁ ବିରୋଧ କରି ବଡ଼ ଧରଣର ସମାଲୋଚନା କରିଛନ୍ତି । ଇରାନ ସହ ଚାଲିଥିବା ଯୁଦ୍ଧ ପାଇଁ ସେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଦାୟୀ କରିବା ସହ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରଣନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି । ଶନିବାର ଡେଟ୍ରୋଇଟ୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ହାରିଶ କହିଛନ୍ତି ଯେ, ଆମେରିକାବାସୀ ଚାହୁଁନଥିବା ଏହି ଯୁଦ୍ଧ ଭିତରକୁ ଟ୍ରମ୍ପଙ୍କୁ ଟାଣି ଅଣାଯାଇଛି । ହାରିଶଙ୍କ ଅଭିଯୋଗ ଅନୁସାରେ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ପ୍ରରୋଚନାରେ ଟ୍ରମ୍ପ ଏହି ଯୁଦ୍ଧରେ ସାମିଲ ହୋଇଛନ୍ତି । ଯଦିଓ ନେତାନ୍ୟାହୁ ଏଭଳି ଦାବିକୁ ପୂର୍ବରୁ 'ଫେକ୍ ନ୍ୟୁଜ୍' ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି । ଏହି ଅନାବଶ୍ୟକ ଯୁଦ୍ଧ ଯୋଗୁଁ ଆମେରିକାର ସାମରିକ କର୍ମଚାରୀଙ୍କ ଜୀବନ ବିପଦରେ ପଡ଼ିଛି ବୋଲି ସେ ଚେତାବନୀ ଦେଇଛନ୍ତି । କମଳା ହାରିଶ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ,



ନେତାନ୍ୟାହୁଙ୍କ ପ୍ରରୋଚନାରେ ଇରାନ ଯୁଦ୍ଧରେ ଛନ୍ଦି ହୋଇଛନ୍ତି ଟ୍ରମ୍ପ

ଟ୍ରମ୍ପଙ୍କ 'ଅପରେସନ୍ ଏପିକ୍ ଫ୍ୟୁରି' ପ୍ରକୃତରେ ଏକ କୂଟନୈତିକ ଚାଲ । ଚର୍ଚ୍ଚିତ 'ଏପଷ୍ଟାଇନ୍ ଫାଇଲ୍' ବିବାଦରୁ ଲୋକଙ୍କ ନଜର ହଟାଇବା ପାଇଁ ଟ୍ରମ୍ପ ପ୍ରଶାସନ ଏଭଳି ସାମରିକ ପଦକ୍ଷେପ ନେଉଛି ବୋଲି ସେ ଏଏନ୍‌ଆଇ ନ୍ୟୁଜ୍ ଏଜେନ୍ସିକୁ ଦେଇଥିବା ବୟାନରେ କହିଛନ୍ତି । ଆମେରିକାର ବର୍ତ୍ତମାନର ଶାସନ ବ୍ୟବସ୍ଥାକୁ ଇତିହାସର 'ସବୁଠାରୁ ଦୁର୍ନୀତିଗ୍ରସ୍ତ ଏବଂ ଅପାରଗ' ପ୍ରଶାସନ ବୋଲି ହାରିଶ ଅଭିହିତ କରିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଟ୍ରମ୍ପ ହେଉଛନ୍ତି ପ୍ରଥମ ରାଷ୍ଟ୍ରପତି, ଯିଏ ଆମେରିକାର ପୁରାତନ ବନ୍ଧୁତା ଓ ସାମରିକ ମେଣ୍ଟଗୁଡ଼ିକୁ ସୁରକ୍ଷା ଦେବାର ଦାୟିତ୍ୱରୁ ଓହରି ଯାଇଛନ୍ତି । ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ନିୟମଗୁଡ଼ିକୁ ଟ୍ରମ୍ପ ଅଣଦେଖା କରୁଥିବା ଯୋଗୁଁ ଆମେରିକା ଏବେ ବିଶ୍ୱ ଦରବାରରେ ଏକ 'ଅବିଶ୍ୱସନୀୟ' ଦେଶରେ ପରିଣତ ହୋଇଛି ବୋଲି ସେ କହିଛନ୍ତି । କେବଳ ବୈଦେଶିକ ନୀତି ନୁହେଁ, ବରଂ ସ୍ୱାସ୍ଥ୍ୟ ସେବା, ଅର୍ଥନୀତି ଏବଂ ମହିଳାଙ୍କ ପ୍ରଜନନ ଅଧିକାର ଭଳି ଘରୋଇ ପ୍ରସଙ୍ଗରେ ମଧ୍ୟ ହାରିଶ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି । ଆସନ୍ତା ନଭେମ୍ବରରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ନିଶ୍ଚିତ ଭାବେ ବିଜୟୀ ହେବ ବୋଲି ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି ।

# ୨୦୦ ଫୁଟ୍ ତଳକୁ ବସ୍ ଖସି ୨ ମୃତ ଓ ୩୧ ଆହତ

ଜୟପୁର,୧୯।୪(ଏଜେନ୍ସି): ରାଜସ୍ଥାନର ଅଜମେର ଜିଲ୍ଲା ଅନ୍ତର୍ଗତ ପୁଷ୍କର ଘାଟି ନିକଟରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ପ୍ରାୟ ୨୦୦ ଫୁଟ୍ ତଳକୁ ଖସିପଡ଼ିଥିଲା । ଏଥିରେ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୩୧ ଜଣ ଯାତ୍ରୀ ଆହତ ହୋଇଛନ୍ତି । ୩୩ ଜଣ ଯାତ୍ରୀଙ୍କୁ ନେଇ ଏହି ବସ୍‌ଟି ଅଜମେରରୁ ପୁଷ୍କର ଅଭିମୁଖେ ଘାଟି ରାସ୍ତାରେ ଯାଉଥିଲା । ସାଞ୍ଝିସାର ନିକଟରେ ବସ୍‌ଟି ନିୟନ୍ତ୍ରଣ ହରାଇ ଘାଟି ରାସ୍ତାରୁ ତଳକୁ ଖସିପଡ଼ି ଘଞ୍ଚ ବୁଦା ମଧ୍ୟରେ ଫସି ରହିଥିଲା । ପରେ ସ୍ଥାନୀୟ ଲୋକେ ପୋଷାକକୁ ରଶି ଭାବେ ବ୍ୟବହାର କରି ଆହତଙ୍କୁ ଉପରକୁ ଆଣିଥିଲେ ।

### ଭାରତ-ରୁଷ ପ୍ରତିରକ୍ଷା ସମ୍ପର୍କରେ ନୂଆ ଅଧ୍ୟାୟ

# ପରସ୍ପରର ମାଟିରେ ମୁତୟନ ହେବେ ୩୦୦୦ ସୈନିକ



ନୂଆଦିଲ୍ଲୀ,୧୯ ।୪(ଏଜେନ୍ସି):

ଭାରତ ଏବଂ ରୁଷ ମଧ୍ୟରେ ବହୁ ପ୍ରତୀକ୍ଷିତ 'ରେସିପ୍ରୋକାଲ୍ ଏକ୍ସଚେଞ୍ଜ ଅଫ୍ ଲଜିଷ୍ଟିକ୍ ସପୋର୍ଟ' (ରେଲୋସ୍) ପ୍ରତିରକ୍ଷା ଚୁକ୍ତି ଏବେ ଆନୁଷ୍ଠାନିକ ଭାବେ ଲାଗୁ ହୋଇଛି । ଏହି ସାମରିକ ବୁଝାମଣା ଫଳରେ ଦୁଇ ପୁରାତନ ବନ୍ଧୁ ରାଷ୍ଟ୍ରଙ୍କ ମଧ୍ୟରେ ରଣନୈତିକ ସହଯୋଗ ଏକ ନୂତନ ଶିଖରରେ ପହଞ୍ଚିଛି । ଏହି ଚୁକ୍ତି ଅଧୀନରେ ଉଭୟ ଦେଶ ପରସ୍ପରର ସାମରିକ ଘାଟି ଏବଂ ସମ୍ବଳ ବ୍ୟବହାର କରିବାର ସୁବିଧା ପାଇବେ । ଏହି ନୂତନ ପ୍ରତିରକ୍ଷା ବୁଝାମଣା ଅନୁଯାୟୀ, ସେନା ପରିଚାଳନା ଏବଂ ତାଲିମ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ । ଉଭୟ ଦେଶ ପରସ୍ପରର ମାଟିରେ ସର୍ବାଧିକ ୩,୦୦୦ ସୈନିକ ମୁତୟନ କରିପାରିବେ । ଏହା ସହିତ ୫ଟି ଯୁଦ୍ଧପୋତ ଏବଂ ୧୦ଟି ସାମରିକ ବିମାନ ମୁତୟନ ପାଇଁ ମଧ୍ୟ ଅନୁମତି ପ୍ରଦାନ କରାଯାଇଛି । ଉଭୟ ଦେଶର ସେନା ପରସ୍ପରର ମିଲିଟାରୀ ବେସ୍, ଏୟାରବେସ୍ ଏବଂ ବନ୍ଦରଗୁଡ଼ିକୁ ବ୍ୟବହାର କରିପାରିବେ, ଯାହା ଦୂରବର୍ତ୍ତୀ ଅଞ୍ଚଳରେ ସାମରିକ ଅପରେସନ୍‌କୁ ସହଜ କରିବ । ଏହି ଚୁକ୍ତି କେବଳ ସୈନ୍ୟ ମୁତୟନରେ ସୀମିତ ନୁହେଁ, ବରଂ ଏହା ବ୍ୟାପକ ବୈଷୟିକ ସହାୟତା ମଧ୍ୟ ପ୍ରଦାନ କରିବ । ସାମରିକ ଅଭ୍ୟାସ ସମୟରେ ଜାଳେଣି, ଜଳ, ମରାମତି ସୁବିଧା ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ଉପକରଣର ଆଦାନପ୍ରଦାନ କରାଯିବ । ବିମାନଗୁଡ଼ିକ ପାଇଁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ଏବଂ ଉଡ଼ାଣ ସମ୍ବନ୍ଧୀୟ ସମସ୍ତ ବୈଷୟିକ ସେବା ଉପଲବ୍ଧ ହେବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସାମରିକ ଚୁକ୍ତି କୌଣସି ଯୁଦ୍ଧ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହାର ବ୍ୟବହାର କେବଳ ଶାନ୍ତି ସମୟରେ ତାଲିମ, ମିଳିତ ସାମରିକ ଅଭ୍ୟାସ ଏବଂ ଲଜିଷ୍ଟିକ୍ ସହଯୋଗ ପାଇଁ କରାଯିବ । ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ଫେବ୍ରୁଆରୀ ୨୦୨୫ରେ ସ୍ୱାକ୍ଷରିତ ହୋଇଥିବା ବେଳେ ଡିସେମ୍ବର ୨୦୨୫ରେ ରୁଷ ସରକାର ଏହାକୁ ଆନୁଷ୍ଠାନିକ ଭାବେ ମଞ୍ଜୁରି ପ୍ରଦାନ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଚୁକ୍ତି ୫ ବର୍ଷ ପାଇଁ ଲାଗୁ ରହିବ ଏବଂ ପରବର୍ତ୍ତୀ ସମୟରେ ଉଭୟ ଦେଶର ସମ୍ମତି କ୍ରମେ ଏହାର ଅବଧି ବୃଦ୍ଧି କରାଯାଇପାରିବ ।

# ଦୁଇ ଯମଜ କନ୍ୟାଙ୍କୁ ହତ୍ୟା କଲା ପିଶାଚ ବାପା

କାନପୁର,୧୯ ।୪(ଏଜେନ୍ସି): ସମାଜରେ ପିତାକୁ ସୁରକ୍ଷାର କବଚ ବୋଲି କୁହାଯାଉଥିବା ବେଳେ ଉତ୍ତର ପ୍ରଦେଶର କାନପୁରରୁ ଏକ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି । ଜଣେ ପିତା ପିଶାଚ ସାଜି ନିଜର ଦୁଇ ୧୧ ବର୍ଷୀୟା ନିଷ୍ପାପ ଯମଜ କନ୍ୟାଙ୍କୁ ଗଳା କାଟି ଅତି ନିର୍ମମ ଭାବେ ହତ୍ୟା କରିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେବା ସହ ମାନବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଭିଯୁକ୍ତ ଶଶି ରଞ୍ଜନ ମିଶ୍ର, ଯିଏକି ପେଶାରେ ଜଣେ ମେଡିକାଲ ରିପ୍ରେଜେଣ୍ଟେଟିଭ୍ (ଏମ୍‌ଆର୍), ରବିବାର ଭୋର ସମୟରେ ନିଜ ଫ୍ଲାଟ୍‌ରେ ଏହି ଜଘନ୍ୟ କାଣ୍ଡ ଭିଆଇଛି । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଶଶି ନିଜ ପତ୍ନୀଙ୍କ ଚରିତ୍ରକୁ ନେଇ ସନ୍ଦେହ କରୁଥିଲେ । ଏହି ପାରିବାରିକ କଳହ ଓ ମାନସିକ ଅଶାନ୍ତି ଶେଷରେ ଦୁଇ ନିରୀହ କନ୍ୟା 'ରିଦ୍ଧି' ଏବଂ 'ସିଦ୍ଧି'ଙ୍କ ଜୀବନ ନେଇଛି । ଶନିବାର ରାତିରେ ସମସ୍ତେ ଖାଇପି ଶୋଇବା ପରେ, ପ୍ରାୟ ଭୋର ୪ଟା ସମୟରେ ଶଶି ଏକ ଧାରୁଆ ଅସ୍ତ୍ରରେ ଦୁଇ ଝିଅଙ୍କ ଗଳା କାଟି ଦେଇଥିଲେ । ଆଶ୍ଚର୍ଯ୍ୟର କଥା ହେଉଛି, ହତ୍ୟା କରିବା ପରେ ଶଶି ଭୟଭୀତ ନହୋଇ ନିଜେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିଥିଲେ । 'ମୁଁ ମୋ ଦୁଇ ଝିଅଙ୍କୁ ମାରିଦେଇଛି, ବୋଲି ସେ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୁଇ ଶିଶୁ କନ୍ୟାଙ୍କ ଶବ ଜବତ କରିଥିଲା ଏବଂ ଅଭିଯୁକ୍ତକୁ ଘର ଭିତରୁ ଗିରଫ କରିଥିଲା । ଅଭିଯୁକ୍ତର ପତ୍ନୀ ରେଶ୍ମାଙ୍କ ବୟାନ ଅନୁସାରେ,



ଶଶି ଦୀର୍ଘ ଦିନ ଧରି ଅବସାଦରେ ଥିଲେ । ଘର ଭିତରେ ସେ ଏକାଧିକ ସିସିଟିଭି କ୍ୟାମେରା ଲଗାଇଥିଲେ ଏବଂ ପତ୍ନୀଙ୍କୁ ନିଜ ଝିଅଙ୍କ ପାଖକୁ ଯିବାକୁ ମଧ୍ୟ ଦେଉନଥିଲେ । ସେ ସବୁବେଳେ କହୁଥିଲେ ଯେ ଝିଅମାନେ ତାଙ୍କ ପାଖରେ ରହିବେ ଏବଂ ପତ୍ନୀ କେବଳ ପୁଅକୁ ନେଇ ଅଲଗା ରହିବେ । ୨୦୧୪ ମସିହାରେ ପ୍ରେମ ବିବାହ କରିଥିବା ଏହି ଦମ୍ପତିଙ୍କ ସଂସାରରେ ସନ୍ଦେହର ବିଷ ଏଭଳି ଭୟଙ୍କର ରୂପ ନେବ, ତାହା କେହି କଳ୍ପନା କରିନଥିଲେ । କାନପୁର ଡିସିପି ଦୀପେନ୍ଦ୍ର ନାଥ ଚୌଧୁରୀ ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ଅଭିଯୁକ୍ତ ପିତାକୁ ଗିରଫ କରାଯାଇଛି ଏବଂ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

**ସମ୍ପର୍କ ନେଲା ଜୀବନ**

# ଭାଇକୁ ଅପହରଣ ପରେ ହତ୍ୟା

- ଟଙ୍କା ଦେବା ବାହାନାରେ ଡାକି ମାରିଦେଲା
- ଲଗେଜ୍ ବ୍ୟାଗ୍‌ରେ ଶବ ରଖି ଖାଇକୁ ଫିଙ୍ଗିଦେଲା

ପୋଲସରା, ୧୯।୪ (ସମିସ): ଭାଇ ସାଜିଲା ବଇରୀ। ସହଯୋଗୀ ସହ ମିଶି ଭାଇକୁ ଅପହରଣ କରିବା ପରେ ତଣ୍ଟିଚିପି ମାରିଦେଲା। ଗଞ୍ଜାମ ଜିଲ୍ଲା ପୋଲସରା ଅଞ୍ଚଳରେ ଏପରି ଏକ ଆପରାଧିକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ପୋଲସରା ଥାନା ମାଳତେନ୍ତୁଳିଆ ଗ୍ରାମର ରାଜଦୀପ ସାହୁ (୧୯)। ରାଜଦୀପଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ସୁବ୍ରତ ସାହୁ ଅପହରଣ ପରେ ହତ୍ୟା କରିଥିବା ପୁଲିସ କହିଛି। ପୁଲିସ ତାକୁ ଗିରଫ କରିଛି। ଏହି ଘଟଣା ସହ ଜଡ଼ିତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡର କାରଣ ସଂପର୍କରେ ପୁଲିସ ଅଧିକ ଖୋଳତାଡ଼ ଚଳାଇଛି। ଏନେଇ ଥାନାରେ ନମ୍ବର ୨୧୪/୨୬ରେ ଏକ ମାମଲା ରୁଜୁ ହୋଇଛି।

ସୂଚନାନୁଯାୟୀ, ଗତ ଗୁରୁବାର, ୧୬ ତାରିଖ ଅପରାହ୍ଣ ପ୍ରାୟ ୨ଟା ବେଳେ ରାଜଦୀପଙ୍କୁ ସମ୍ପର୍କୀୟ ଭାଇ ସୁବ୍ରତ ଓରଫ୍ କାଳିଆ ଫୋନ କରି ପୋଲସରା ଡକାଇଥିଲା। ୫ଲକ୍ଷ ଟଙ୍କା ଓ ଏକ ମୋପେଡ୍ ଗାଡ଼ି



ନେଇ ତାଙ୍କ ଘରେ ଦେଇଦେବା ପାଇଁ କହିଥିଲା। କିନ୍ତୁ, କିଛି ସମୟ ପରେ ସୁବ୍ରତ ପୁଣି ଫୋନ୍ କରି ପୋଲସରା ନିକଟସ୍ଥ ରାଆଣ୍ଡି ଘାଇକୁ ଆସିବା ପାଇଁ ରାଜଦୀପକୁ କହିଥିଲା। ସେଠାରେ ପହଞ୍ଚିବା ପରେ ସୁବ୍ରତ ଓ ତା'ର ଜଣେ ସହଯୋଗୀ କେନ୍ଦୁଝର ଅଞ୍ଚଳର ସୁବ୍ରତ ପଟ୍ଟନାୟକ ସହ ରାଜଦୀପର ଭେଟ ହୋଇଥିଲା। ପୋଲସରାରେ ଗୋଟିଏ ଦିନରେ ଏତେ ଟଙ୍କା ଏଟିଏମରୁ ଉଠାଇବା ସମ୍ଭବ ନୁହେଁ, ତେଣୁ ବ୍ରହ୍ମପୁର ଯିବା ପାଇଁ ସୁବ୍ରତ ରାଜଦୀପକୁ କହିଥିଲା। ରାଜଦୀପ ମଧ୍ୟ ସୁବ୍ରତ କଥାରେ ରାଜି ହୋଇ ଧନେଇ ଡ୍ୟାମରୁ କାଳିମେଘି କୋଦଳା ଦେଇ ବ୍ରହ୍ମପୁର ବାହାରିଥିଲେ। ଏପଟେ ସହଯୋଗୀ ସୁବ୍ରତ ପଟ୍ଟନାୟକ ପୂର୍ବ ଯୋଜନା ମୁତାବକ ରାଜଦୀପର ଗ୍ଲାମର୍ ବାଇକ୍ ନେଇ ନିକଟସ୍ଥ ସାବିତ୍ରୀ ବଗଡ଼ ରାମଲଖଣ କେନାଲରେ ପକାଇ ଦେଇଥିଲା। ପରେ ବ୍ରହ୍ମପୁର ଫେରିଯାଇଥିଲା। ସେପଟେ, ସୁବ୍ରତ ସାହୁ ମଧ୍ୟ ରାଜଦୀପକୁ ନେଇ ବ୍ରହ୍ମପୁର ଭଡ଼ାଘରକୁ ନେଇ ସେଠାରେ ତା'ର ତଣ୍ଟି ଚିପି ହତ୍ୟା କରିଥିଲା। ପରେ ଶବକୁ ଏକ ଲଗେଜ୍ ବ୍ୟାଗ୍‌ରେ ରଖି ମୋପେଡ୍‌ରେ ବ୍ରହ୍ମପୁରରୁ ସୋରଡ଼ା ଥାନା ଅନ୍ତର୍ଗତ ସୋରଡ଼ା-ଦାରିଙ୍ଗବାଡି ଘାଟିକୁ ପଳାଇଥିଲା। ସେଠାରେ ଥିବା ସେଲ୍ଫି ପଏଣ୍ଟରେ ରାଜଦୀପର ମୃତ ଶରୀର ସହ ଲଗେଜ୍ ବ୍ୟାଗକୁ ଖାଇକୁ ଫିଙ୍ଗି ଦେଇ ପଳାଇଥିଲା।

ପରିବାରଲୋକଙ୍କ କହିବାନୁସାରେ, ରାଜଦୀପ ନିଖୋଜ ଥିବା ନେଇ ଗତ ଗୁରୁବାର ସେମାନେ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ୧୭ ତାରିଖ ସକାଳେ ପରିବାରକୁ ଫୋନ୍ କରି କେହି ଦୁର୍ବୃତ୍ତ ଫୋନ୍ କରି ଧମକାଇଥିଲା। ରାଜଦୀପକୁ ସେମାନେ ଅପହରଣ କରିନେଇଛନ୍ତି ଏବଂ ବଦଳରେ ୪୦ ଲକ୍ଷ ଟଙ୍କା ଦାବି କରିଥିଲା। ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ କିଛି ସଂଦିଗ୍ଧ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ସେମାନଙ୍କଠାରୁ ଅଭିଯୁକ୍ତ ସୁବ୍ରତ ସାହୁଙ୍କ ସମ୍ପର୍କରେ ସୂଚନା ପାଇଥିଲା।

ଅପରପକ୍ଷେ, ଦାରିଙ୍ଗବାଡି ବଡ଼ଘାଟି ନିକଟରୁ ଏକ ମୃତଦେହ ମିଳିବା ପରେ ରାଜଦୀପଙ୍କ ବାପାକୁ ନେଇ ଚିହ୍ନଟ ପାଇଁ ପୁଲିସ ଡାକିଥିଲା। ରାଜଦୀପଙ୍କ ବାପା ସେଠାକୁ ଯାଇ ଶବ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ପରେ ଶନିବାର ରାତିରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ରାଜଦୀପଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଅପହରଣ ପରେ ହତ୍ୟା ଭଳି ଲୋମହର୍ଷଣ ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରି ନଥିଲେ।। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

**ସାଙ୍ଗ ସାଜିଲା ବଇରୀ**

# ଘରୁ ଡାକିନେଇ ମାରିଦେଲା

ଟିକାବାଲି/ଚକାପାଦ, ୧୯।୪(ସମିସ): ବନ୍ଧୁ ସାଜିଲା ବଇରୀ। ଶିକାର ପାଇଁ ଘରୁ ଡାକିନେଇ ଜଙ୍ଗଲ ଭିତରେ ଗୁଳି କରି ମାରିଦେଲା। କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଲାଇନପଡ଼ା ଫାଣ୍ଡି କୁସୁମେଣ୍ଡି ପଞ୍ଚାୟତର ବୁଢ଼େଣୀ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ମୃତ ନାବାଳକଜଣଙ୍କ ହେଲା, ବିଭୂତି କହଁର (୧୬)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରତାପ କହଁର (୩୦) ଫେରାର୍ ହୋଇଯାଇଥିବା ବେଳେ ଅନ୍ୟତମ ସହଯୋଗୀ ସୁମନ ବିନ୍ଧାଣି (୨୫)କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଏହାସହ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ବୌଦ୍ଧ ଜିଲ୍ଲାରୁ ଏକ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ନମୁନା ସଂଗ୍ରହ କରିଛି। ଟିକାବାଲି ଥାନାଧିକାରୀ ସମୀର କୁମାର ବେହେରାଙ୍କ ସୂଚନା ଅନୁସାରେ, ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ଗତକାଲି ରାତି ପ୍ରାୟ ୯ଟାରେ ବିଭୂତି ଖାଇ ସାରି ଶୋଇବାକୁ ଯାଉଥିଲା। ଏହି ସମୟରେ ଗ୍ରାମର ପ୍ରତାପ ଓ ସୁମନ ଦୁଇଟି ଦେଶୀ ବନ୍ଧୁକ ଧରି ବିଭୂତିଙ୍କ ଘରେ ପହଞ୍ଚିଥିଲେ। ଗାଁ ନିକଟସ୍ଥ କାମୁଟି ଜଙ୍ଗଲକୁ କୁଟୁରା ଶିକାର ପାଇଁ ଯିବାକୁ ସେମାନେ ବିଭୂତିଙ୍କୁ ଡାକିଥିଲେ। ବାପାଙ୍କ ବାରମ୍ବାର ବାରଣ ବିଭୂତି ସାଙ୍ଗମାନଙ୍କ ସହ ଜଙ୍ଗଲକୁ ଯାଇଥିଲା। ଘରୁ ଯିବାର ପ୍ରାୟ ଅଧଘଣ୍ଟା ପରେ ଜଙ୍ଗଲ ମଧ୍ୟରୁ ଗୁଳି ଫୁଟିବାର



ଶବ୍ଦ ଶୁଣାଯାଇଥିଲା। ଏହାର କିଛି ସମୟ ପରେ ଅଭିଯୁକ୍ତ ପ୍ରତାପ କହଁର ବିଭୂତିଙ୍କ ଘରକୁ ଆସି ମୋ' ବନ୍ଧୁକରୁ ଗୁଳି ବାଜି ତୁମ ପୁଅ ମରିଗଲା ବୋଲି କହିଥିଲା। ପରିବାରଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରୁ ରକ୍ତଜୁଡୁବୁଡୁ ବିଭୂତିର ଶବ ଉଦ୍ଧାର କରିଥିଲେ। ଏହି ସମୟରେ ଅଭିଯୁକ୍ତ ପ୍ରତାପ ସେଠାରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ଟିକାବାଲି ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ମୃତକଙ୍କ ବାପା ମାଧବ କହଁରଙ୍କ ଲିଖିତ ଅଭିଯୋଗକ୍ରମେ ଟିକାବାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଜଳଭଣ୍ଡାରରେ ବୁଡ଼ି ଦୁଇ ଛାତ୍ର ମୃତ

ଭଞ୍ଜନଗର, ୧୯।୪ (ସମିସ): ଗାଧୋଇବା ବେଳେ ଜଳଭଣ୍ଡାରରେ ବୁଡ଼ି ଦୁଇଜଣ କଲେଜ ଛାତ୍ର ପ୍ରାଣ ହରାଇଛନ୍ତି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜଳଭଣ୍ଡାରରେ ଏହି ଅଘଟଣ ଘଟିଛି। ମୃତ ଛାତ୍ରଦ୍ୱୟ ହେଲେ, ଲାଲସିଙ୍ଗି ଗ୍ରାମର କାହ୍ନୁ ପ୍ରଧାନ ଏବଂ ଆଶୁତୋଷ ଭୂୟାଁ। ସୂଚନାନୁସାରେ, ରବିବାର ସନ୍ଧ୍ୟାରେ କିଛି ସାଙ୍ଗଙ୍କ ସହ କାହ୍ନୁ ଓ ଆଶୁତୋଷ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ହଠାତ୍ ଦୁଇଜଣଙ୍କ ଗୋଡ଼ ଖସିଯିବାରୁ ଦୁହେଁ ଗଭୀର ଜଳରେ ବୁଡ଼ି ଯାଇଥିଲେ। କେହି କିଛି ଭାବିବା ଆଗରୁ ସବୁ କିଛି ସରିଯାଇଥିଲା। ଅକାତକାତ ପାଣିରେ ବୁଡ଼ି ଉଭୟଙ୍କ ଜୀବନ ଚାଲି ଯାଇଥିଲା। ଖବର ପାଇ ଅଗ୍ନିଶମ



ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଭୀର ଜଳରୁ ଦୁଇଜଣଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

**ଶିକ୍ଷକ ଜନଗଣନା କାର୍ଯ୍ୟରେ ବ୍ୟସ୍ତ**

# ମଧ୍ୟାହ୍ନଭୋଜନରେ ପିଲାଙ୍କୁ ଶୁଖିଲା ଭାତ, ଲୁଣ

ତୁମୁଡିବନ୍ଧ, ୧୯।୪(ସମିସ): କନ୍ଧମାଳ ଜିଲ୍ଲା ଶିକ୍ଷା ବ୍ୟବସ୍ଥାରେ ଏହାର ବିରାଟ ଓ ବିରଳ ବ୍ୟତିକ୍ରମ ଦେଖିବାକୁ ମିଳିଛି। ତୁମୁଡ଼ିବନ୍ଧ ବ୍ଲକ୍ ଝିରିପାଣି ପଞ୍ଚାୟତର ଶିମିଳିପଦର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର କୋମଳମତି ଶିଶୁଙ୍କୁ ନା ମିଳିଛି ଶିକ୍ଷାଦାନ ନା ମିଳିଛି ପୁଷ୍ଟିକର ଖାଦ୍ୟ। ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ମିଳିଛି ଶୁଖିଲା ଭାତ ସାଙ୍ଗକୁ ଲୁଣ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଜଣେ ଶିକ୍ଷକ, ଦୁହେଁ ସରକାରଙ୍କ ଜନଗଣନା କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାରୁ ଜଣେ ମାତ୍ର ସହକାରୀ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ପରିଚାଳିତ ହେଉଛି। ସହକାରୀ ଶିକ୍ଷକ ବିଦ୍ୟାଳୟରେ ଥାଇ ସୁଦ୍ଧା ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇ ନଥିବା ଅଭିଯୋଗ କରିଛନ୍ତି ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ। ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଦେଇନଥିବା ଓ ଡାଲି ନ ଥିବାରୁ କେବଳ ଶୁଖିଲା ଭାତରେ ଲୁଣ ଦେଇ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦେଇଥିବା ସଫେଇ ଦେଇଛନ୍ତି ସହକାରୀ ଶିକ୍ଷକ। ଏଭଳି ଏକ ଅତ୍ୟନ୍ତ ବିରଳ ଏବଂ ବିକଳ ତଥା



ଶିକ୍ଷା ବ୍ୟବସ୍ଥାକୁ କଳଙ୍କିତ କଲା ଭଳି ଘଟଣା ଶିମିଳିପଦର ପ୍ରାଥମିକ ବିଦ୍ୟାଳୟରେ ଘଟିଛି। ବିଦ୍ୟାଳୟରେ ୩୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମଧ୍ୟାହ୍ନଭୋଜନ ସମୟରେ ସେମାନଙ୍କୁ ଭାତ ଡାଲମା ବଦଳରେ ମିଳିଥିଲା କେବଳ ଶୁଖିଲା ଭାତ ଓ ଲୁଣ। ବିଦ୍ୟାଳୟ ବାରିପଟେ ପରିବା ବଗିଚା ଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ପାଇଁ କାମରେ ଲାଗୁନି। ଆଦିମ ଜନଜାତି କୁଟିଆକନ୍ଧ ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କୁ ଶିକ୍ଷକଙ୍କ ଏଭଳି ଖାମାଖିଆଲି ବ୍ୟବହାର ବୁଦ୍ଧିଜୀବୀଙ୍କୁ ଅତିଷ୍ଠ କରିଛି।

ତୁମୁଡିବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) କିମ୍ବା ସିଆରସିସି କେହି ମଧ୍ୟ ନିୟମିତ ବିଦ୍ୟାଳୟ ପରିଦର୍ଶନରେ ଆସୁନଥିବାରୁ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଲାଗି ରହିଛି ବୋଲି ଅଭିଯୋଗ ହେଉଛି। ସିଆର୍‌ସିସି ମାସିକ ଗୋଟିଏରୁ ଦୁଇଦିନ କେବଳ ଝିରିପାଣି ସେକ୍ଟର୍ ଗସ୍ତ କରି ଖାମଖିଆଲି ଭାବେ ବୁଲାବୁଲି ଚାଲିଯାଉଛନ୍ତି। କାର୍ଯ୍ୟରତ ଶିକ୍ଷକଙ୍କୁ ତାଗିଦ କରୁନାହାନ୍ତି। ଏହାର ଫଳ ଶିମିଳିପଦର ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବେଲଘରଠାରୁ ଝିରିପାଣି ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ପାର୍ଶ୍ୱରେ ରହିଥିବା ଏହି ବିଦ୍ୟାଳୟର ଦୃଶ୍ୟ ଯଦି ଏହିଭଳି, ତେବେ ଅନ୍ୟ ଦୁର୍ଗମ ଅଞ୍ଚଳରେ ଥିବା ବିଦ୍ୟାଳୟର ଅବସ୍ଥା ନ କହିବା ଭଲ ବୋଲି ତୁମୁଡିବନ୍ଧର ପୂର୍ବତନ ସରପଞ୍ଚ ମୟନ୍ତୀ ପାଟମାଝି କହିଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବାରୁ ଦୁଇ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ

ବଡ଼ମ୍ବା, ୧୯।୪(ସମିସ): ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ। କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ଭଟ୍ଟାରିକା ପଞ୍ଚାୟତ ଅଞ୍ଚଳରେ ଏପରି ଏକ ଜଘନ୍ୟ କାଣ୍ଡକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ତଥା ନାବାଳିକା ଗାଁର ବିଶ୍ୱରଞ୍ଜନ ଚୌଧୁରୀ (୪୫)କୁ ଗିରଫ କରି କୋର୍ଟଚାଲାଣ କରିଛି।

ଗତ ଶନିବାର ସନ୍ଧ୍ୟାରେ ନାବାଳିକାଜଣଙ୍କ ଟ୍ୟୁସନ୍ ସାରି ଘରକୁ ଫେରୁଥିଲା। ସେହି ସମୟରେ ବିଶ୍ୱରଞ୍ଜନ

**ଅଭିଯୁକ୍ତ ଗିରଫ**

ତାଙ୍କୁ ରାସ୍ତାରୁ ଜୋରଜବରଦସ୍ତ ଟେକିନେଇ ଏକ ପରିତ୍ୟକ୍ତ ଘର ନିକଟରେ ଦୁଷ୍କର୍ମ କରିଥିଲା। ଏପଟେ, ଝିଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ଖୋଜାଖୋଜି କରିବା ସମୟରେ ରାସ୍ତାରେ ଟ୍ୟୁସନ୍ ବ୍ୟାଗ୍ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ନିକଟସ୍ଥ ଏକ ଘର ପଛପଟେ ନାବାଳିକାଜଣଙ୍କ ରକ୍ତାକ୍ତ ଓ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ନାବାଳିକାର ବାପା-ମା' ସେଠାରେ ପହଞ୍ଚି ଅଭିଯୁକ୍ତକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ବିଶ୍ୱରଞ୍ଜନ ସେମାନଙ୍କୁ ମଧ୍ୟ ଆକ୍ରମଣ କରି ସେଠାରୁ ଫେରାର୍ ହେବାକୁ ଉଦ୍ୟମ କରିଥିଲା। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏଭଳି ଜଘନ୍ୟ କାଣ୍ଡ ଘଟିଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ଖବର ପାଇ ବଡ଼ମ୍ବା ଥାନା ଅଧିକାରୀ ପରମାନନ୍ଦ ନାୟକ ସଦଳବଳେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କଟକ ପୋକ୍ସୋ ଟିମ୍ ଏବଂ ସ୍ଥାନୀୟ ପୁଲିସ ମିଳିତ ଭାବେ ଘଟଣାସ୍ଥଳରୁ ରକ୍ତଭିଜା ଚପଲ, କେଶ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛନ୍ତି। ଏ ନେଇ ବଡ଼ମ୍ବା ଥାନାରେ ନମ୍ବର ୧୪୫/୨୬ ଏବଂ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଡାକ୍ତରୀମାଇନା ପରେ ପୀଡ଼ିତାଙ୍କୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଅଭିଯୁକ୍ତକୁ ରବିବାର କୋର୍ଟଚାଲାଣ କରାଯାଇଛି।

# ମା' ହେଲେ ଦୁଷ୍କର୍ମ ପୀଡ଼ିତା ନବମ ଛାତ୍ରୀ

ମନମୁଣ୍ଡା,୧୯।୪(ସମିସ): ଦୁଷ୍କର୍ମପୀଡ଼ିତା ଜଣେ ନବମ ଛାତ୍ରୀ ଏକ ସନ୍ତାନ ପ୍ରସବ କରିଛନ୍ତି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଞ୍ଚଳରେ ଏଭଳି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଆଶ୍ଚର୍ଯ୍ୟର ବିଷୟ ହେଲା, ଛାତ୍ରୀଜଣଙ୍କ ସନ୍ତାନ ପ୍ରସବ କରିବା ପର୍ଯ୍ୟନ୍ତ ସେ ଗର୍ଭବତୀ ଥିବା ତାଙ୍କ ପରିବାରଲୋକ ଜାଣିପାରିନଥିଲେ ବୋଲି କହିଛନ୍ତି। ସୂଚନାନୁଯାୟୀ, ଛାତ୍ରୀଜଣଙ୍କ ମଝିରେ ମଝିରେ ପେଟରେ ପୀଡ଼ା ହେଉଥିବା ତାଙ୍କ ବାପା-ମା'ଙ୍କୁ କହି ଆସୁଥିଲେ। କିନ୍ତୁ ପରିବାରଲୋକ ଏହାକୁ ଗୁରୁତ୍ୱ ଦେଉନଥିଲେ। ଗ୍ୟାସ୍ ଜନିତ ସମସ୍ୟାରୁ ପେଟ କାଟୁଥିବ କହି ଔଷଧ ଦେଉଥିଲେ। ନାବାଳିକାଙ୍କ ବୟସକୁ ଦେଖି ସେ ଯେ ଗର୍ଭଧାରଣ କରିଥିବେ, ତାହା ପରିବାରଲୋକଙ୍କ କଳ୍ପନା ବାହାରେ ଥିଲା। ତେବେ ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ନାବାଳିକାଜଣଙ୍କ ପେଟରେ ଭୀଷଣ ଯନ୍ତ୍ରଣା ଅନୁଭବ କରିବାରୁ ଘରଲୋକେ ତାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ରାତି ପ୍ରାୟ ସାଢ଼େ ୨ଟାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଗାଁର ଜଣେ ପିଲା ତାଙ୍କୁ ଦୁଷ୍କର୍ମ କରିଥିବା ନାବାଳିକାଜଣଙ୍କ ଆଜି ତା' ବାପା-ମା'ଙ୍କୁ କହିବା ପରେ ନାବାଳିକାଙ୍କ ବାପା ମନମୁଣ୍ଡା ଥାନାରେ ଏତଲା ଦେଇଛନ୍ତି।

**ମହିଳାଙ୍କୁ ରାତି ବିତାଇବାକୁ ଡାକିବା ଘଟଣା**

# ତଦନ୍ତ ସରିଗଲା, ମାମଲା ରୁଜୁ ହେଲାନି

- ଏସ୍‌ଡିପିଓଙ୍କ ବିରୋଧରେ ତଦନ୍ତ ଶେଷ, ରିପୋର୍ଟ ଗୁପ୍ତ
- ଅଭିଯୋଗକାରୀଙ୍କ ସହ ଆଲୋଚନା ବିନା ତଦନ୍ତ

ନୟାଗଡ଼,୧୯।୪(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଫତେଗଡ଼ ଗ୍ରାମର ରଶ୍ମିତା କହଁରଙ୍କୁ ହ୍ୱାଟ୍ସଆପରେ ମେସେଜ କରି ପ୍ରେମ ନିବେଦନ କରିବା ଏବଂ ଫୋନ୍ ଜରିଆରେ ରାତି ବିତାଇବାକୁ ଡାକିବା ଘଟଣାର ଅଡିଓ ଭାଇରାଲକୁ ନେଇ ତଦନ୍ତ ଶେଷ ହୋଇଛି। ପୁଲିସ ଡିଜିଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୁଲିସ ତଦନ୍ତ କରି ଡିଜି ଅଫିସରେ ରିପୋର୍ଟ ଦାଖଲ କରିଛି। ତେବେ ଭାଇରାଲ ଅଡିଓକୁ ଆଧାର କରି ପୁଲିସ ଖୋଳତାଡ଼ କରିଥିବା ବେଳେ ପୀଡ଼ିତାଙ୍କ ସହ କୌଣସି ଆଲୋଚନା କରିନାହିଁ। ନୟାଗଡ଼ର ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବାନୁସାରେ, ଭାଇରାଲ ଅଡିଓ ଆଧାରରେ ତଦନ୍ତ କରାଯାଇଛି। ଥାନାରେ କୌଣସି ଏତଲା ହୋଇନାହିଁ। ଯେଉଁଥିପାଇଁ ମାମଲା ରୁଜୁ କରାଯାଇନାହିଁ। କିନ୍ତୁ, ବିଭାଗୀୟ ତଦନ୍ତ ହୋଇଥିବାରୁ କୌଣସି ସୂଚନା ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି। ଅନ୍ୟପଟେ, ତଦନ୍ତ ସମୟରେ ଅଭିଯୋଗକାରୀ ମହିଳାଙ୍କ ସହ ପୁଲିସ୍ ଟିମ୍ ଆଲୋଚନା କରିନଥିବା ଜଣାପଡ଼ିଛି। ଏସ୍‌ଡିପିଓଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ ହୋଇଥାଇପାରେ ବୋଲି ମତ ପ୍ରକାଶ ପାଇଛି।

ଫତେଗଡ଼ ଗ୍ରାମର ରଶ୍ମିତା କହଁର ଆଣିଥିବା ଅଭିଯୋଗ ପୁଲିସ ବିଭାଗକୁ ନିନ୍ଦିତ କରିବା ସହ ଆଇନ ରକ୍ଷକ ଭକ୍ଷକ ସାଜିଥିବା ମତ ପ୍ରକାଶ ପାଉଛି। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଏକଦମ୍ ଖାସ ଭାବେ ଦଳୀୟ ଭିତ୍ତିରେ କାର୍ଯ୍ୟ କରୁଥିବା ଏସ୍‌ଡିପିଓ ପ୍ରଧାନଙ୍କୁ ନେଇ ବାରମ୍ବାର ନୟାଗଡ଼ ଏସପିଙ୍କ ନିକଟକୁ ଅଭିଯୋଗ ଆସିଛି। ଅନେକ ଯୁବକଙ୍କୁ ଏସ୍‌ଡିପିଓ ହଇରାଣ କରିବା, ମିଛ ମାମଲାରେ ଗିରଫ କରିବା ଭଳି ପୂର୍ବରୁ ଅନେକ ଅଭିଯୋଗ ରହିଛି। ଏବେ ରଶ୍ମିତାଙ୍କ ସହ ଘଟିଥିବା ଘଟଣାର ଫୋନ୍ ବାର୍ତ୍ତାଳାପ, ହ୍ୱାଟ୍ସଆପ୍ ଚାଟ୍ ସାମ୍ନାକୁ ଆସିବା ପରେ ଏସ୍‌ଡିପିଓଙ୍କ ଅସଲ ଚେହେରା ସାମ୍ନାକୁ ଆସିଛି।

ରଶ୍ମିତା ଏ ନେଇ ଫତେଗଡ଼ ଥାନାକୁ ଏସ୍‌ଡିପିଓଙ୍କ ନାମରେ ଲିଖିତ ଅଭିଯୋଗ ପଠାଇଥିବା ବେଳେ ପୁଲିସ ଉକ୍ତ ଅଭିଯୋଗ ପାଇନଥିବା କହୁଛି। ରଶ୍ମିତାଙ୍କ ଅଭିଯୋଗ ଅନୁଯାୟୀ, ପିଲା କଳିକୁ ନେଇ ଫତେଗଡ଼ ଗ୍ରାମର ଜଣେ ବ୍ୟକ୍ତି ସହ ତାଙ୍କ ବିବାଦ ସମ୍ପର୍କିତ ଏକ ମାମଲା ଫତେଗଡ଼ ଥାନାରେ ରହିଥିଲା। ଉକ୍ତ ମାମଲାର ସମାଧାନ କରିବାକୁ ଯାଇ ତତ୍କାଳୀନ ଏସ୍‌ଆଇ ଅରୂପ କୁମାର ନାୟକ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରି କାନ ଫଟାଇ ଦେଇଥିଲେ। ଉକ୍ତ ମାମଲାର ସମାଧାନ କରିବା ପାଇଁ ଖଣ୍ଡପଡ଼ା ଏସଡିପିଓ ରଶ୍ମିତାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଡାକି ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟା କରିଛନ୍ତି। ତାଙ୍କୁ ହୋଟେଲ ଯିବା, ବାହାରକୁ ଯାଇ ଗପିବା ଆଦି ବିଭିନ୍ନ ବାହାନା ଦେଖାଇ ମାନସିକ ଚାପ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ କୌଣସି ଏକ ମାମଲାରେ ଗିରଫ କରିବାକୁ ଧମକ ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଛନ୍ତି। ରଶ୍ମିତାଙ୍କୁ ଏସ୍‌ଡିପିଓ ଶାଢ଼ି ଖୋଲିବା ଅବସ୍ଥାରେ ଫଟୋ ମାଗିବା ସହ ବାରମ୍ବାର ତାଙ୍କ ସହ ଦୈହିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି।

10001/69/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/000

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

# ବଢୁଛି ତାତି; ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ

ଅସ୍ତରଙ୍ଗ,୧୯।୪(ସମିସ)

ବଢୁଛି ଭୀଷଣ ତାତି। ପ୍ରତ୍ୟେକ ଦିନ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ସଚେତନତା ଜାରି ରହିଛି। ପ୍ରତ୍ୟେକ ଜାଗାରେ ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ସରକାରଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଯାତ୍ରୀମାନଙ୍କ ପାଇଁ ନାହିଁ ପାନୀୟ ଜଳର ସ୍ୱତନ୍ତ୍ର ବ୍ୟବସ୍ଥା। ଯାହାକୁ ନେଇ ଅନେକ ସମୟରେ ଯାତ୍ରୀମାନେ ପାଣି ଟୋପେ ପାଇଁ ହନ୍ତସନ୍ତ ହେଉଛନ୍ତି। ଗୋଟେ ପଟେ କହିବାକୁ ଗଲେ ଅସ୍ତରଙ୍ଗ ହେଉଛି ପୁରୀ ଜିଲ୍ଲା ଉପକୂଳର ଶେଷ ଭୌଗୋଳିକ ସୀମାରେଖାର ଅଞ୍ଚଳ। ଏଠାରେ ଆଜି ବି ଅନେକ ପଞ୍ଚାୟତରେ ବିଶୁଦ୍ଧ ଜଳ ଟୋପାଏ ସ୍ଥାନୀୟ ଲୋକେ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନେକ ସ୍ଥାନରେ ଅତ୍ୟଧିକ ଆଇରନ ଯୁକ୍ତ ପାଣି ଯୋଗୁଁ ଲୋକଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ସେହି କାରଣରୁ ପଞ୍ଚାୟତର ଯୋଗାଣ ଜଳ ଉପରେ ଆଜି ବି ଅନେକ ଲୋକ ନିର୍ଭର କରୁଥିବାବେଳେ କେତେବେଳେ ଯୋଗାଣ ଜଳ ଆସୁଛି ତ କେତେବେଳେ ନାହିଁ। ନୂତନ ସରକାର ଆସିବା ପରେ ବିଗତ ଦିନରେ ନିର୍ଦ୍ଦେଶ ଦିଆଯାଇଥିଲା ଗ୍ରୀଷ୍ମ ପ୍ରବାହରେ ପ୍ରତ୍ୟେକ ଅଞ୍ଚଳରେ ପାନୀୟ ଜଳର ସଙ୍କଟ ଦୂର କରିବାକୁ। ମାତ୍ର ଅନେକ ବ୍ଲକ୍‌ରେ ଏହି ଅସୁବିଧାର କିଛି ସମାଧାନ ହେଇଥିଲେ ବି ଅସ୍ତରଙ୍ଗ ବ୍ଲକ୍‌ରେ ଏହି ସମସ୍ୟା ଯଥା ପୂର୍ବଂ ତଥା ପରଂ ସମାନ ପରିସ୍ଥିତି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଅସ୍ତରଙ୍ଗ ବ୍ଲକ୍‌ରେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଯାତ୍ରୀ ପାରାଦ୍ୱୀପ, କଟକ, ଭୁବନେଶ୍ୱର, ପୁରୀ ଯାଉଥିବାବେଳେ ଅନେକ ସଂଖ୍ୟାରେ ଯାତ୍ରୀ ଘରୋଇ ବସ୍ ଉପରେ ନିର୍ଭର କରୁଛନ୍ତି। ମାତ୍ର ଘରୋଇ ବସ୍ ଏଠି ଅସ୍ଥାୟୀ ଷ୍ଟାଣ୍ଡ ପାଇଁ ରହୁନାହାନ୍ତି। ବସ୍‌ଗୁଡ଼ିକର ପର୍‌ମିଟ୍ ଯଦିଓ ଅଛି ଅସ୍ତରଙ୍ଗ କିନ୍ତୁ ରହୁଛନ୍ତି କାକଟପୁରରେ। କାରଣ ଏଠି ପାନୀୟଜଳର ଅସୁବିଧା ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଯାତ୍ରୀମାନେ ବଜାରକୁ କିଣାବିକା ପାଇଁ ଆସିଲେ ଏଠି କୌଣସି ସ୍ଥାନରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଯେଉଁ କାରଣରୁ ପାନୀୟ ଜଳ କିଣି ପିଇବାକୁ ବାଧ୍ୟ ହେଉଛନ୍ତି। ତଥାପି ଅସ୍ତରଙ୍ଗ ବ୍ଲକ୍ ପ୍ରଶାସନ ଏଥିପାଇଁ ନିରବଦ୍ରଷ୍ଟା ସାଜିଛନ୍ତି। ଯଦି ଜଣେ ଗରିବ ଅସହାୟ ଲୋକଟିଏ ଆସିବ ତାହେଲେ ସେ କେତେ ପାଣି କିଣିବ। କାରଣ ଯେଉଁଠି ନଳକୂଅ ଅଛି ସେଠି ପାଣି ସମ୍ପୂର୍ଣ୍ଣ ଆଇରନ ଯୁକ୍ତ। ବାଧ୍ୟ ହୋଇ ଅନେକ ଲୋକ ଏହି ପାଣିକୁ ପିଇ ରୋଗକୁ ସାଙ୍ଗରେ ନେଇ ଘରକୁ ଯାଉଛନ୍ତି। ଅସ୍ତରଙ୍ଗ ବ୍ଲକ୍, ଥାନା, ତହସିଲ୍, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବଜାରକୁ ଦୈନିକ ହଜାର ହଜାର ଲୋକ ନିଜର କାମ ପାଇଁ ଆସି ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଅସ୍ତରଙ୍ଗ ବଜାରରେ ଗ୍ରୀଷ୍ମ ପ୍ରବାହ ପାଇଁ ସ୍ଥାୟୀ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



# ଭୂତଳ ଜଳ ହ୍ରାସ ଯୋଗୁଁ ନଳକୂଅ ଓ ଗଭୀର କୂଅ ଅଚଳ

କଣାସ,୧୯।୪(ସମିସ): କଣାସ ବ୍ଲକ୍ ଚିଲିକା କୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷ ସାରା ଏଠାରେ ପାନୀୟଜଳ ସମସ୍ୟା ଲାଗି ରହିବାରୁ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୯୦୦ରୁ ଊର୍ଦ୍ଧ୍ୱ ନଳକୂଅ ଓ ୬୦ରୁ ଊର୍ଦ୍ଧ୍ୱ ଗଭୀର କୂଅ ଖନନ କରାଯାଇଥିଲା। ଲୁଣିପାଣି ପଡ଼ିବା ହେତୁ ଅର୍ଦ୍ଧାଧିକ ନଳକୂଅର ଜଳକୁ ଗ୍ରାମବାସୀମାନେ ବ୍ୟବହାର ନ କରିବାରୁ ଉକ୍ତ ନଳକୂଅଗୁଡ଼ିକ ଭାଙ୍ଗିରୁଜି ଯାଇଥିଲା। ଯେଉଁ କେତେକ ନଳକୂଅ କାମ କରୁଥିଲା ଅସହ୍ୟ ରୌଦ୍ରତାପ ଯୋଗୁଁ ଭୂତଳ ଜଳସ୍ତର ହ୍ରାସ ପାଇବାରୁ ଅନେକ ନଳକୂଅରୁ ବାଲିମାଟି ମିଶ୍ରିତ ଜଳ ବାହାରୁଥିବାରୁ ତାହା ପାନୀୟ ପାଇଁ ଉପଯୋଗୀ ହେଉନାହିଁ। ଅନେକ ଗଭୀର କୂଅ ମଧ୍ୟ ଶୁଖିଗଲାଣି। ବ୍ଲକ୍ ପ୍ରଶାସନ ପକ୍ଷରୁ ସରପଞ୍ଚମାନଙ୍କୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବାକୁ ନିର୍ଦ୍ଦେଶ ଦେବାରୁ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଣ ଚାଲିଛି। ତାହା ସମୁଦ୍ରକୁ ଶଙ୍ଖେ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।



# ୨୯ରେ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ବିକ୍ଷୋଭ



ନିମାପଡ଼ା,୧୯।୪(ସମିସ): ରାଜ୍ୟରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକଙ୍କ ୬ ଦଫା ଦାବି ପୂରଣ ନିମନ୍ତେ ଆସନ୍ତା ୨୯ ତାରିଖରେ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନ କ୍ରମେ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ରବିବାର ପୁରୀ ଜିଲ୍ଲା ପେସାଦର ସାମ୍ବାଦିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ନିମାପଡ଼ାରେ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କାର୍ଯ୍ୟକାରୀ ସଭାପତି କମଳ ଲୋଚନ ଦୀକ୍ଷିତ୍, ଉପସଭାପତି ସଞ୍ଜୟ କୁମାର ପତି, ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ କୁମାର କର, ସାଧାରଣ ସମ୍ପାଦକ ଆଦିତ୍ୟ କୁମାର ରାଉତ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁ, ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ତଥା ଉପଦେଷ୍ଟା ଅକ୍ଷୟ କୁମାର ବେହେରା, ଭାଗବତ ସ୍ୱାଇଁ, ସୁଦର୍ଶନ ବେହେରା, ବିଶ୍ୱଜିତ୍ ମିଶ୍ର, ମୋହନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୨୯ ତାରିଖ କାର୍ଯ୍ୟକ୍ରମକୁ ସଫଳ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା।

# ଗୁରୁ ଭକ୍ତ ସମ୍ମିଳନୀ ଅଧିବାସ
# ପ୍ରେମାଚାର୍ଯ୍ୟଙ୍କ ଶ୍ରୀବିଗ୍ରହ ପରିକ୍ରମା

ନୟାହାଟ,୧୯।୪(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ରାଜ୍ୟସ୍ତରୀୟ ୬୦ତମ ବାର୍ଷିକ ଗୁରୁ ଭକ୍ତ ସମ୍ମିଳନୀର ରବିବାର ଅଧିବାସ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସମସ୍ତ ମନ୍ଦିରରେ ନୂତନ ଧ୍ୱଜା ବନ୍ଧନ, କଳସ ସ୍ଥାପନ କରାଯିବା ପରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଗହଣରେ ଗୁରୁଦେବ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଶ୍ରୀବିଗ୍ରହ ଓ ପାଦୁକା ସୁସଜ୍ଜିତ ପୁଷ୍ପ ବିମାନରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାପନ କରାଯାଇ ଅଞ୍ଚଳ ପରିକ୍ରମା କରାଯାଇଥିଲା। ନାମ କୀର୍ତ୍ତନ, ହୁଳହୁଳି, ଶଙ୍ଖ ଧ୍ୱନୀ ସହିତ ଓଡ଼ିଶୀ ନୃତ୍ୟ, ଘଣ୍ଟପାଟୁଆ, ନାଗା ନାଚ, କଣ୍ଢେଇ ନାଚ, ଘୋଡ଼ା ନାଚ, ମର୍ଦ୍ଦଳ, ଢୋଲ ବାଜା, ବାଘ ଭାଲୁ ନାଚ ଆଦି ପରିବେଷଣ କରାଯାଇଥିଲା। ସର୍ବଶ୍ରୀ ବସନ୍ତ ପାତ୍ର, ଜ୍ଞାନ ରଞ୍ଜନ ମହାନ୍ତି, ଦେବ ରାୟ, କୃଷ୍ଣ ଚନ୍ଦ୍ର ଓଝା ଓ ବ୍ରହ୍ମା ଭାଇଙ୍କ ଉଦ୍ୟମରେ ଏହି ବିଶାଳ ଧର୍ମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲେ। ଏହି ଦଳ ନୂଆପାଟଣା, ମା' ପୁଣ୍ୟେଶ୍ୱରୀ, ନୟାହାଟ ବଜାର, ବାସୁଦେବ ମନ୍ଦିର, ମା' ବିଶ୍ୱେଶୋରୀ ଧୂମାଳ, ନରସିଂହପୁର ଶାସନ, ନିପାଣିଆ ଗଡ଼ ଓ ମା' ଚର୍ଚ୍ଚିକା ଠାକୁରାଣୀ ଇତ୍ୟାଦି ସ୍ଥାନ ପରିକ୍ରମା କରିଥିଲେ। ବର୍ଷକରେ ଗୁରୁ ଭକ୍ତ ସମ୍ମିଳନୀରେ ସ୍ୱୟଂ ଗୁରୁଦେବ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଭେଟି ପୁଣ୍ୟ ସମ୍ମିଳନୀରେ ଯୋଗଦେବା ପାଇଁ ଆହ୍ୱାନ କରିଥା'ନ୍ତି। ଏହି ସ୍ମୃତିକୁ ସାଉଁଟି ସମସ୍ତ ଭକ୍ତ ପ୍ରୟାସ କରିଛନ୍ତି ବୋଲି ପ୍ରଚାରପ୍ରସାର ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଉକ୍ତ ଶୋଭାଯାତ୍ରାରେ ଡ. ରତ୍ନାକର ମହାନ୍ତି, ସବିତା ଦାସ, ଶକୁନ୍ତଳା ଦାଶ, ସୁଚେତା ଦାସ, ସୁରେନ୍ଦ୍ର ପାତ୍ର, ଗୁରୁଦତ୍ତ ମହାପାତ୍ର, ଗୋବିନ୍ଦ ରାୟ, ଗୁରୁକୃଷ୍ଣ ଭାଇ, ଲିକୁ ଭାଇ, ବିଜୁ ଭାଇ, ସମ୍ବଲପୁରର ରମେଶ ଜେନା, ଚରଣ ଭାଇ, ରତିକାନ୍ତ ଭାଇ, କାହ୍ନୁ ଭାଇ, ରାଜୁ ଭାଇ ପ୍ରମୁଖ ପରିଚାଳନା କରିଥିଲେ।



# ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ସଫଳତା

ସାକ୍ଷୀଗୋପାଳ,୧୯।୪(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଏଥିରେ ପୁରୀ ଜିଲ୍ଲା ସତ୍ୟବାଦୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ୍ ୮୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଆଶୀର୍ବାଦ ମିଶ୍ର ୯୯.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଶୀର୍ଷ ସ୍ଥାନ ଅଧିକାର କରିଥିବା ସହ ରାଜ୍ୟରେ ଥିବା ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧ୍ୟରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିପାରିଛନ୍ତି। ସତ୍ୟଜିତ୍ ସେଠୀ ୯୮.୪ ପ୍ରତିଶତ ମାର୍କ ସହ ଦ୍ୱିତୀୟ ଏବଂ ତୁଳସୀ ନାୟକ ୯୮ ପ୍ରତିଶତ ମାର୍କ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ସାମଗ୍ରିକ ଶିକ୍ଷାଦାନର ମାନକୁ ପ୍ରମାଣିତ କରି ୯ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ଶହେରୁ ଶହେ ମାର୍କ ରଖିବାକୁ ସକ୍ଷମ ହୋଇଛନ୍ତି। ବିଦ୍ୟାଳୟର ୧୦ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବାବେଳେ ୨୬ ଜଣ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ, ୫୫ ଜଣ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ ୭୬ ଜଣ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଗୌରବମୟ ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମହଲରେ ଉତ୍ସାହର ପରିବେଶ ଦେଖାଦେଇଛି। ଶିକ୍ଷକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଏବଂ ପିଲାମାନଙ୍କ ନିଷ୍ଠାପର ପରିଶ୍ରମ ଯୋଗୁଁ ଏହି ସଫଳତା ମିଳିଛି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିବା ସହ ସମସ୍ତ କୃତୀ ପରୀକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# କୁଣେଇରେ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ

କୋଣାର୍କ,୧୯।୪(ସମିସ): ରବିବାର କୋଣାର୍କ ଏନ୍‌ଏସି ଅନ୍ତର୍ଗତ କୁଣେଇ ଗ୍ରାମରେ ବିଶ୍ୱଶାନ୍ତି ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ୨୫ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଆସନ୍ତା ୨୮ ତାରିଖରେ ସମ୍ପନ୍ନ ହେବ। ରବିବାର ଶୁଭାଧିବାସ ଅବସରରେ ପୂର୍ବାହ୍ଣରେ ଚନ୍ଦ୍ରଭାଗା ତୀର୍ଥରୁ କୁଣେଇ ହାଟପଡ଼ିଆ ସଂଲଗ୍ନ ଯଜ୍ଞମଣ୍ଡପ ପର୍ଯ୍ୟନ୍ତ କଳସ ଶୋଭାଯାତ୍ରା, ବିଗ୍ରହ ପ୍ରତିଷ୍ଠା, ଆଦ୍ୟପୂଜା ଓ ହୋମ ସମ୍ପନ୍ନ ହେବା ସହିତ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନବଦିନବ୍ୟାପୀ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରତ୍ୟହ ସକାଳୁ ହନୁମାନ ଚାଳିଶା ପାଠ ଓ ଶ୍ରୀରାମ ଚରିତ ମାନସ ଗ୍ରନ୍ଥ ପାରାୟଣ ହେବା ସହିତ ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହେବ। ବାବା ମୈଥିଳି ଦାସ ବ୍ୟାସ ଭୂମିକାରେ ମାନସ ଗ୍ରନ୍ଥ ପାଠ ଏବଂ ବିଭିନ୍ନ ସନ୍ଧ୍ୟାରେ ପ୍ରବକ୍ତା ପୁରୁଷୋତ୍ତମ ଦାଶ, ପଣ୍ଡିତ ରତ୍ନାକର ନାୟକ, ପଣ୍ଡିତ ରବୀନ୍ଦ୍ର ଦାଶ, ପଣ୍ଡିତ ବସନ୍ତ ପଣ୍ଡା ଓ ପ୍ରବକ୍ତା ଅନନ୍ତ ପରିଡ଼ା ପ୍ରବଚନ ଦେବେ।



# କଣାସ ଅଞ୍ଚଳରେ ଅଜଣା ରୋଗରେ ଅନେକ ଆକ୍ରାନ୍ତ

କଣାସ,୧୯।୪(ସମିସ): କଣାସ ବ୍ଲକ୍‌ର ବିଭିନ୍ନ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ଅନେକ ଲୋକ ଅଜଣା ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ରୋଗର ଲକ୍ଷଣ ହେଲା ପ୍ରଥମେ ନଳିଗୋଡ଼ ମାଂସପେଶୀ ଦରଜ ହେବା ସଙ୍ଗେ ସଙ୍ଗେ ବିନ୍ଧା ହେଉଛି। ଦୁଇଗୋଡ଼ର ଆଣ୍ଠୁ, ଅଣ୍ଟା, ଦୁଇହାତର ଗଣ୍ଠି ଦରଜ ହେଉଥିବାରୁ ଏହି ରୋଗରେ ଆକ୍ରାନ୍ତ ଲୋକମାନେ ଯାତାୟାତ କରିପାରୁ ନ ଥିବା ଜଣାପଡ଼ିଛି। ବଡାଲ ପଞ୍ଚାୟତ ହରିପୁର ଗ୍ରାମର ଯୋଗେନ୍ଦ୍ର ସାହୁ, ଧବେଳଶ୍ୱର ସାହୁ, ରୁନି ସାହୁ, ବୈକୁଣ୍ଠ ସାହୁ, ନିଶାମଣି ମଙ୍ଗରାଜ, ଦମୟନ୍ତୀ ସାହୁ, ଆଶା ସାହୁ, ଅର୍ଜୁନ ସାହୁ ଏହି ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଗଙ୍ଗାଧରପୁର, ସରସ୍ୱତୀ ନଗର, ଅଡାଲ, ବଡାଲ, ଓଗାଳପୁର, ବିଣ୍ଟିପୁର ଗ୍ରାମରେ ଅନେକ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଥିବା ଜଣାପଡ଼ିଛି। ଗ୍ରାମବାସୀମାନେ କୁହନ୍ତି, ପାନୀୟଜଳ ସମସ୍ୟାକୁ ନେଇ ଏହି ରୋଗ ଗାଁକୁ ଗାଁ ବ୍ୟାପିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟିଦେବାକୁ ଉକ୍ତ ଗ୍ରାମବାସୀ ଦାବି କରିଛନ୍ତି।

# ପଣାଯାତ୍ରା ମହୋତ୍ସବରେ ପ୍ରତିଭା ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୧୯।୪(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ତିତିପ ପଞ୍ଚାୟତର ଦେଉଳପଡ଼ାଠାରେ ୩୫ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ଚାଲିଥିବା ୭୯ତମ ପଣାଯାତ୍ରା ମହୋତ୍ସବରେ ପ୍ରତିଭା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଐତିହାସିକ ପଣାଯାତ୍ରା ମହୋତ୍ସବ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କୁ ଉତ୍ତରୀୟ ସହିତ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ୩୫ମୌଜା ପରିଚାଳନା କମିଟି, ଧନିଶ୍ରୀ କନ୍‌ଷ୍ଟ୍ରକ୍ସନ ବଡ଼ଝାଡ଼, ବାବା କମଳେଶ୍ୱର ଦେବ ଗୋଲ୍‌ଡେନ କ୍ଲବ୍ ପକ୍ଷରୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଭାଷ୍ୟକାର, ବିମାନରେ ବିଜେ କରିଥିବା ଠାକୁରଙ୍କ ଟାହ୍ୟା ପ୍ରତିଯୋଗିତା ତଥା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯାତ୍ରା ପଡ଼ିଆର ସ୍ୱଚ୍ଛତା ନିମନ୍ତେ ବାବା କମଳେଶ୍ୱର ଦେବ ଗୋଲ୍‌ଡେନ କ୍ଲବ୍‌ର ସଭାପତି ଉତ୍କଳ କେଶରୀ ଜେନା, ସମ୍ପାଦକ ବିକାଶ କୁମାର ଜେନା ଏବଂ ଗ୍ରୀନ୍ ପାରିକୁଦ ସଂଗଠନର ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନ୍ଦର ଟାହ୍ୟା ନିମନ୍ତେ ଟୁବୁକାର ରାମଚନ୍ଦ୍ର ଦେବ ଏବଂ ଗୋଲପୁରର ବାଲୁଙ୍କେଶ୍ୱର ଦେବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୁଳସୀ ଗଣନାଟ୍ୟରେ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ପାରିକୁଦ ମାଟିର ଝିଅ ସୋନାଲି ପଣ୍ଡା (କାଗଜି ପଲେଇ) ଓ ମାଲୁଦ ଅଗ୍ନିଶମ ଅଧିକାରୀ ପ୍ରଦୀପ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଦିଲ୍ଲୀପ ଦାଶ, ଅକ୍ଷୟ କୁମାର ସାମନ୍ତସିଂହାର, କାଶୀନାଥ ଜେନା, ଟୁକୁନା କର, ଅଶୋକ ଜେନା, ଗଣେଶ ତରେଇ, ଦେବରାଜ ଜେନା ପ୍ରମୁଖ ମଞ୍ଚ ସଞ୍ଚାଳନ କରିଥିଲେ।



# ସତ୍ୟଭାମା ଶବ୍ଦରାଗର ବାର୍ଷିକ ଉତ୍ସବ

ସାକ୍ଷୀଗୋପାଳ,୧୯।୪(ସମିସ): ସତ୍ୟଭାମା ଶବ୍ଦରାଗ-୨୦୨୬ର ଚତୁର୍ଥ ବାର୍ଷିକ ଉତ୍ସବ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ କାଦୁଆ ପଞ୍ଚାୟତର ବରାଳ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଓଡ଼ିଆ ଭାଷାବିତ୍ ପ୍ରାଧ୍ୟାପକ କୈଳାଶ ଚନ୍ଦ୍ର ଟିକାୟତରାୟ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଓଡ଼ିଶା ରାଜ୍ୟ ପାଲା ଗାୟକ ପରିଷଦର ସଭାପତି ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା, ଓଡ଼ିଶା ବିଧାନସଭାର ପୂର୍ବତନ ଅନୁଶାସନ ସଚିବ ସୁରେଶ କୁମାର ନାୟକ, ଜ୍ୟୋତିର୍ବିତ୍ ନିରଞ୍ଜନ ମହାପାତ୍ର, ପ୍ରକାଶନ ସଂସ୍ଥା ଆଦିତ୍ୟ ପବ୍ଲିକେସନର ସମ୍ପାଦକ ଦେବାଶିଷ ସାମନ୍ତରାୟ, ମେକ୍ ଇନ୍ ମିଡିଆ ଆଣ୍ଡ ଇଣ୍ଡିଆର ଅଧ୍ୟକ୍ଷ ସାମ୍ବାଦିକ ଦିଲ୍ଲୀପ କୁମାର ଧାଉଡିଆ ପ୍ରମୁଖ ଆୟୋଜିତ ସଭାରେ ଅତିଥି ଭାବେ ଯୋଗଦେଇ ସମବେତ ସାରସ୍ୱତ ସାଧକମାନଙ୍କୁ ସମ୍ବୋଧିତ କରିଥିଲେ। ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସ୍ମରଣିକା 'ସତ୍ୟଭାମା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାହିତ୍ୟ, କଳା ସଂସ୍କୃତି ଓ ସାମ୍ବାଦିକତା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ଓଡ଼ିଶୀ ନୃତ୍ୟାଙ୍ଗନା ସୁଦତ୍ତା ସାଙ୍ଗସ୍ନାତା ମିଶ୍ର ନବଦୁର୍ଗା ନୃତ୍ୟ ପରିବେଷଣ କରିଥିଲେ। ସଦାଶିବ ବରାଳ, ବିଜୟ ଚନ୍ଦ୍ର ସାମନ୍ତରାୟ, ସୁଧୀର ସ୍ୱାଇଁ, ହେମେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ବିଶ୍ୱାଳ, ବିଶ୍ୱନାଥ ପଟ୍ଟନାୟକଙ୍କ ସହଯୋଗରେ ମାନସରଞ୍ଜନ ପଟ୍ଟନାୟକ ଓ ରମେଶ ଚନ୍ଦ୍ର ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବୀ ପ୍ରସାଦ ମହାପାତ୍ର ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କବି ଶବ୍ଦଭାରତୀ ଦେବଦତ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ସହିଦ ବିଜୟଙ୍କ ବଳିଦାନ ଦିବସ ଓ ସ୍ମୃତି ସମାରୋହ

ନିମାପଡ଼ା,୧୯।୪(ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମର ସହିଦ ବିଜୟ କୁମାର ଭୋଇଙ୍କ ବଳିଦାନ ଦିବସ ଓ ସ୍ମୃତି ସମାରୋହ ସଭା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ପିଏଫ୍ ଭୁବନେଶ୍ୱରଙ୍କ ଦ୍ୱାରା ଆୟୋଜିତ ବଳିଦାନ ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ସିଆର୍‌ପିଏଫ୍ ଡିଆଇଜି ଭରତ ଭୂଷଣ ସେଠୀ, ଏସ୍‌ଆଇ ପୁରୁଷୋତ୍ତମ କର, ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ସ୍ୱାଇଁ, ପ୍ରାକ୍ତନ ପ୍ରଧାନଶିକ୍ଷକ ଶରତ କୁମାର ସେନାପତି, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, ସ୍କୁଲ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ସେନାପତି, ସଦସ୍ୟ ବିଜୟ କୁମାର ସେନାପତି, ସହିଦଙ୍କ ଧର୍ମପତ୍ନୀ ସରୋଜିନୀ ଭୋଇ ଓ ଦୁଇ ଝିଅଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସହିଦଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଡିଆଇଜିଙ୍କ ଦ୍ୱାରା ସହିଦଙ୍କ ପତ୍ନୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଥମେ ସହିଦଙ୍କ ପ୍ରତମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ୧୯୮୮ ଏପ୍ରିଲ ୧୯ରେ ମଣିପୁର ଇମ୍ଫାଲ୍‌ଠାରେ ସନ୍ତ୍ରାସବାଦୀ(ଏନ୍‌ଏସ୍‌ସିଏନ)ଙ୍କ ଆକ୍ରମଣରେ ସହିଦ ହୋଇଥିଲେ ବିଜୟ। ଆଜି ତାଙ୍କର ସେହି ବଳିଦାନ ଦିବସକୁ ମନେ ପକାଇ ସିଆର୍‌ପିଏଫ୍ ତରଫରୁ ଭବ୍ୟ ସଭାର ଆୟୋଜନ କରାଯାଇଥିଲା। ସହିଦ ବିଜୟ ଅମର ରହେ ଧ୍ୱନୀରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇପଡ଼ିଥିଲା। କାର୍ଯ୍ୟକ୍ରମକୁ ଏସ୍‌ଆଇ ପୁରୁଷୋତ୍ତମ କର ସଂଯୋଜନା କରିଥିବାବେଳେ ପ୍ରଧାନଶିକ୍ଷକ ମନୋରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



# ମହାବୀର ମନ୍ଦିରର ୮ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ

କଣାସ,୧୯।୪(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ଗଡ଼ମାଟିଆପଡ଼ା ଗ୍ରାମର ମହାବୀର ସାଂସ୍କୃତିକ ପରିଷଦର ସଭାପତି ତପନ କୁମାର ଚମ୍ପତିରାଙ୍କ ଅଧ୍ୟକ୍ଷତାରେ ଶ୍ରୀମହାବୀର ମନ୍ଦିରର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ରାଜ୍ୟସ୍ତରୀୟ ପ୍ରତିଭା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଲେଖକ, ଗୀତିକାର, ସ୍ତମ୍ଭକାର ଓ ନାଟ୍ୟକାର ବିଜୟ ଦାସ, ବିଶିଷ୍ଟ ଅତିଥି ଭାବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ଅଶ୍ରୁମୋଚନ ମହାନ୍ତି, ଅଭିନେତା ଶ୍ରୀଚନ୍ଦନ କର, ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା, ଯାତ୍ରା ଜଗତର ହାସ୍ୟ ଅଭିନେତା ସାନମଣି, ନେଉଳ, ଶିଶୁ କଳାକାର ଆୟାନ ଓ ଆନ୍ୟା (ସୁପ୍ରୀତି), ଗୁରୁଶ୍ରୀ ସୁଜିତ୍ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ଭୀମସେନ ପାଇକରାୟ ଆଦି ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଶିଶୁ ସାହିତ୍ୟିକ ତଥା କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ହେମନ୍ତ କୁମାର ଛୋଟରାୟ ସମସ୍ତ ଅତିଥିଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ, କଣାସର ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସୁଶାନ୍ତ ନରେନ୍ଦ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବୀର ସାଂସ୍କୃତିକ ପରିଷଦ ଦ୍ୱାରା "ଗଡ଼ପ୍ରଦୀପ" ମୁଖପତ୍ର ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀ ଲଳିତା ପରିଡ଼ାଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହାବୀର ସାଂସ୍କୃତିକ ପରିଷଦର ସମ୍ପାଦକ ନୀଳଗ୍ରୀବ ଶ୍ରୀଚନ୍ଦନ, ଯୁଗ୍ମ ସମ୍ପାଦକ ବିଶ୍ୱଭୂଷଣ ମଙ୍ଗରାଜ, କୋଷାଧ୍ୟକ୍ଷ ଅଜୟ ବେହେରା, ଉପସଭାପତି ଶୁଭାଶିଷ ପାହାନ୍ତାସିଂହ, ସୁନିଲ ମଙ୍ଗରାଜ, ଯଯାତି କେଶରୀ ହରିଚନ୍ଦନ, ବିପିନ ବିହାରୀ ଚମ୍ପତିରାୟ, ସୌମ୍ୟରଞ୍ଜନ ପଶ୍ଚିମକବାଟ, ଅନନ୍ତ ବାହୁବଳେନ୍ଦ୍ର, କ୍ଷୀରୋଦ ଚହଟରାୟ ପ୍ରମୁଖ ପରିଚାଳନା କରିଥିଲେ। ସମ୍ବର୍ଦ୍ଧନା ପର୍ବରେ ସମାଜସେବୀ ବଂଶୀଧର ଜଗଦ୍ଦେବଙ୍କୁ ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ଛୋଟରାୟ ସ୍ୱତନ୍ତ୍ର ସ୍ମୃତି ସମ୍ମାନ, ଶିକ୍ଷାବିତ୍ ପ୍ରକାଶ ମଙ୍ଗରାଜଙ୍କୁ ମହାବୀର ରାଷ୍ଟ୍ର ସେବା ରତ୍ନ ସମ୍ମାନ, ଅଭିପ୍ସା ତୁଳସୀ ତ୍ରିପାଠୀଙ୍କୁ ମହାବୀର ବିଦ୍ୟାର୍ଥୀ ମେଧା ସମ୍ମାନ, ଓଡ଼ିଶା ପ୍ରଶାସନିକ ଅଧିକାରୀ ଶକ୍ତିସୁଧା ଦାଶଙ୍କୁ ମହାବୀର ପ୍ରଜ୍ଞାଶ୍ରୀ ସମ୍ମାନ, ଶିକ୍ଷାବିତ୍ ଫକିର ଚରଣ ଛୋଟରାୟଙ୍କୁ ମହାବୀର ଶିକ୍ଷା ସଂଗଠକ ସମ୍ମାନ ପ୍ରଦାନ କରାଯିବା ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗୋଟିଏ ମଞ୍ଚରେ ବାପା-ପୁଅଙ୍କୁ 'ଯୁବ ବିଜ୍ଞାନୀ ପୁରସ୍କାର'

କାକଟପୁର/ବାଙ୍ଗୁରିଗାଁ,୧୯।୪(ସମିସ)

ରବିବାର ଭୁବନେଶ୍ୱରରେ ଆୟୋଜିତ ୬୫ତମ ବାର୍ଷିକ ପ୍ରାଯୋଗିକ ଅଧିବେଶନରେ ଏକ ଗର୍ବିତ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ଏହି ଅବସରରେ ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଜଳେଶ୍ୱରପଡ଼ା ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବାଲିସିରିଆ ଗ୍ରାମର ବାପା ଡ. ରାଜେଶ କୁମାର ବେହେରା (ଅଧ୍ୟକ୍ଷ, ଦ ଟେକ୍ନୋ ସ୍କୁଲ, ଭୁବନେଶ୍ୱର) ଓ ପୁତ୍ର ଆୟୁଷ୍ମାନ ବେହେରା (ସିଭିଲ୍ ଇଞ୍ଜିନିଅରିଂ, ଭିସୁଟ୍, ବୁର୍ଲା) ଉଭୟଙ୍କୁ ଗୋଟିଏ ମଞ୍ଚରେ "ଯୁବ ବିଜ୍ଞାନୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ, ଓଡ଼ିଶା ରାଜ୍ୟ ଶାଖା କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ ସେମାନେ "ଇଞ୍ଜିନିୟର୍ ଏଲ୍. ଏମ୍. ପାତ୍ର ମେମୋରିଆଲ ଆୱାର୍ଡ' ଦ୍ୱାରା ସମ୍ମାନିତ ହୋଇଥିଲେ। ଏହି ସମାରୋହରେ ସେମାନଙ୍କ ସହଯୋଗୀ ଗବେଷକ ଭାବରେ ଡ. ଦେବବ୍ରତ ଗିରି, ସହଯୋଗୀ ପ୍ରଫେସର (ସିଭିଲ୍ ଇଞ୍ଜିନିୟରିଂ, ଭିସୁଟ୍, ବୁର୍ଲା) ଏବଂ ଡ. ସୁଧାଂଶୁ ରଞ୍ଜନ ଦାସ, ସହଯୋଗୀ ପ୍ରଫେସର (ପ୍ରଡକ୍ସନ୍ ଇଞ୍ଜିନିୟରିଂ, ଭିସୁଟ୍, ବୁର୍ଲା) ମଧ୍ୟ ପୁରସ୍କାର ଗ୍ରହଣ କରିଥିଲେ। ଏହି ଘଟଣା ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଥିବା ସହ ଯୁବପିଢ଼ି ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଛି। ସେମାନଙ୍କର ଏହି ସମ୍ମାନ ପଛରେ ଥିବା ଗବେଷଣା ପ୍ରକଳ୍ପ "ଶିଳ୍ପ ଅପଚୟ ବ୍ୟବହାର କରି ବିସ୍ତୃତ ମୃତ୍ତିକାର ପରିବେଶ-ଉପଯୋଗୀ କନ୍‌ଷ୍ଟ୍ରକ୍ସନ ଶୈଳୀକୁ ଉନ୍ନତି କରିବା' ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଏହି ଗବେଷଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିବେଶବାନ୍ଧବ ପ୍ରଣାଳୀରେ ବିସ୍ତାରଶୀଳ ମାଟିର ଗୁଣଗତ ସୁଧାର କରିବା, ଯାହା ସଡ଼କ ଓ ଭୂମି ନିର୍ମାଣ କ୍ଷେତ୍ରରେ ଏକ ସମସ୍ୟା ଭାବେ ଦେଖାଯାଏ। ଏହି ଅଧ୍ୟୟନରେ ଶିଳ୍ପ ଅବଶିଷ୍ଟକୁ ବ୍ୟବହାର କରି ମାଟିର ଶକ୍ତି, ସ୍ଥିରତା ଓ ବହନ କ୍ଷମତା ବୃଦ୍ଧି କରାଯାଇଛି। ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି, ବୁର୍ଲାର କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ ସମସ୍ତ ପୁରସ୍କାର ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ଅବସରରେ ଆୟୁଷ୍ମାନ ବେହେରାଙ୍କ ମାଆ ତଥା ସହଯୋଗୀ ଅଧ୍ୟାପିକା ଡଲି ବେହେରା ସମସ୍ତ ସମ୍ମାନିତ ବ୍ୟକ୍ତିଙ୍କୁ ହାର୍ଦ୍ଦିକ ସ୍ୱାଗତ କରିଥିଲେ।



୧୯/୪/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୭,୪୩୦/- ସୁନା:୦୮.୪୫୦ ଗ୍ରାମ୍ ରୁପା: ୧୫୬.୪୦୦ ଗ୍ରାମ୍



# ବେଳାଭୂମି ରାସ୍ତାରେ ମଇଳା ପାଣି



ପୁରୀ,୧୯।୪(ସମିସ): ଅନ୍ତର୍ଜାତୀୟ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର ପୁରୀ। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ଭକ୍ତ ଓ ପର୍ଯ୍ୟଟକ ଆସିଥା'ନ୍ତି। ଏଠାରେ ରହିଛି ମନୋରମ ବେଳାଭୂମି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ବହୁ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ବେଶ୍ ଆକର୍ଷଣ ସାଜିଥାଏ ବେଳାଭୂମି। ଏହାର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଦୁଇଘେରା ବୁଲି ଆସିଲେ ଭାରାକ୍ରାନ୍ତ ମନ ହାଲୁକା ହୋଇଯାଏ। ସେହିପରି ପୁରୀ ସମୁଦ୍ରରେ ସ୍ନାନ କରିବା ମଜା ସବୁଠୁ ନିଆରା। ହେଲେ ଏହି ମନୋରମ ବେଳାଭୂମି ପ୍ରତି କିପରି ଅଧିକରୁ ଅଧିକ ପର୍ଯ୍ୟଟକ ଆକୃଷ୍ଟ ହେବେ ସେ ଦିଗରେ ବିଶେଷ ଧ୍ୟାନ ଦିଆଯାଉନାହିଁ। ଅପରପକ୍ଷେ ବେଳାଭୂମି ରାସ୍ତାରେ ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ପର୍ଯ୍ୟଟକମାନେ ନାକ ଟେକୁଛନ୍ତି। ରବିବାର ସକାଳେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ରାସ୍ତାରେ ମଇଳା

## ନାକ ଟେକୁଛନ୍ତି ପର୍ଯ୍ୟଟକ

ପାଣି ମାଡ଼ିବା ଘଟଣା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲା। ଫଳରେ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ନାକରେ ହାତ ଦେଇ ଯାଉଥିବା ଦେଖିବାକୁ ମିଳିଥିଲା।

ରବିବାର ଛୁଟିଦିନ ଯୋଗୁଁ ସକାଳୁ ବେଳାଭୂମି ରାସ୍ତାରେ ଗହଳି ଆରମ୍ଭ ହୋଇଥିଲା। ଏହି ସମୟରେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ରାସ୍ତା ପାର୍ଶ୍ୱରେ ପ୍ରାୟ ୧୦୦ ମିଟରରୁ ଅଧିକ ହେବ ମଇଳା ପାଣି ଭାସୁଥିଲା। ତେବେ ଏହି ପାଣି କେଉଁଠୁ ଆସୁଥିଲା ତାହା ଜଣାପଡ଼ି ନ ଥିଲା। ବେଳାଭୂମି ରାସ୍ତାକୁ ସଂଯୋଗ କରୁଥିବା ଗଳି ରାସ୍ତାରୁ ବିଭିନ୍ନ ସମୟରେ ମଇଳା ପାଣିର ଧାର ପଡ଼ିଥାଏ। ରବିବାର ମଧ୍ୟ ସେହିଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଶେଷକରି ଚାଲି ଚାଲି ଯାଉଥିବା ପର୍ଯ୍ୟଟକମାନେ ଏହାକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନେକ ହାତକୁ ନାକରେ ଚାପି ଯାଉଥିବା ଦେଖିବାକୁ ମିଳିଥିଲା। ପଶ୍ଚିମବଙ୍ଗର ଗୋପାଳ ଦାସ କହିଥିଲେ, ପୂର୍ବ ଭାରତର ଏକ ମନୋରମ ବେଳାଭୂମି ହେଉଛି ପୁରୀ। ଆମେ ସପରିବାର ଦୁଇଦିନ ହେବ ଆସି ଏକ ହୋଟେଲରେ ରହିଛୁ। ସକାଳୁ ବେଳାଭୂମି ରାସ୍ତା ପାଶ୍ୱର୍ ଏକ ଦୋକନକୁ ଚା' ପିଇବାକୁ ଆସିଥିବାବେଳେ ଦୁର୍ଗନ୍ଧ ହୋଇଥିଲା। ମଇଳା ପାଣିର ଧାର ଲମ୍ବିଥିଲା ରାସ୍ତାରେ। ସେହିପରି କଟକର ରମେଶ ସାହୁ କହିଥିଲେ, ପୁରୀ ମହାନଗର ନିଗମ ହେଲାଣି। ହେଲେ ବ୍ୟସ୍ତବହୁଳ ବେଳାଭୂମି ରାସ୍ତାରେ ଏଭଳି ମଇଳା ପାଣି ଭାସିବା ବାସ୍ତବିକ ଦୁଃଖଦାୟକ। ଏ ଦିଗରେ ସଚେତନ ନ ହେଲେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ନକାରାତ୍ମକ ମନୋଭାବ ନେଇ ଫେରିବେ।



ଆଜିଠୁ ଚନ୍ଦନ ଯାତ୍ରା: ନରେନ୍ଦ୍ରରେ ଚାପ ପାଇଁ ପ୍ରସ୍ତୁତି ଶେଷ

## ଭକ୍ତଙ୍କ ମୋବାଇଲ୍ ଚୋରି କରି ଗିରଫ

ପୁରୀ,୧୯।୪(ସମିସ): ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଭକ୍ତଙ୍କ ମୋବାଇଲ୍ ଚୋରି ଅଭିଯୋଗରେ ସିଂହଦ୍ୱାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଅଞ୍ଚଳର ଦୀପକ କୁମାର ପାତ୍ର (୨୨)। ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲ୍ଲା ଭଗତପୁରର କୁଳମଣି ସାହୁ (୩୨) ତାଙ୍କ ଭାଇଙ୍କ ସହ ଶନିବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ରାତିରେ ସେମାନେ ସିଂହଦ୍ୱାର ସମ୍ମୁଖରେ ଶୋଇ ପଡ଼ିଥିଲେ। ରାତି ପ୍ରାୟ ୩ଟା ସମୟରେ ଅଭିଯୁକ୍ତ ଦୀପକ କୁଳମଣିଙ୍କ ମୋବାଇଲ୍ ଫୋନ୍ ଚୋରି କରିଥିଲେ। ଏହା ଜାଣିପାରି କୁଳମଣି ଚୋର ଚୋର ବୋଲି ଚିତ୍କାର କରିଥିଲେ। ପରେ ସ୍ଥାନୀୟ ଲୋକ ଓ ତାଙ୍କ ଭାଇଙ୍କ ସହଯୋଗରେ ଅଭିଯୁକ୍ତଙ୍କୁ ଧରି ସିଂହଦ୍ୱାର ଥାନା ପୁଲିସ ଜିମା ଦିଆଯାଇଥିଲା। କୁଳମଣିଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା (ନଂ.୧୦୫/୨୬) ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା। ତାଙ୍କ ନିକଟରୁ ଚୋରି ମୋବାଇଲ୍ ଜବତ ହୋଇଥିଲା। ରବିବାର ଦୀପକଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

## ନୂତନ ଶିଶୁ ମଙ୍ଗଳ କମିଟିଙ୍କ ଦାୟିତ୍ୱ ଗ୍ରହଣ

ପୁରୀ,୧୯।୪(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ କ୍ରମେ ପୁରୀରେ ନୂତନ ଶିଶୁ ମଙ୍ଗଳ କମିଟି କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ନୂତନ ସିଡବ୍ଲ୍ୟୁସିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ପୂର୍ବତନ ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ରଙ୍କ ଠାରୁ ଶୁକ୍ରବାର ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ସହିତ ଅନ୍ୟ ସଦସ୍ୟ ସଦସ୍ୟା ଶକ୍ତିପାଦ ମିଶ୍ର, ଦୀପ୍ତି ଦାସ, ବିଜୟଲକ୍ଷ୍ମୀ ମହାନ୍ତି, ସୌଭାଗ୍ୟ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ପୂର୍ବତନ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସଦସ୍ୟା ଲକ୍ଷ୍ମୀପ୍ରିୟା ପାତ୍ର, ଦେବଯାନୀ ହିମାଂଶୁ ଉପସ୍ଥିତ ରହି ବିଗତ ବର୍ଷଗୁଡିକର କାର୍ଯ୍ୟ, ଅଭିଜ୍ଞତା ପରିପ୍ରକାଶ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଦାୟିତ୍ୱ ହସ୍ତାନ୍ତର, ସ୍ୱାଗତ ଓ ବିଦାୟକାଳୀନ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ରୋଜାଲିନ ପାତ୍ର, ସନ୍ତୋଷ କୁମାର ସାହୁ, ସ୍ନିଗ୍ଧାରାଣୀ ସାହୁ, ହରେକୃଷ୍ଣ ସାହୁ, ଚାଇଲ୍ଡ ହେଲ୍ପ ଲାଇନ କାର୍ଯ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନୂତନ ଭାବେ ଅବସ୍ଥାପିତ ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ କହିଥିଲେ ଯେ, ପ୍ରତ୍ୟେକ ଶିଶୁକୁ ଯତ୍ନ ସୁରକ୍ଷା ଏବଂ ପରିବାର ଯୋଗାଇଦେବା କମିଟିର ପ୍ରାଥମିକତା ହେବ।

● ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ୧୯ ଦିନରେ ପଦଯାତ୍ରା; ପ୍ରଶାସନ ଚୁପ୍

ପୁରୀ,୧୯।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ଏହି ଦାବିକୁ ନା ପ୍ରଶାସନ ଶୁଣୁଛି ନା ସରକାର। ହେଲେ ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ। ଜାରି ରହିଛି ସଚେତନତା ପଦଯାତ୍ରା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ



ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ରବିବାର ୧୯ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ବରିଷ୍ଠ ଅଧିବକ୍ତା ବିଜୟ ମିଶ୍ର, ହରିଶଙ୍କର ମିଶ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, କିଶୋର ଦାସ, ପ୍ରକାଶ ଚନ୍ଦ୍ର ନାୟକ, ରାଜା ମହାନ୍ତି, ପ୍ରଦିପ୍ତ ମହାନ୍ତି, ଅରୁଣା ପଟ୍ଟନାୟକ, ପ୍ରତିଭା ନାୟକ, ସଦାଶିବ ପଣ୍ଡା, ପବିତ୍ରା ନାୟକ, ସନ୍ଧ୍ୟାରାଣୀ ମିଶ୍ର, କାହ୍ନୁ ଚରଣ ପ୍ରଧାନ, ଦେବକୀ ମା', କବିତା କିନ୍ନର, ଆଶା କିନ୍ନର, ଅମୂଲ୍ୟ ଦାସ, ଜଗନ୍ନାଥ ମହାନ୍ତି ଓ ମନୋରମ ଦାସ ପ୍ରମୁଖ ସାମିଲ ହୋଇଥିଲେ।

ମୁଖ୍ୟ ପ୍ରଶାସକଙ୍କୁ 'ଆପ୍'ର ଦାବିପତ୍ର

## 'ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ପବିତ୍ରତା ଫେରାଇ ଆଣ'

ପୁରୀ,୧୯।୪(ସମିସ): ରାଜନୈତିକ ଫାଇଦା ହାସଲ ପାଇଁ ବ୍ୟବହାର ହେଉଛି ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ପରିସର। ଭୋଜିଭାତ ଆସର ପାଇଁ ଏହା ମଧ୍ୟରେ ଥିବା ଠାକୁରଙ୍କ ତୁଳସୀ ଉଦ୍ୟାନ ଆଜି ନିଶ୍ଚିହ୍ନ ହୋଇଗଲାଣି। ଏହାର ତୁଳସୀ ଉଦ୍ୟାନର ପବିତ୍ରତା ମାଟିରେ ମିଶିଥିବାବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଗତ ଶୁକ୍ରବାର ଆପ୍ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ବଡ଼ଦାଣ୍ଡ ମାର୍କେଟ ଛକ ସଂଲଗ୍ନ ଜଗନ୍ନାଥ ବଲ୍ଲଭ ମଠ ଏକଦା ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଭାବେ ବେଶ୍ ପ୍ରସିଦ୍ଧ ରହିଥିଲା। ପ୍ରାୟ ୪୦ ଏକରରୁ ଊର୍ଦ୍ଧ୍ୱ ଏହି ପରିସରରେ ତୁଳସୀ ସାଙ୍ଗକୁ ବିଭିନ୍ନ ପ୍ରକାରର ପୁଷ୍ପ ଗଛ ରହିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ଉଦ୍ଦେଶ୍ୟରେ ଏହି ଉଦ୍ୟାନରୁ ବିଭିନ୍ନ ପ୍ରକାରର ସୁଗନ୍ଧିତ ଫୁଲ ଓ ତୁଳସୀ ଯୋଗାଣ ହୋଇଆସୁଥିଲା। ଏବେ ଏହାର କେତେକ ଜମି ବିଭିନ୍ନ ବାଟରେ ବିନିଯୋଗ ହୋଇଛି। କିନ୍ତୁ ପରିତାପର ବିଷୟ ହେଉଛି ଏହି ପବିତ୍ର ସ୍ଥାନଟି କିଛି ରାଜନୈତିକ ବ୍ୟକ୍ତିବିଶେଷଙ୍କ ଆମୋଦ ପ୍ରମୋଦ ଓ ଭୋଜିଭାତ ସ୍ଥଳୀରେ ପରିଣତ ହେଉଛି। ବିଶେଷକରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ (ଲିକୁ) ଦୈନିକ ନିଜ ନିର୍ବାଚନମଣ୍ଡଳୀରୁ ବହୁ ସଂଖ୍ୟାରେ ଲୋକଙ୍କୁ ଆଣି ଏଠାରେ ଭୋଜିଭାତର ଆସର ଜମାଉଛନ୍ତି। ଲୋକେ ଖାଇବା ପରେ ପତ୍ର ଏଠିସେଠି ପକାଉଛନ୍ତି। ଫଳରେ ଏହାର ପାରିପାର୍ଶ୍ୱିକ ପରିବେଶ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେଉଛି। ଅତ୍ୟଧିକ ଭିଡ଼, କୁଢ଼କୁଢ଼ ଅଳିଆ ଆବର୍ଜନା ଜମୁଥିବାବେଳେ ଦୁର୍ଗନ୍ଧ ଯୋଗୁଁ ସ୍ଥାନଟି ଅବହେଳିତ ଓ ଅପବିତ୍ର ଅବସ୍ଥାକୁ ପହଞ୍ଚିଛି। ଏହା ପୁରୀବାସୀଙ୍କ ଧାର୍ମିକ ଭାବନା ସହ ଜଗନ୍ନାଥ ସଂସ୍କୃତିକୁ ମଧ୍ୟ ଗଭୀର ଆଘାତ ପହଞ୍ଚାଉଛି। ତେଣୁ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନରେ ଏପରି କାର୍ଯ୍ୟକଳାପ ତୁରନ୍ତ ବନ୍ଦ କରାଯାଉ। ଏହାର ପବିତ୍ରତା ଫେରାଇ ଆଣିବାକୁ ଦାବି କରିଛନ୍ତି ଶ୍ରୀ ମହାନ୍ତି।

■ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବାର୍ଷିକ ଉତ୍ସବ

## ବରିଷ୍ଠ ନାଗରିକ ଅଲୋଡ଼ା ନୁହନ୍ତି

ପୁରୀ,୧୯।୪(ସମିସ): ବରିଷ୍ଠ ନାଗରିକମାନେ ଅଲୋଡ଼ା ନୁହନ୍ତି। ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ସମାଜକୁ ବିକାଶ ଓ ସମୃଦ୍ଧି ପଥରେ ମାର୍ଗଦର୍ଶନ କରାଇଥାଏ ବୋଲି କହିଛନ୍ତି ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ। ସୋମବାର ସର୍ବୋଦୟ ନଗର ଶିରିଡ଼ି ସାଇ ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଷଡ଼ଙ୍ଗୀ ବରିଷ୍ଠ ନାଗରିକମାନଙ୍କର ସଂଗଠନ ପ୍ରତିଷ୍ଠା ଦ୍ୱାରା ସେମାନଙ୍କ ପାରସ୍ପରିକ ସହଯୋଗ, ଭାବର ଆଦାନପ୍ରଦାନ, ସମନ୍ୱୟ ଓ ସେବା ମନୋଭାବ ବୃଦ୍ଧି ପାଉଛି। ଏହା ଏକ ସୁନ୍ଦର ପଦକ୍ଷେପ। ଏକ୍ ହେ ତୋ ସେଫ୍ ହେ ବୋଲି ସେ କହିବା ସହ ବରିଷ୍ଠମାନଙ୍କୁ ସୁରକ୍ଷା, ସେମାନଙ୍କ ଆବଶ୍ୟକତା, ସେମାନଙ୍କ ସଂଗଠନ ପାଇଁ ଗୃହ, ମନ୍ଦିର ଦର୍ଶନ ପାଇଁ ଇତ୍ୟାଦି ସମ୍ପର୍କରେ ବ୍ୟବସ୍ଥା କରାଯିବ ବୋଲି ମତ ଦେଇଥିଲେ।



ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାର ବିବିଧ ବ୍ୟବସ୍ଥା କରିଛନ୍ତି। ସେମାନେ ମଧ୍ୟ ସଂଘ ମାଧ୍ୟମରେ ସେମାନଙ୍କ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କରି ଖୁସି ଅନୁଭବ କରୁଛନ୍ତି। ସେମାନଙ୍କ ବିଭିନ୍ନ ଆବଶ୍ୟକତାକୁ ପର୍ଯ୍ୟାୟକ୍ରମେ ପୂରଣ କରାଯାଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଅରବିନ୍ଦ ଶତପଥୀ, ରବିନ ଦାସ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ତ୍ୟାଗ, ପରୋପକାର, ଦାୟିତ୍ୱ, କର୍ତ୍ତବ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ରବି ନାରାୟଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ କୃତିବାସ କାମଲା ବାର୍ଷିକ ବିବରଣୀ ପାଠ ଓ ପ୍ରଫେସର ଡ. ମନୋଜ ସାମନ୍ତରାୟ ସ୍ୱାଗତ ଭାଷଣ ଏବଂ ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ପଞ୍ଚ, ମୁଖ୍ୟ ପରାମର୍ଶଦାତା ଭୀମସେନ୍ ପଣ୍ଡା, କୋଷାଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ, ସହକାରୀ ସମ୍ପାଦକ ଗୋପୀନାଥ ମହାନ୍ତି, ନିରଞ୍ଜନ ଦାସ, ଦୀପକ ମିଶ୍ର ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଜୀବନ ସଦସ୍ୟ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, କଳ୍ପନା ପ୍ରଧାନ, ସୁରେନ୍ଦ୍ର ପରିଡ଼ା, ହର ପ୍ରସାଦ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେଶ କୁମାର ମୁନି, ଜଗବନ୍ଧୁ ରଥ, ବିଭୂତି ଭୂଷଣ ପଟ୍ଟନାୟକ, ବିଶ୍ୱନାଥ ମିଶ୍ର, ଅଭିମନ୍ୟୁ ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଚୂଡ଼ଙ୍ଗ ସାହିରେ ୪୮ ପ୍ରହର ମହାସଂକୀର୍ତ୍ତନ

ପୁରୀ,୧୯।୪(ସମିସ): ଅତ୍ୟାଧୁନିକ ଓ ଅପସଂସ୍କୃତିରେ ଆଉଟୁପାଉଟୁ ସମାଜରେ ସହର ଭିତରେ ଯେ ନାମ ସଂକୀର୍ତ୍ତନ ହୋଇପାରେ ଏହା ଦଶବର୍ଷ ଧରି ପ୍ରମାଣ କରିଛନ୍ତି ପୁରୀ ଚୂଡ଼ଙ୍ଗସାହି ବାସିନ୍ଦା। କ୍ଲବ୍‌ର ତାସ୍ ଖେଳ, କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏବଂ ଅରୁଚିକର ନୃତ୍ୟଠାରୁ ଦୂରେଇ ଯାଇ ବଡୁ ମହାପାତ୍ର ଜାଗା ସହଯୋଗରେ ଗତ ୧୩ ତାରିଖରୁ ଭକ୍ତ ହନୁମାନ ମନ୍ଦିରରେ ଅନୁଷ୍ଠିତ ଏହି ମହାସଂକୀର୍ତ୍ତନ। ଏହାକୁ ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର, ଚଣ୍ଡି ପ୍ରସାଦ ସିଂହ, ଭକ୍ତଚରଣ ଦାସ, ମାର୍କଣ୍ଡେଶ୍ୱର ସାହି କମିଟି ସମ୍ପାଦକ ଓ ଚୂଡ଼ଙ୍ଗ ସାହି କମିଟି ସମ୍ପାଦକ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଦିନରେ ସାଂସଦ ସମ୍ବିତ୍ ପାତ୍ର, ବିଧାୟକ ସୁନୀଲ ମହାନ୍ତି, ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରା, ଜଗନ୍ନାଥ ପୂଜାପଣ୍ଡା, ମଧୁସୂଦନ ସିଂହାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ସାହି ମୁଖିଆ ଯୋଗଦେଇଥିଲେ। ଲକ୍ଷ୍ମୀ ଫ୍ରୁଟ୍‌ସର ସତ୍ତ୍ୱାଧିକାରୀ ସୁଦର୍ଶନ ସାହୁଙ୍କ ତତ୍ତ୍ୱାବଧାନରେ ଏହି ମହାସଂକୀର୍ତ୍ତନ ସୋମବାର ଶ୍ରୀମନ୍ଦିର ପରିକ୍ରମା କରିବା ସହ ଏହା ଉଦ୍‌ଯାପିତ ହେବ।

## ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ପୁରୀ,୧୯।୪(ସମିସ): ଜିଲ୍ଲା ପ୍ରଶାସନ ଓ ଶ୍ରୀକ୍ଷେତ୍ର ପଞ୍ଚ ମହାଦେବ ସେବାୟତ ନିଯୋଗର ମିଳିତ ଆନୁକୁଲ୍ୟରେ ମହାପ୍ରଭୁଙ୍କ ଚଳିତ ବର୍ଷର ଚନ୍ଦନ ଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଲୋକନାଥ ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେବାକୁ ଥିବା ୨୧ ଦିନ ଧରି ଚନ୍ଦନ ଯାତ୍ରାକୁ ଯେପରି ଶାନ୍ତି ଓ ଶୃଙ୍ଖଳିତ କରିବା ସହିତ ସମସ୍ତ ନୀତିକାନ୍ତି ସଠିକ୍ ହୋଇପାରିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଠାକୁର ଯିବାଆସିବା ରାସ୍ତାରେ ମଇଳା ପାଣି ଯେପରି ନ ଭାସେ ତାହାକୁ ରୋକାଯିବା, ସ୍ଥାନେ ସ୍ଥାନେ ରାସ୍ତାରେ ଛାଇର ବ୍ୟବସ୍ଥା, ଭୀଷଣ ତାତିକୁ ରୋକିବା ପାଇଁ ଜଳ ଢାଳି ରାସ୍ତାକୁ ଥଣ୍ଡା କରିବା, ରାତ୍ରୀ ସମୟରେ ଆଲୋକ ଓ ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ସଠିକ୍ କରିବା ସହିତ ମନ୍ଦିରରେ ଚନ୍ଦନ ଯାତ୍ରା ପାଇଁ ଆଲୋକ ବ୍ୟବସ୍ଥା କରିବା ପାଇଁ ସେବାୟତଙ୍କ ନିବେଦନ ରହିଥିଲା। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟକୁ ସଠିକ୍ ଭାବେ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଟ୍ରାଫିକ୍ ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ କୁମାର ବେହେରା, ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ର, ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ଦାଶ, ଆଇଆଇସି ବାସେଳୀ ସାହି, ପଞ୍ଚୁ ମହାଦେବ କମିଟିର ସଭାପତି ରବି ନାରାୟଣ ପଣ୍ଡା, ସମ୍ପାଦକ ମଦନ ଖୁଣ୍ଟିଆ, ନରେନ୍ଦ୍ର ମହାନ୍ତି, ବୈଦ୍ୟନାଥ ପଣ୍ଡା, ସନ୍ତୋଷ ପଣ୍ଡା, ଦାମୋଦର ମହାପାତ୍ର, କୃଷ୍ଣଚନ୍ଦ୍ର ଦାସ, ଗଣେଶ ମହାସୁଆର, ସନ୍ତୋଷ ପଣ୍ଡା, ରଘୁନାଥ ଖୁଣ୍ଟିଆ, କାହ୍ନୁଚରଣ ପଣ୍ଡାଙ୍କ ସମେତ ପଞ୍ଚୁ ମହାଦେବଙ୍କ ମନ୍ଦିର ସଭାପତି, ସମ୍ପାଦକ ଓ ବୟୋଜ୍ୟେଷ୍ଠ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ।

## ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା: ୧୦୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ



ପୁରୀ,୧୯।୪(ସମିସ): ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ତାଳବଣିଆ ଆଇଟିଆଇ ପଡ଼ିଆରେ ଜିଲ୍ଲାସ୍ତରୀୟ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ ଉଦ୍‌ଘାଟନ କରିବା ସହ ଏହି ନିଯୁକ୍ତି ମେଳା ମାଧ୍ୟମରେ ବେରୋଜଗାର ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ସହ ସେମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ସହାୟକ ହେଉଛି ବୋଲି କହିଥିଲେ। ସରକାରଙ୍କ ଲକ୍ଷ୍ୟ ଯୁବବର୍ଗ ସେମାନଙ୍କ ଯୋଗ୍ୟତା ଅନୁସାରେ ଆତ୍ମନିର୍ଭର ହୁଅନ୍ତୁ। ବର୍ତ୍ତମାନ ସମୟରେ ଯୁବବର୍ଗଙ୍କ ପାଇଁ ଅନେକ ସୁବିଧା ସୁଯୋଗ ରହିଛି। ସେମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇପାରିବେ ବା ନିଜେ ତାଲିମ ନେଇ ଜଣେ ସଫଳ ଉଦ୍ୟୋଗପତି ହୋଇ ଅନ୍ୟମାନଙ୍କୁ ନିଯୁକ୍ତି ଦେଇପାରିବେ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୁରୀର ଅଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର କୃଷ୍ଣପ୍ରସାଦର ଅଧ୍ୟକ୍ଷ ଚନ୍ଦ୍ରଶେଖର ସୁନ୍ଦରାୟ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ରୁଆର ଅଧ୍ୟକ୍ଷ ଦିପ୍ତୀ ମିଶ୍ର ପ୍ରମୁଖ ଯୋଗଦେଇ ନିଯୁକ୍ତି ମେଳା ଯୁବବର୍ଗ ପାଇଁ ଏକ ଭଲ ସୁଯୋଗ। ଏଥିରେ ଯୋଗ ଦେଇ ନିଜ ଯୋଗ୍ୟତା ଓ ଦକ୍ଷତା ଆଧାରରେ ନିଜକୁ ପ୍ରତିପାଦିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଧର୍ମାନନ୍ଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ।

ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେକ୍ସନ ଅଫିସର ପୁଷ୍ପଲତା ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ନିଯୁକ୍ତି ମେଳା ପରିଚାଳନାରେ ସହଯୋଗ କରିଥିଲେ। ଏହି ମେଳାରେ ୩୯ଟି ବେସରକାରୀ ସଂସ୍ଥା ଓ ୧୦ଟି ପିଆଇଏ ଅଂଶଗ୍ରହଣ କରିଥିଲେ। ଏଥିରେ ୧,୮୬୨ ଜଣ ପଞ୍ଜିକରଣ କରିଥିବାବେଳେ ବିଭିନ୍ନ କମ୍ପାନୀ ୧,୧୮୯ ଜଣଙ୍କୁ ସର୍ଟଲିଷ୍ଟ କରିଥିଲେ। ସେମାନଙ୍କ ମଧ୍ୟରୁ ତତ୍‌କ୍ଷଣାତ ୧୦୧ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ୫୪୬ ଜଣଙ୍କୁ ଦକ୍ଷତା ବିକାଶ ତାଲିମ ପାଇଁ ପିଆଇଏମାନେ ମନୋନୀତ କରିଥିଲେ।

ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ଉଦ୍‌ଯାପିତ

## ଖୋ ଖୋ ବାଳକ, ବାଳିକାରେ ଡେଲାଙ୍ଗର କେପିପି ଚାମ୍ପିଅନ



ପୁରୀ,୧୯।୪(ସମିସ): ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ଦୁଇଦିନିଆ ସିଏମ୍ ଟ୍ରଫି ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଭା ଅନେକ ଲକ୍ଷ୍ୟ ଏକ ପଡ଼ିଆରୁ ପୋଡିୟମ୍‌କୁ ପାଥେୟ କରି ଏହି ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଥିଲା। ଏହି ଖେଳ ମଧ୍ୟରେ ଫୁଟ୍‌ବଲ, ଖୋ ଖୋ, ଭଲିବଲ ଓ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟର କୋଣ ଅନୁକୋଣରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାଙ୍କୁ ସର୍ବସାଧାରଣରେ ପରିପ୍ରକାଶ ସହ ଦେଶର ଏକ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଗଢ଼ିତୋଳିବା ଏହି ପ୍ରତିଯୋଗିତାର ଲକ୍ଷ୍ୟ ରହିଛି। ରବିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ପିଲାମାନଙ୍କ ଖେଳ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ପାଠ ପଢ଼ିବା ସହ ଖେଳ କସରତ ଦ୍ୱାରା ଶାରୀରିକ ସୁନ୍ଦର ଗଠନ ଓ ବୁଦ୍ଧିମାନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଅଲିମ୍ପିକ୍ସ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପତିହରୀ, ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ବଟକୃଷ୍ଣ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରୟାସ ପାଇଁ ଆଗାମୀ ଦିନରେ ବଡ଼ ବଡ଼ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ଉଲ୍ଲେଖଯୋଗ୍ୟ ପ୍ରଦର୍ଶନ କରିବ ବୋଲି କହିଥିଲେ। ଖୋ ଖୋ ବାଳକ ବିଭାଗରେ ଡେଲାଙ୍ଗ ବ୍ଲକ୍ କେପିପି ଚାମ୍ପିଅନ, ଦ୍ୱିତୀୟ ଡେଲାଙ୍ଗ ବ୍ଲକ୍ ଅମାଳଙ୍ଗ ଓ ତୃତୀୟ ସ୍ଥାନ ଅଧିକାର କରିଥିଲା କୃଷ୍ଣପ୍ରସାଦ ବ୍ଲକ୍। ବାଳିକା ବିଭାଗରେ ଡେଲାଙ୍ଗ କେପିପି ଚାମ୍ପିଅନ, ଦ୍ୱିତୀୟ ଅମାଳଙ୍ଗ ଓ ତୃତୀୟ ସ୍ଥାନ ଅଧିକାର କରିଥିଲା ପୁରୀସଦର। କବାଡ଼ି ବାଳକ ବିଭାଗରେ ଡେଲାଙ୍ଗ ବ୍ଲକ୍ ମହତାବ ସ୍ପୋର୍ଟ୍ସ ଏକାଡେମୀ ଚାମ୍ପିଅନ, ଦ୍ୱିତୀୟ ପୁରୀ ନିତା ସ୍ପୋର୍ଟ୍ସ ଏକାଡେମୀ ଓ ବାଳିକା ବିଭାଗରେ ଡେଲାଙ୍ଗ ମହତାବ ସ୍ପୋର୍ଟ୍ସ ଏକାଡେମୀ ଚାମ୍ପିଅନ, ପୁରୀ ନିତା ସ୍ପୋର୍ଟ୍ସ ଏକାଡେମୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଭଲିବଲ ବାଳକ ବିଭାଗରେ କଣାସ ଚାମ୍ପିଅନ ଓ ଗୋପ ରନର୍ସ ଅପ୍‌କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ଭଲିବଲ ପର୍ଯ୍ୟବେକ୍ଷକ ସୁବୋଧ ଜେନା ଉପସ୍ଥିତ ରହି ଖେଳାଳିମାନଙ୍କ ଖେଳ ପ୍ରତିଯୋଗିତାକୁ ନିରୀକ୍ଷଣ କରିଥିଲେ। ଭଲିବଲ କୋଚ୍ ଶ୍ରୀକାନ୍ତ ନାୟକ, ଖୋ ଖୋ କୋଚ୍ ଚୌଧୁରୀ ପାର୍ଥସାରଥୀ ମହାପାତ୍ର ଓ କବାଡ଼ି କୋଚ୍ ସଦାଶିବ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରୁଥିବାବେଳେ ସୂର୍ଯ୍ୟ ନାରାୟଣ ଜେନା ସମସ୍ତ ଖେଳ ପ୍ରତିଯୋଗିତାକୁ ତଦାରଖ କରିଥିଲେ। କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ, ଫାଷ୍ଟଏଡ୍ ସେଣ୍ଟର, ଖାଦ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ସମସ୍ତ ସୁବିଧାସୁଯୋଗ କରାଯାଇଥିଲା। ଆସନ୍ତା ୨୫ରେ ଫୁଟ୍‌ବଲ ଖେଳାଳିମାନଙ୍କ ବିଜେତା ଘୋଷଣା ସହ ଉଦ୍‌ଯାପନ କାର୍ଯ୍ୟକ୍ରମ ରହିବ ବୋଲି କ୍ରୀଡ଼ା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

# ସମ୍ପାଦକୀୟ



ବିଶ୍ୱର ୪୦ ପ୍ରତିଶତ ଲୋକଙ୍କ ଅର୍ଦ୍ଧାଧିକ ପାନୀୟଜଳ ଚାହିଦା ହିମାଳୟ ଦ୍ୱାରା ପୂରଣ ହେଉଛି । ତେଣୁ ହିମାଳୟର ସୁରକ୍ଷା ସର୍ବାଗ୍ରେ ।
-ଅଲ୍ ଗୋରେ

ସକାଳ
THE SAKALA

## ସତ କ'ଣ ?

୧୭ ଏପ୍ରିଲ ୨୦୨୬ । ଏହି ତାରିଖକୁ ନେଇ ଏବେ ଭାରତୀୟ ରାଜନୀତି ଉଠୁଛି ଏବଂ ପଡୁଛି । ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ସବୁଠାରେ ଏହାକୁ ନେଇ ଚର୍ଚ୍ଚା ଆଲୋଚନା । ଯେଉଁ ପ୍ରସଙ୍ଗକୁ ନେଇ ଏତେସବୁ ବିତର୍କ ଚାଲିଛି, ତାହା ହେଉଛି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ । ଏହା ୧୭ ଏପ୍ରିଲ ସନ୍ଧ୍ୟାରେ ଲୋକସଭାରେ କାଟ୍ ଖାଇଗଲା । ଏହି ବିଲ୍‌ରେ କ'ଣ ବ୍ୟବସ୍ଥା ଥିଲା? ଏହା କାହିଁକି କାଟ୍ ଖାଇଲା? ଯଦି ସରକାର ପାଖରେ ଆବଶ୍ୟକ ସଂଖ୍ୟା ନ ଥିଲା, ତାହାହେଲେ ଏଭଳି ବିଲ୍ ଆସିଲା କାହିଁକି? ଏହା ଉପରେ ସହମତି ପାଇଁ ସମସ୍ତ ରାଜନୈତିକ ଦଳଙ୍କ ସହିତ ବିଚାରବିମର୍ଶ କରାଯାଇଥିଲା କି? ଏହିସବୁ ପ୍ରଶ୍ନ ଉପରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି । କିନ୍ତୁ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଏହାକୁ ଭିନ୍ନ ଚିତ୍ର ଦେବାରେ ଲାଗିଛନ୍ତି ।

ଉପରୋକ୍ତ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଆଲୋଚନା ଓ ଅନୁମୋଦନ ଲାଗି ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ । ଅଧିବେଶନର ପ୍ରଥମ ଦିନ ୧୬ ତାରିଖରେ ସରକାର ତିନିଟି ବିଲ୍ ଆଗତ କରିଥିଲେ ଏବଂ ତିନିଟି ଯାକ ବିଲ୍‌କୁ ଯୋଡ଼ି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌ରେ ସାମିଲ କରାଯାଇଥିଲା । ଏହି ବିଲ୍‌ରେ ଥିଲା ଦୁଇଟି ମୁଖ୍ୟ ପ୍ରସଙ୍ଗ । ପ୍ରଥମଟି ହେଲା ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ଏବଂ ଦ୍ୱିତୀୟଟି ଥିଲା ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ । ଏହି ବିଲ୍ ଆଗତ କରି ସରକାର ଯୁକ୍ତି ରଖିଥିଲେ ଯେ ମହିଳା ଆସନ ସଂରକ୍ଷଣ ପାଇଁ ଲୋକସଭା ଏବଂ ବିଧାନସଭାରେ ନିର୍ବାଚନମଣ୍ଡଳୀ ସଂଖ୍ୟା ବଢ଼ିବା ଜରୁରୀ । ଏଥିପାଇଁ ଲୋକସଭାରେ ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବା ଲାଗି ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ସରକାରଙ୍କ ଯୁକ୍ତି ସହ ବିରୋଧୀ ଦଳ ସହମତ ନ ଥିଲେ । ବିରୋଧୀ ଦଳ କହିଥିଲେ ଯେ ସେମାନେ କେବେହେଲେ ମହିଳା ଆସନ ସଂରକ୍ଷଣ ବିଲ୍‌କୁ ବିରୋଧ କରନ୍ତି ନାହିଁ କି କରିବେ ବି ନାହିଁ । କିନ୍ତୁ ଏହାସହିତ ସୀମା ପୁନଃନିର୍ଦ୍ଧାରଣକୁ କାହିଁକି ଯୋଡ଼ାଯାଉଛି । ସୀମା ପୁନଃନିର୍ଦ୍ଧାରଣ ନ କରି ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ଭାଗ ଆସନ ସଂରକ୍ଷଣ କରାଯାଇପାରିବ । ସରକାର ସୀମା ପୁନଃନିର୍ଦ୍ଧାରଣକୁ ବାଦ୍ ଦେଇ କେବଳ ମହିଳା ସଂରକ୍ଷଣ ବିଲ୍ ଆଣନ୍ତୁ, ଏହାକୁ ପୂର୍ଣ୍ଣମାତ୍ରାରେ ସମର୍ଥନ ଦେବାକୁ ସେମାନେ ପ୍ରସ୍ତୁତ ଅଛନ୍ତି । ୨୦୨୩ରେ ସଂସଦରେ ମହିଳା ସଂରକ୍ଷଣ ବିଲ୍ ସବୁ ଦଳର ସହମତି ଓ ସମର୍ଥନରେ ପାସ୍ ହୋଇଥିଲା । ଏହି ଆଇନକୁ କତୁରନ୍ତ କାର୍ଯ୍ୟକାରୀ କରାଯାଉ । ନ ହେଲେ, ଯଦି ସରକାର ଏଥିରେ ସଂଶୋଧନ କରି ସଂରକ୍ଷଣ ପ୍ରତିଶତ ହାର ୫୦ ଭାଗ କରିବାକୁ ଚାହାନ୍ତି, ତାହା ମଧ୍ୟ ଆଣନ୍ତୁ, ସେମାନେ ସମର୍ଥନ ଦେବାକୁ ପ୍ରସ୍ତୁତ ଅଛନ୍ତି । ବିରୋଧୀ ବେଞ୍ଚରେ ଥିବା ସବୁ ରାଜନୈତିକ ଦଳର ଏହି ମତ ଥିଲା; କିନ୍ତୁ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ସମର୍ଥନ କରିବାକୁ ସେମାନେ ମନା କରିଦେଇଥିଲେ । ବିରୋଧୀ ଅଭିଯୋଗ କରିଥିଲେ ଯେ ୨୦୧୧ ଜନଗଣନା ଆଧାରରେ ସୀମା ପୁନଃନିର୍ଦ୍ଧାରଣ ହେଲେ ଅନେକ ରାଜ୍ୟ ଉଚିତ ପ୍ରତିନିଧିତ୍ୱରୁ ବଞ୍ଚିତ ହେବେ । ସୀମା ପୁନଃନିର୍ଦ୍ଧାରଣ ପାଇଁ ସରକାର ୨୦୨୬ ଜନଗଣନାକୁ ଅପେକ୍ଷା କରନ୍ତୁ ବୋଲି ସେମାନେ ଦାବି କରିଥିଲେ । କିନ୍ତୁ ସରକାର ସେମାନଙ୍କ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି ଏହି ଦୁଇଟି ପ୍ରସଙ୍ଗକୁ ଯୋଡ଼ି ସମ୍ବିଧାନ ସଂଶୋଧନ ବିଲ୍ ଆଣିଲେ ଏବଂ ଏହା କାଟ୍ ଖାଇଗଲା ।

ଗୃହରେ ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରାଇବାକୁ ହେଲେ ମତଦାନ ବେଳେ ଉପସ୍ଥିତ ସଭ୍ୟଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସମର୍ଥନ ଜରୁରୀ । ମତଦାନ ବେଳେ ଲୋକସଭାରେ ୫୨୮ ସାଂସଦ ଭାଗ ନେଇଥିବା ବେଳେ ବିଲ୍ ସପକ୍ଷରେ ୨୯୮ ଏବଂ ବିରୋଧରେ ୨୩୦ଟି ଭୋଟ୍ ପଡ଼ିଥିଲା । ବିଲ୍ ପାସ୍ ଲାଗି ୩୫୨ଟି ଭୋଟ୍ ଦରକାର ଥିବା ବେଳେ ୫୪ଟି ଭୋଟ୍ କମ୍ ପଡ଼ିଲା । ତେଣୁ ବିଲ୍ କାଟ୍ ଖାଇଲା । ଏବେ ପ୍ରଶ୍ନ ଉଠୁଛି ସରକାରଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନ ଥିଲା ଏବଂ ସରକାର ଜାଣିଥିଲେ ଯେ ଏହି ବିଲ୍ ବିରୋଧୀଙ୍କ ବିନା ସମର୍ଥନରେ ପାସ୍ ହୋଇପାରିବ ନାହିଁ । ତଥାପି ସରକାର ବିଲ୍ ଆଣିଲେ କାହିଁକି ଏବଂ ଏ ସଂପର୍କରେ ସର୍ବଦଳୀୟ ବୈଠକ ଡାକି ଆଗରୁ ଆଲୋଚନା କରାଗଲା ନାହିଁ କାହିଁକି? ବିରୋଧୀମାନଙ୍କ ଏହି ପ୍ରଶ୍ନର ଜବାବ ଦେବାକୁ କେହି ପ୍ରସ୍ତୁତ ନୁହନ୍ତି ।

ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି ଯେ ମହିଳା ସଂରକ୍ଷଣ ବିଲ୍‌କୁ ଢାଲ କରି ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବାକୁ ଚାହୁଁଥିଲେ ସରକାର । ସରକାର ଏହି ବିଲ୍ ଜରିଆରେ ସମଗ୍ର ଭାରତ ବର୍ଷରେ ଏଭଳି ନିର୍ବାଚନୀ ମାନଚିତ୍ର ତିଆରି କରିବାକୁ ଯାଉଥିଲେ, ଯାହା କେବଳ କ୍ଷମତାସୀନ ବିଜେପିକୁ ଲାଭ ପହଞ୍ଚାଇ ଥାଆନ୍ତା । ସରକାରଙ୍କ ଅନୁସାରେ ଯଦି ୫୦ ପ୍ରତିଶତ ଆସନ ସଂଖ୍ୟାର ହିସାବ କରାଯାଏ, ତାହାହେଲେ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ଆସନ ତାରତମ୍ୟ ଆହୁରି ବଢ଼ିଯିବ । ଉତ୍ତର ଭାରତକୁ ପ୍ରାୟ ୨୦୦ ଆସନର ଫାଇଦା ମିଳିବ ଏବଂ ଦକ୍ଷିଣ ଭାରତ ରାଜ୍ୟମାନଙ୍କ ଭାଗରେ ପଡ଼ିବ ମାତ୍ର ୬୬ଟି ଅଧିକ ଆସନ । ଓଡ଼ିଶା ସମେତ ଅନ୍ୟ ଛୋଟ ଛୋଟ ରାଜ୍ୟଙ୍କୁ ମଧ୍ୟ ଏହି ଦଶା ଭୋଗିବାକୁ ପଡ଼ିବ । ବିରୋଧୀଙ୍କର ଯୁକ୍ତି ହେଲା ଯେ ୮୫୦ ସଭ୍ୟ ବିଶିଷ୍ଟ ଲୋକସଭାରେ ସଂଖ୍ୟାଗରିଷ୍ଠତା ସଂଖ୍ୟା ହେଉଛି ୪୨୬ । ଦକ୍ଷିଣ ଭାରତ ଅପେକ୍ଷା ଉତ୍ତର ଭାରତକୁ ଅଧିକ ଆସନ ମିଳିଲେ ଜାତୀୟ ରାଜନୀତି ଓ ନୀତି ନିର୍ଦ୍ଧାରଣରେ ଉତ୍ତର ଭାରତର ଆଧିପତ୍ୟ ରହିବ । ପୁଣି ଦକ୍ଷିଣ ଭାରତ ତୁଳନାରେ ଉତ୍ତର ଭାରତ ସମେତ ମଧ୍ୟ ଓ ପଶ୍ଚିମ ଭାରତରେ ବିଜେପିର ସ୍ଥିତି ଭଲ ରହିଥିବାରୁ ନିଜର ନିର୍ବାଚନୀ ଫାଇଦା ଲାଗି ସରକାର ଏଭଳି ଚାଲ୍ ଖେଳିଥିଲେ । ମହିଳା ସଂରକ୍ଷଣ ଅପେକ୍ଷା ସୀମା ପୁନଃନିର୍ଦ୍ଧାରଣକୁ ସରକାର ଅଗ୍ରାଧିକାର ଦେଉଥିଲେ । ମହିଳାଙ୍କ ସଂରକ୍ଷଣ ପ୍ରତି ଯଦି ସରକାରଙ୍କ ଆନ୍ତରିକତା ଥିଲା, ତାହା ହେଲେ ସୀମା ପୁନଃନିର୍ଦ୍ଧାରଣ ବିଲ୍‌ଠାରୁ ଏହାକୁ ଅଲଗା କରି ଆଗତ କରିଥା'ନ୍ତେ । ଏହାକୁ ସମର୍ଥନ ପାଇଁ ସବୁ ଦଳ ପ୍ରସ୍ତୁତ ଥିଲେ । କିନ୍ତୁ ଏହା ନ କରି ସରକାର ସୀମା ପୁନଃନିର୍ଧାରଣ ଜିଦ୍‌ରେ ଅଟଳ ରହିଲେ । ଏହା ସରକାରଙ୍କ ଅସଲ ଉଦ୍ଦେଶ୍ୟ ଧରାଇଦେଲା । ସୀମା ପୁନଃନିର୍ଦ୍ଧାରଣ ପାଇଁ ମହିଳାଙ୍କୁ ଢାଲ ଭାବେ ବ୍ୟବହାର କରି ନାରୀଙ୍କୁ ଅପମାନିତ କରିଛନ୍ତି ସରକାର । ତେଣୁ ସରକାର ଭାରତୀୟ ନାରୀଙ୍କୁ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛନ୍ତି । ●

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ସନାତନ ସଂସ୍କୃତିର ବାହକ ଅକ୍ଷୟ ତୃତୀୟା

ନାଟ୍ୟକାର ଜଗନ୍ନାଥ ବେହେରା

ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଶା କୃଷି କାର୍ଯ୍ୟରେ ଅକ୍ଷୟ ତୃତୀୟା ଦିନ ଟି ଅତି ଗୁରୁତ୍ୱପୂର୍ଣ୍ଣ । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ପାଳିତ ହୋଇଥାଏ ଏହି ପର୍ବ । ଭାରତୀୟ ଧାର୍ମିକ ଭାବନା ଏବଂ ସାଂସ୍କୃତିକ ଅନୁସାରେ ଏକ ତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଉତ୍ସବ ଅଟେ ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ଧାନ, ପାନ ଏବଂ ମୀନ ଚାଷ ପାଇଁ ଭାରତ ବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟ ରୂପରେ ପରିଗଣତି ହୋଇଛି । ସାଧାରଣତଃ ଏହି ତୃତୀୟା ଦିନ ସକାଳୁ ସକାଳୁ କୃଷକମାନେ ଅକ୍ଷି ମୁଠି ଅନୁକୂଳ କରନ୍ତି । କିଛି ଶସ୍ୟ ତଥା ବୀଜ ବା ବିହନ ବୁଣିବା କାର୍ଯ୍ୟ ସକାଳୁ ସମ୍ପାଦନ କରନ୍ତି । ସକାଳୁ ଉଠି ସ୍ନାନ କରି ନୂଆ ବସ୍ତ୍ର ପରିଧାନ ପୂର୍ବକ ଜମିକୁ ପୂଜା କରି ଭଗବାନଙ୍କ ନାମରେ ବିହନ ବୁଣନ୍ତି । ଓଡ଼ିଶାର ମଉଡ଼ମଣି ବିଶ୍ୱବନ୍ଦିତ ଠାକୁର କାଳିଆ ସାଆନ୍ତ ନରେନ୍ଦ୍ର ପୋଖରୀରେ ଆଜିଠାରୁ ଚାପ ଖେଳନ୍ତି । ଏହାକୁ ଚନ୍ଦନ ଯାତ୍ରା କୁହାଯାଏ, ଯାହା କି ଏକୋଇଶି ଦିନ ଧରି ଅନୁଷ୍ଠିତ ହୋଇଥାଏ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ନିମନ୍ତେ ପ୍ରଭୁ ଜଗନ୍ନାଥ ଦେହରେ ଚନ୍ଦନ ବୋଳି ହୋଇ ନୌ-ବିହାର କରନ୍ତି । ରଥ ଖଳାରେ ଗୁଣ୍ଡିଚା ଯାତ ନିମନ୍ତେ ପ୍ରସ୍ତୁତ ହେବାକୁ ଥିବା ତିନି ରଥ ପାଇଁ ଅକ୍ଷୟ ତୃତୀୟା ଦିନ କାଠ କାମ ପୂଜାର୍ଚ୍ଚନା ସହିତ ଆରମ୍ଭ ହୋଇଥାଏ ।

ଅକ୍ଷୟ ତୃତୀୟା ପଛରେ କିଛି ପୌରାଣିକ ତଥ୍ୟ ରହିଛି । ମଦୁରାଇ ମନ୍ଦିରରେ ଆଜିର ଦିନରେ ମାତା ମିନାକ୍ଷୀ ଦେବୀଙ୍କର ପ୍ରଭୁ ସୁନ୍ଦରେଶ୍ୱରଙ୍କ ସହିତ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ସନ୍ଦୀପନି ଋଷି ଆଶ୍ରମରେ ଭଗବାନ ଶ୍ରୀକୃଷ୍ଣ ଏବଂ ସୁଦାମା ଏକତ୍ର



ବିଦ୍ୟା ଅଧ୍ୟୟନ କରୁଥିଲେ । ସମୟକ୍ରମେ ଶ୍ରୀକୃଷ୍ଣ ଦ୍ୱାରକାର ରାଜା ହୋଇଥିବା ବେଳେ ସୁଦାମା ଦରିଦ୍ରତମ ଜୀବନଯାପନ କରୁଥିଲେ । ନିଜର ଦରିଦ୍ରତା ଦୂରୀକରଣ ନିମନ୍ତେ ଭଗବାନଙ୍କ ଦରବାରରେ ଗାମୁଛାରେ ମୁଠାଏ ଖୁଦଭଜା ଧରି ପହଞ୍ଚି ଥିଲେ ସୁଦାମା । କିନ୍ତୁ ପିଲାଦିନର ସାଙ୍ଗକୁ ରାଜା ବେଶରେ ଦେଖି ନିଜ ମନ କଥା କହି ପାରିଲେ ନାହିଁ । ଭାବଗ୍ରାହୀ ଭଗବାନ ଶ୍ରୀକୃଷ୍ଣ ମନକଥା ଜାଣି ପାରି ସୁଦାମାଙ୍କୁ ମୁଠାଏ ଖୁଦ ବଦଳରେ ମୁଠାଏ କଉଡ଼ି ପ୍ରଦାନ କରି କହିଥିଲେ, ଆଜିଠାରୁ ତୁମର କୌଣସି ଅଭାବ ରହିବ ନାହିଁ । ସେହିଦିନଟି ଥିଲା ଅକ୍ଷୟ ତୃତୀୟା ।

ଅନ୍ୟ ଏକ ପୌରାଣିକ କିମ୍ବଦନ୍ତୀ ଅନୁସାରେ, ପାଣ୍ଡବମାନେ ଘୋର ବନାନୀ ମଧ୍ୟରେ ଋଷିମାନଙ୍କୁ ଅନ୍ନ ପ୍ରଦାନ କରିବାର ଥିଲା । ପାଣ୍ଡବ ମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରସାଦ ସେବନ ନିମନ୍ତେ ଆଶାଠାରୁ ଅଧିକ ଋଷି ଉପସ୍ଥିତ ହୋଇଗଲେ । ପାଣ୍ଡବ ପାଞ୍ଚ ଭାଇ ବଡ଼ ଚିନ୍ତା ବା ଧର୍ମସଙ୍କଟରେ ପଡ଼ିଗଲେ । ହଜାର ହଜାର ଋଷିଙ୍କୁ କିପରି ଆପ୍ୟାୟିତ କରିବେ । ଅନ୍ତର୍ଯ୍ୟାମୀ ଭଗବାନ ଶ୍ରୀକୃଷ୍ଣ ସବୁ ଜାଣି ପାରି ପାଣ୍ଡବମାନଙ୍କୁ ଏକ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ । ସେଥିରୁ ଯେତେ ଖାଦ୍ୟ ଦିଆଗଲେ ମଧ୍ୟ କୌଣସିମତେ ଖାଦ୍ୟ ସରିବ ନାହିଁ । ଏହି ଅକ୍ଷୟ ପାତ୍ରକୁ ଅକ୍ଷୟ ତୃତୀୟା ଦିନ ଶ୍ରୀକୃଷ୍ଣ ପ୍ରଦାନ କରିଥିଲେ ।

ଆଉ ଏକ ତଥ୍ୟ ଅନୁଯାୟୀ, ବେଦବ୍ୟାସ ମୁନି ନିଜ ଲିଖନ ମୁନ ସାହାଯ୍ୟରେ ଅକ୍ଷୟ ତୃତୀୟା ଦିନ ହିଁ ମହାଭାରତ ରଚନା ଆରମ୍ଭ କରିଥିଲେ । ଅକ୍ଷୟ ତୃତୀୟା ଦିନ ଭଗବାନ ତାଙ୍କର ଷଷ୍ଠ ଅବତାର ନେଇ ଧରା ପୃଷ୍ଠକୁ ଅବତରଣ କରିଥିଲେ, ଯାହାକି ପର୍ଶୁରାମ ଅବତାର ନେଇ ଦୃଷ୍ଟ ଦମନ କରିଥିଲେ । ଭାଗିରଥୀ ନିଜ ତପସ୍ୟା ବଳରେ ଗଙ୍ଗା ନଦୀକୁ ଧରାରେ ଅବତରଣ କରିବାକୁ ସକ୍ଷମ ଏହି ଅକ୍ଷୟ ତୃତୀୟା ଦିନ ହିଁ ହୋଇଥିଲେ ।

ଉପରୋକ୍ତ ସମସ୍ତ ପୁରାଣ ବିଷୟ ଅନୁଯାୟୀ, ଅକ୍ଷୟ ତୃତୀୟା ଦିନ ଯେକୌଣସି କାର୍ଯ୍ୟ ଆରମ୍ଭ କଲେ, ତାହା ଶୁଭ ଏବଂ ଲାଭ ହୋଇଥାଏ । ପାଠ ଆରମ୍ଭ, ଧନ ସଞ୍ଚୟ କୃଷି ଅନୁକୂଳ ପରି ବିଭିନ୍ନ କାର୍ଯ୍ୟ ଆରମ୍ଭ କଲେ, ତାହା ଯୁଗ ଯୁଗ ପାଇଁ ଶୁଭ ଫଳ ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି । ସନାତନ ସଂସ୍କୃତିରେ ଅକ୍ଷୟ ତୃତୀୟା ହେଉଛି ଏକ ସ୍ୱତନ୍ତ୍ର ବିଶେଷତ୍ୱ ରଖୁଥିବା ପର୍ବ ମଧ୍ୟରୁ ଗୋଟିଏ । ●

ଗାୟତ୍ରୀ ନଗର, ନବରଙ୍ଗପୁର
ମୋ- ୯୪୩୭୭୮୫୧୫୮

# ଅର୍ଥ ପରିଚାଳନାରେ ଆଧ୍ୟାତ୍ମିକତା: ସମୃଦ୍ଧି ସହ ମୂଲ୍ୟବୋଧର ସମନ୍ୱୟ

ଅନନ୍ତ ଚରଣ ସ୍ୱାଇଁ

ଆଧୁନିକ ଯୁଗରେ ଅର୍ଥନୀତି ଓ ଆର୍ଥିକ ପରିଚାଳନା ମାନବ ଜୀବନର ଅଖଣ୍ଡ ଅଂଶ ହୋଇପଡ଼ିଛି । ଏହା ସହିତ ଆଧ୍ୟାତ୍ମିକ ଚିନ୍ତନର ସମ୍ମିଳନ ହେଲେ, ଏହାର ସଠିକ ଓ ସାର୍ଥକ ପରିଣାମ ଦେଖିବାକୁ ମିଳେ । ଆଧ୍ୟାତ୍ମିକ ବିଚାରଧାରା ମାନବଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ଆଣିଥାଏ, ଏବଂ ଅର୍ଥ ପରିଚାଳନାରେ ଏହା ନୈତିକ ମୂଲ୍ୟବୋଧ, ସତ୍ୟନିଷ୍ଠା ଓ କରୁଣାକୁ ପ୍ରୋତ୍ସାହିତ କରେ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଧନ କେବଳ ଏକ ସଂଗ୍ରହ କରିବାର ବସ୍ତୁ ନୁହେଁ; ବରଂ ଏକ ସାଧନ । ଧନ ଉପାର୍ଜନ, ସଞ୍ଚୟ, ବିନିଯୋଗ ଓ ବ୍ୟୟ—ଏସବୁକୁ ଆତ୍ମିକ ସଚେତନତା, ଧର୍ମ ଓ ନୈତିକତା ସହ ଯୋଡ଼ିଲେ, ଏହା ଜୀବନକୁ ସୁସଂଗଠିତ କରିଥାଏ । ପ୍ରାଚୀନ ଋଷିମାନେ ଧନକୁ ଏକ ଶକ୍ତି ଭାବରେ ଦେଖୁଥିଲେ, ଯାହା ସମୃଦ୍ଧି, ସମ୍ମାନ ଓ ସାମର୍ଥ୍ୟର ପ୍ରତୀକ ।

ଗତ କିଛି ବର୍ଷ ଧରି ଦେଶର ଅର୍ଥନୀତିରେ ଅନେକ ଉନ୍ନତି ଦେଖାଯାଇଛି । ଦାରିଦ୍ର୍ୟର ହାର କମିଛି ଓ ଅନେକ ଲୋକ ଆର୍ଥିକ ଭାବେ ସମୃଦ୍ଧ ହୋଇଛନ୍ତି; ତଥାପି ଏହି ସମୃଦ୍ଧି ସହିତ ଅସମତା ମଧ୍ୟ ବଢୁଛି । ସମ୍ପତ୍ତିର ବିତରଣରେ ଏହି ବ୍ୟାପକ ଅସମାନତା ସମାଜରେ ଅଶାନ୍ତି, ଅସନ୍ତୋଷ ଓ ଅନ୍ୟାୟର ଭାବନାକୁ ଜନ୍ମ ଦେଉଛି । ଆଜିର ଭୋଗବାଦୀ ସମାଜରେ ଧନ କେବଳ ଆବଶ୍ୟକତା ପୂରଣରେ ସୀମିତ ନ ରହି, ଏହା ପ୍ରଭାବ, ପ୍ରଭୁତ୍ୱ ଓ ଆତ୍ମସମ୍ମାନର ମାପଦଣ୍ଡ ହୋଇଯାଇଛି । ଏହି ପରିସ୍ଥିତି ମାନବକୁ ଲୋଭ, ଭୟ, ଈର୍ଷା ଓ ଅସନ୍ତୋଷର ଚକ୍ରବ୍ୟୂହରେ ପକାଇଦେଉଛି । ଏହି ସମୟରେ ଆଧ୍ୟାତ୍ମିକତା ଆମକୁ ଶିଖାଏ ଯେ ଧନର ଦାସ ହେବା ନୁହେଁ; ବରଂ ଧନକୁ ମାନବ ସେବାର ଉପକରଣ ଭାବେ ବ୍ୟବହାର କରିବା ଉଚିତ୍ । ଆଧ୍ୟାତ୍ମିକ ଅର୍ଥନୀତିର ମୂଳ ଲକ୍ଷ୍ୟ ହେଉଛି—ଆର୍ଥିକ ସଫଳତା ସହ ଆନ୍ତରିକ ଶାନ୍ତିର ସାଧନ । ପାରମ୍ପରିକ ଅର୍ଥନୀତି ଯେଉଁଠାରେ ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧିରେ ଜୋର୍ ଦିଏ, ସେଠାରେ ଆଧ୍ୟାତ୍ମିକ ଅର୍ଥନୀତି ନୈତିକତା, ସଚ୍ଚୋଟତା, ସାମୂହିକ ସମୃଦ୍ଧି ଓ ମାନବୀୟ ମୂଲ୍ୟବୋଧକୁ ଗୁରୁତ୍ୱ ଦିଏ । ସତ୍ୟ ସମୃଦ୍ଧି କେବଳ ଧନରେ ନୁହେଁ; ଏହା ସ୍ୱାସ୍ଥ୍ୟ, ସୁଖ, ପ୍ରେମ, ଜ୍ଞାନ ଓ ଆନ୍ତରିକ ଶାନ୍ତିର ସମନ୍ୱୟ । ଏହା ଭଗବାନଙ୍କ ଆଶୀର୍ବାଦ ଓ ସମାଜ ପାଇଁ ଏକ ମୂଲ୍ୟବାନ ଉପହାର ।

କର୍ମ ଓ ଧନ ମଧ୍ୟରେ ଗଭୀର ସମ୍ପର୍କ ରହିଛି । ସତ୍ୟ, ନ୍ୟାୟ ଓ ନୈତିକତା ଉପରେ ଆଧାରିତ କର୍ମ ଦ୍ୱାରା ଅର୍ଜିତ ଧନ ଦୀର୍ଘସ୍ଥାୟୀ ଓ ଶାନ୍ତିଦାୟକ ହୁଏ । ଅନ୍ୟାୟ ଉପାୟରେ ଅର୍ଜିତ ଧନ ଅଶାନ୍ତି ଓ ଦୁଃଖ ଆଣିଥାଏ । ଦାନ ଓ ପରୋପକାର ଭାରତୀୟ ସଂସ୍କୃତିର ମୂଳ ଆଧାର । ଆୟର ଏକ ଅଂଶ ସମାଜକଲ୍ୟାଣ ପାଇଁ ବ୍ୟୟ କରିବା ଧନର ପବିତ୍ରତାକୁ ବଢ଼ାଇଥାଏ ଓ ଆଧ୍ୟାତ୍ମିକ ଉନ୍ନତିକୁ ସହାୟତା କରେ । ଗୀତାର କର୍ମଯୋଗ ଆମକୁ ଶିଖାଏ—ଫଳର ଆଶା ବିନା କର୍ତ୍ତବ୍ୟ ପାଳନ କରିବା, ଯାହା ଆର୍ଥିକ କାର୍ଯ୍ୟରେ ମଧ୍ୟ ପ୍ରାସଙ୍ଗିକ । ଆଧ୍ୟାତ୍ମିକ ଅର୍ଥ ପରିଚାଳନା ପାଇଁ କିଛି ମୂଳ ଅଭ୍ୟାସ ଅତ୍ୟାବଶ୍ୟକ—ସଚେତନ ବ୍ୟୟ, ନୈତିକ ଉପାର୍ଜନ, ସରଳ ଜୀବନ ଓ କୃତଜ୍ଞତା । ପ୍ରତ୍ୟେକ ଖର୍ଚ୍ଚ ପୂର୍ବରୁ ଏହା ଭାବିବା ଉଚିତ୍—ଏହା ଆବଶ୍ୟକ କି? ଏହା ସମାଜ ପାଇଁ ଉପକାରୀ କି? ଏହି ପ୍ରଶ୍ନଗୁଡ଼ିକ ଆମକୁ ସଠିକ ନିଷ୍ପତ୍ତି ନେବାରେ ସହାୟ କରେ । ବ୍ୟାଙ୍କିଂ, ବିମା ଓ ବିନିଯୋଗ କ୍ଷେତ୍ରରେ ମଧ୍ୟ ଆଧ୍ୟାତ୍ମିକ ମୂଲ୍ୟବୋଧ ଆଣିବା ଆବଶ୍ୟକ, ଯାହା ନୈତିକତା ଓ ଆଦର୍ଶକୁ ଶକ୍ତିଶାଳୀ କରିବ । ଅର୍ଥନୀତିରେ ଆଧ୍ୟାତ୍ମିକତା ଆମକୁ ଏକ ସନ୍ତୁଳିତ ଜୀବନ ଦର୍ଶନ ଦିଏ । ଏହା ଶିଖାଏ ଯେ ଧନ ଜୀବନର ଏକ ଅଂଶ; ସମଗ୍ର ଜୀବନ ନୁହେଁ । ଓଡ଼ିଶାର ଜଗନ୍ନାଥ ସଂସ୍କୃତି ଓ ସାମୂହିକ ଜୀବନ ଏହି ଦର୍ଶନର ଉତ୍କୃଷ୍ଟ ଉଦାହରଣ । ଆଜିର ବିଶ୍ୱରେ ବଢୁଥିବା ଆର୍ଥିକ ସଙ୍କଟ, ଚିନ୍ତା ଓ ଅସନ୍ତୋଷକୁ ଦୂର କରିବା ପାଇଁ ଆଧ୍ୟାତ୍ମିକ ଚିନ୍ତନର ଅତ୍ୟନ୍ତ ଆବଶ୍ୟକତା ରହିଛି । ଦାରିଦ୍ର୍ୟକୁ କେବଳ ଧନର ଅଭାବ ଭାବେ ନୁହେଁ; ବରଂ ସୁଯୋଗ, ଶିକ୍ଷା ଓ ସମ୍ମାନର ଅଭାବ ଭାବେ ବୁଝିବା ଦରକାର । ସମାଜର ସମୃଦ୍ଧ ଓ ଶିକ୍ଷିତ ଶ୍ରେଣୀ ଯଦି ସବଳ ଓ ସମବେଦନାଶୀଳ ଭାବରେ ଦୁର୍ବଳ ବର୍ଗଙ୍କୁ ସହଯୋଗ କରନ୍ତି, ତେବେ ଦାରିଦ୍ର୍ୟ ହ୍ରାସ ପାଇ ଏକ ସନ୍ତୁଳିତ, ସଫଳ ଓ ଶାନ୍ତିପ୍ରିୟ ସମାଜ ଗଠନ ହୋଇପାରିବ । ●

ପଲେଇ (ଚାନ୍ଦୋଳ), କେନ୍ଦ୍ରାପଡ଼ା
ମୋ: ୭୩୮୧୦୪୬୪୭୭

# ବିକାଶର ପଥରେ ବାଧା: ରେଳ ସଂଯୋଗର ଅଭାବ

ସିତାଂଶୁ ଶେଖର ମିଶ୍ର

ସ୍ୱାଧୀନତା ପରେ ଭାରତ ଆଧୁନିକ ଢାଞ୍ଚାଗତ ବିକାଶରେ ଅନେକ ମାଇଲଷ୍ଟୋନ ସ୍ଥାପନ କରିଛି । ରାସ୍ତା, ବିମାନବନ୍ଦର, ବନ୍ଦର ଏବଂ ବିଶେଷତଃ ରେଳପଥରେ ଦେଶ ଦ୍ରୁତଗତିରେ ଆଗକୁ ବଢ଼ିଛି । ତଥାପି ଏହି ଉନ୍ନତିର ଚିତ୍ର ପୂର୍ଣ୍ଣ ନୁହେଁ । ଆଜି ମଧ୍ୟ ଭାରତର ଅନେକ ଉପଖଣ୍ଡ ରେଳପଥ ସଂଯୋଗରୁ ବଞ୍ଚିତ, ଯାହାର ପରିଣାମରେ ସେମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ଅପହଞ୍ଚ ରହିଯାଉଛି ।

ଭାରତର ରେଳ ନେଟ୍‌ୱର୍କ ବିଶ୍ୱର ଚତୁର୍ଥ ସବୁଠାରୁ ବଡ଼ ହୋଇଥିବା ସତ୍ତ୍ୱେ, ଏହାର ବିତରଣ ସମତାମୂଳକ ନୁହେଁ । ମେଟ୍ରୋ ସହର ଓ ଶିଳ୍ପାଞ୍ଚଳଗୁଡ଼ିକ ଉତ୍ତମ ସଂଯୋଗ ପାଇଥିବା ବେଳେ, ଗ୍ରାମୀଣ ଓ ପାର୍ବତୀୟ ଅଞ୍ଚଳଗୁଡ଼ିକ ଏପର୍ଯ୍ୟନ୍ତ ଅବହେଳିତ । ଏହାର ଫଳରେ ଶିକ୍ଷା, ଚିକିତ୍ସା, ବ୍ୟବସାୟ ଓ ରୋଜଗାରର ସୁଯୋଗ ସେଠାକୁ ପହଞ୍ଚି ପାରୁନାହିଁ ।

ଓଡ଼ିଶା ପରିପ୍ରେକ୍ଷୀରେ ଏହି ସମସ୍ୟା ଅଧିକ ସ୍ପଷ୍ଟ ଭାବେ ପ୍ରକାଶ ପାଉଛି । ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ସତ୍ତ୍ୱେ, ସମ୍ବଲପୁର–ସୁବର୍ଣ୍ଣପୁର ରେଳପଥ ପ୍ରକଳ୍ପ ପରି ଗୁରୁତ୍ୱପୂର୍ଣ୍ଣ ପରିକଳ୍ପନା ଆଜି ପର୍ଯ୍ୟନ୍ତ କାର୍ଯ୍ୟରୂପ ନେଇପାରି ନାହିଁ । ଏହାର ପଛରେ ପ୍ରଶାସନିକ ଅସମର୍ଥତା ସହିତ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ମୁଖ୍ୟ କାରଣ ଭାବେ ଦେଖାଯାଏ ।

ସରକାର ବିଭିନ୍ନ ସମୟରେ ନୂତନ ରେଳପଥ ଘୋଷଣା କରୁଥିବା ସତ୍ତ୍ୱେ, ସୁବର୍ଣ୍ଣପୁର ଜିଲ୍ଲାର ଏହି ପ୍ରମୁଖ ଦାବି ପ୍ରତି ଅଣଦେଖା କରାଯାଇଛି । ସମ୍ବଲପୁର ସହିତ ସୁବର୍ଣ୍ଣପୁରର ରେଳ ସଂଯୋଗୀକରଣ ଦାବି କୌଣସି ନୂତନ ବିଷୟ ନୁହେଁ; ଏହା ରାଜା-ରାଜୁଡ଼ା ସମୟରୁ ଚାଲିଆସୁଥିବା ଏକ ଐତିହାସିକ ଆକାଂକ୍ଷା । ଐତିହାସିକ ତଥ୍ୟରୁ ଜଣାଯାଏ ଯେ, ୧୯୪୫-୪୬ ମସିହାରେ ସମ୍ବଲପୁର ଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଏକ





ରେଳପଥ ନିର୍ମାଣ ପାଇଁ ବେଙ୍ଗଲ ନାଗପୁର ରେଳୱେ କମ୍ପାନୀକୁ ପ୍ରସ୍ତାବ ଦିଆଯାଇଥିଲା । ଯାହାକି ସ୍ୱାଧୀନତା ପରେ ଅନେକ ଆନ୍ଦୋଳନ ପରେ ନବେ ଦଶକରେ ଖୋର୍ଦ୍ଧାକୁ ବଲାଙ୍ଗିର ସହିତ ସଂଯୋଗୀକରଣର ନିଷ୍ପତ୍ତି ନିଆଗଲା, ଯାହାକି ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହେବା ଅପେକ୍ଷାରେ । ଫଳସ୍ୱରୂପ, ସୁବର୍ଣ୍ଣପୁର ସହିତ ସମ୍ବଲପୁରର ରେଳ ସଂଯୋଗୀକରଣର ସ୍ୱପ୍ନ ଅଧୂରା ହୋଇ ରହିଗଲା । ସ୍ୱାଧୀନତା ପରେ ପ୍ରାୟ ତିନି ଦଶକ ଅତୀତ ହେବା ପରେ ସମ୍ବଲପୁର–ଭୁବନେଶ୍ୱର ରେଳପଥ ରେଢ଼ାଖୋଲ, ଅନୁଗୁଳ ଓ ଢେଙ୍କାନାଳ ମାର୍ଗରେ କାର୍ଯ୍ୟକାରୀ କରାଯାଇଥିଲା । ଏହାର ପରିଣାମରେ ସୁବର୍ଣ୍ଣପୁର ମାର୍ଗରେ ସମ୍ବଲପୁର ସହ ରେଳ ସଂଯୋଗ ସ୍ଥାପନର ପ୍ରସଙ୍ଗ ଧୀରେ ଧୀରେ ଗୁରୁତ୍ୱହୀନ ହୋଇ ପଡ଼ିଲା । ତଥାପି, ଏହି ଦାବିକୁ ନେଇ ଅଞ୍ଚଳର ଜନସାଧାରଣ ନିରନ୍ତର ଭାବରେ ସରକାରଙ୍କ ନଜରକୁ ଆଣୁଥିବା ସହିତ ତାହାର ପୂରଣ ପାଇଁ ଆଶା ରଖି ଆସୁଛନ୍ତି ।

ଯଦି ତଥ୍ୟକୁ ଦେଖାଯାଏ, ସ୍ୱାଧୀନତା ପରେ ଦେଶର ମୋଟ ରେଳ ଲାଇନ୍ ଦୈର୍ଘ୍ୟ ଅନେକଗୁଣ ବଢ଼ିଛି, କିନ୍ତୁ ଆନୁପାତିକ ଭାବେ ସମସ୍ତ ଅଞ୍ଚଳରେ ଏହାର ବିକାଶ ହୋଇନାହିଁ । ବିଶେଷତଃ ପୂର୍ବ ଓ ମଧ୍ୟ ଭାରତର ଅନେକ ଜିଲ୍ଲା ଆଜି ମଧ୍ୟ ରେଳ ସଂଯୋଗରୁ ବଞ୍ଚିତ ଅଛନ୍ତି ।

ଏହି ପରିସ୍ଥିତିରେ ପ୍ରଶ୍ନ ଉଠେ—ଉପଖଣ୍ଡମାନଙ୍କୁ ରେଳପଥରେ ଯୋଡିବା କେବେ ସମ୍ଭବ ହେବ?

ଏହାର ଉତ୍ତର କେବଳ ସରକାରୀ ଯୋଜନାରେ ନୁହେଁ; ବରଂ ସାମୁହିକ ସଚେତନତା ଓ ଦାବିରେ ନିହିତ ଅଛି ।

ଜନସାଧାରଣଙ୍କୁ ନିଜ ଅଧିକାର ପ୍ରତି ସଚେତନ ହେବା ସହିତ, ସଂଗଠିତ ଭାବରେ ନିଜ ଦାବିକୁ ଉପସ୍ଥାପନ କରିବାକୁ ହେବ । ମାଟିର ସ୍ୱାଭିମାନ ଓ ଅଞ୍ଚଳର ବିକାଶ ପାଇଁ ଏକତାବଦ୍ଧ ଚେଷ୍ଟା ହେଲେ ଶାସକ ବାଧ୍ୟ ହେବେ ପଦକ୍ଷେପ ନେବାକୁ ।

ସେପଟେ, ଶାସନ ମାଧ୍ୟମରେ ପ୍ରାଥମିକତା ଭିତ୍ତିରେ ଅନୁନ୍ନତ ଅଞ୍ଚଳଗୁଡ଼ିକୁ ରେଳ ମାନଚିତ୍ରରେ ଆଣିବା ଆବଶ୍ୟକ । ପ୍ରକଳ୍ପଗୁଡ଼ିକର ନିୟମିତ ନିରୀକ୍ଷଣ, ସମୟବଦ୍ଧ କାର୍ଯ୍ୟାନୁଷ୍ଠାନ ଓ ପାରଦର୍ଶିତା ନିଶ୍ଚିତ କରିଲେ ମାତ୍ର ଏହା ସମ୍ଭବ ।

ଶେଷରେ କୁହାଯାଇପାରେ, ରେଳପଥ କେବଳ ଯାତାୟାତର ଏକ ମାଧ୍ୟମ ନୁହେଁ— ଏହା ଉନ୍ନତିର ଜୀବନରେଖା । ଯେତେବେଳେ ଉପଖଣ୍ଡମାନେ ରେଳ ଯୋଗାଯୋଗରେ ସଂଯୁକ୍ତ ହେବେ, ସେତେବେଳେ ମାଟି ହସିଉଠିବ ଏବଂ ମାଟିର ଲୋକମାନେ ମଧ୍ୟ ସମୃଦ୍ଧିର ନୂତନ ଦିଗ ଦେଖିବେ । ଏହି ସଂଯୋଗ କେବଳ ଅର୍ଥନୈତିକ ଗତିକୁ ତେଜ କରିବ ନୁହେଁ; ବରଂ ସମାନ ଉନ୍ନତିର ଭିତ୍ତିକୁ ମଧ୍ୟ ମଜବୁତ କରିବ । ଏଭଳି ପଦକ୍ଷେପସବୁ ଭାରତକୁ ତାହାର ୨୦୪୭ର 'ବିକଶିତ ଭାରତ' ଲକ୍ଷ୍ୟ ପ୍ରାପ୍ତିରେ ଅଧିକ ସୁଦୃଢ଼ ଓ ସାମର୍ଥ୍ୟଶୀଳ କରିପାରିବ । ●

ଶାନ୍ତିନଗର, ସୋନପୁର
ମୋ.- ୮୧୪୪୮ ୭୦୭୨୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ନୟାଗଡ଼ ଜିଲ୍ଲାରେ ମହିଳା ଅସୁରକ୍ଷିତ

# ଏସ୍‌ଡିପିଓଙ୍କ କାରାନାମା, ଜିଲ୍ଲା ପୁଲିସ୍ ନିନ୍ଦିତ

ନୟାଗଡ଼,୧୯ ।୪(ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମର ଜଣେ ମହିଳାଙ୍କୁ ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ ହ୍ୱାଟ୍ସଆପ୍‌ରେ ମେସେଜ କରି ପ୍ରେମ ନିବେଦନ କରିବା ଏବଂ ଫୋନ ଜରିଆରେ ରାତି ବିତାଇବାକୁ ଡାକିବା ଘଟଣାର ଅଡିଓ ଭାଇରାଲ ହେବା ପରେ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳରେ ଏବେ ବାତାବରଣ ଉଷ୍ମ ହୋଇଛି । ଏସ୍‌ଡିପିଓ ପ୍ରଧାନଙ୍କ କାରାନାମା ଏବେ

- ବାଡ଼ ଖାଉଛି ଫସଲ, ସୁରକ୍ଷା ଦେଉଛନ୍ତି ରାଜନେତା
- ଖଣ୍ଡପଡ଼ା ଓ ଭାପୁରରେ ଉଷ୍ମ ବାତାବରଣ

ଜିଲ୍ଲା ପୁଲିସକୁ ନିନ୍ଦିତ କରିଛି । ଏହାକୁ ନେଇ ସୋସିଆଲ ମିଡିଆରେ ଏବେ ଜିଲ୍ଲା ପୁଲିସର ଧଜିଆ ଉଡ଼ୁଛି । ଜିଲ୍ଲାର ଜଣେ ବରିଷ୍ଠ ପୁଲିସ ଅଧିକାରୀ ଏଭଳି ଆଚରଣ କରିବା ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି । ଏତେବଡ଼ ଘଟଣା ଘଟିଥିବା ବେଳେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏ ପ୍ରସଙ୍ଗରେ ମୁହଁ ଖୋଲୁ ନ ଥିବା ବେଳେ ବିଜେଡି ନେତ୍ରୀ ତଥା ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ମଧ୍ୟ ମୁହଁ ଖୋଲିନାହାନ୍ତି । ଖଣ୍ଡପଡ଼ା ନଗର କଂଗ୍ରେସ ଘଟଣାକୁ ନିନ୍ଦା କରିଥିବା ବେଳେ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ବାଡ଼ ଯେବେ ଫସଲ ଖାଇବ ପରିସ୍ଥିତି କ'ଣ ହେବ ବୋଲି ପ୍ରଶ୍ନ ଉଠିଛି । ମହିଳାଙ୍କୁ ସୁରକ୍ଷା ଦେବାକୁ ଥିବା ଅଧିକାରୀ ମହିଳାଙ୍କୁ ଶୋଷଣ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ବେଳେ ଏବେ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ସୋମବାର ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପରିସ୍ଥିତି ଭୟାବହ ହେବ ବୋଲି ଅନୁମାନ କରାଯାଉଛି । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରୁ ୫ ହଜାର ମହିଳାଙ୍କୁ ନେଇ ଶୋଭାଯାତ୍ରା, ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଘେରଉ ଆଦି କାର୍ଯ୍ୟକ୍ରମ ପାଇଁ ଯୋଜନା ଚାଲିଛି । ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ ଛୁଟିରେ ରହିଛନ୍ତି । ସେ ଫେରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଇପାରେ ବୋଲି ଆଶା କରାଯାଉଛି । ଏହି ଘଟଣାକୁ ନେଇ ଜିଲ୍ଲାର ପ୍ରମୁଖ ସଂଗଠନଗୁଡ଼ିକ ଏସ୍‌ପିଙ୍କ ସହ ଆଲୋଚନା କରିବାକୁ ଅପେକ୍ଷା କରିଛନ୍ତି । ଯଦି ଏସ୍‌ଡିପିଓଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରାଯାଏ, ତେବେ ଜିଲ୍ଲାରେ ବଡ଼ ଧରଣର ଆନ୍ଦୋଳନ ହେବା ସମ୍ଭାବନା ସୃଷ୍ଟି ହୋଇଛି । କୌଣସି ପରିସ୍ଥିତିରେ ଏହି ଘଟଣାକୁ ଲୋକେ ଗ୍ରହଣ କରିପାରୁନାହାନ୍ତି । ଏସ୍‌ଡିପିଓଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି ।

● ଦୁଷ୍କର୍ମ ଉଦ୍ୟମ ପରେ ଆକ୍ରମଣ ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ମହିଳା ମୃତ

ନୟାଗଡ଼: ନୟାଗଡ଼ ସଦରଥାନା ଅନ୍ତର୍ଗତ ଖୁଣ୍ଟୁବନ୍ଧ ଅଞ୍ଚଳର ଜଣେ ୪୦ ବର୍ଷୀୟ ବିବାହିତା ମହିଳାଙ୍କୁ ଗତ ୧୪ ତାରିଖ ଜଣେ ନିଶାସକ୍ତ ଯୁବକ ଦୁଷ୍କର୍ମ ଉଦ୍ୟମ କରିଥିଲା । ଏଥିରେ ବିଫଳ ହେବା ପରେ ଯୁବକ ଜଣକ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା । ଆକ୍ରମଣରେ ମହିଳାଙ୍କ ହାତ ଭାଙ୍ଗିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଆଜି ମହିଳାଙ୍କ ମୃତ୍ୟୁ ହୋଇଛି । ଏହି ଘଟଣା ପରେ ଜିଲ୍ଲାରେ ମହିଳାଙ୍କ ସୁରକ୍ଷା ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖୁଣ୍ଟୁବନ୍ଧ ଅଞ୍ଚଳର ଏହି ମହିଳା ଜଣକ ଇଟାମାଟି ଅଞ୍ଚଳରେ ବିବାହ କରିଥିଲେ । କୌଣସି କାରଣକୁ ନେଇ ସେ ବାପାଙ୍କ ଘରେ ରହୁଥିଲେ । ମଙ୍ଗଳବାର ସନ୍ଧ୍ୟାରେ ମହିଳା ଶୌଚ ପାଇଁ ଯାଇଥିବା ବେଳେ ଖୁଣ୍ଟୁବନ୍ଧ ଗ୍ରାମର କେଳୁ ଦଳେଇଙ୍କ ପୁଅ ଚନ୍ଦନ ଦଳେଇ ତାଙ୍କୁ ଏକାକୀ ପାଇ ଦୁଷ୍କର୍ମ ଉଦ୍ୟମ କରିଥିଲା । ମହିଳା ଜଣକ ବିରୋଧ କରିବାରୁ ଚନ୍ଦନ ତାଙ୍କ ହାତ ମୋଡ଼ି ଭାଙ୍ଗି ଦେଇଥିଲା । ମହିଳା ଚିତ୍କାର କରିବାରୁ ଗ୍ରାମବାସୀ ଉକ୍ତ ସ୍ଥାନରେ ପହଞ୍ଚିଥିଲେ । ତେବେ ଚନ୍ଦନ କୌଶଳ କ୍ରମେ ସେଠାରୁ ଖସି ଯାଇଥିଲା । ଥାନା ଅଧିକାରୀ ପ୍ରିୟତମା ବେହେରାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଖୁଣ୍ଟୁବନ୍ଧ ଗାଁରେ ଚଢ଼ଉ କରି ଚନ୍ଦନକୁ ଉଠାଇ ଆଣିଥିଲା । ଏହି ଘଟଣାକୁ ନେଇ ପୁଲିସ ଏକ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ବୁଧବାର ଚନ୍ଦନକୁ କୋର୍ଟ ଚାଲାଣ କରିଥିଲା । ତେବେ ମହିଳାଙ୍କ ମୃତ୍ୟୁ ହୋଇଥିବାରୁ ଏହା ହତ୍ୟା ମାମଲାକୁ ପରିବର୍ତ୍ତିତ ହେବ ବୋଲି ଥାନା ଅଧିକାରୀ କହିଛନ୍ତି । ଅନ୍ୟପଟେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ପରେ ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାକୁ ହସ୍ତାନ୍ତର କରାଯାଇଛି ।

● ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ନାଁରେ ଯୌନଶୋଷଣ ଅଭିଯୋଗ

## ଏସ୍‌ଡିପିଓ ଗିରଫ ହେଉନାହାନ୍ତି କାହିଁକି?: ବିଜେଡି

ଭୁବନେଶ୍ୱର, ୧୯।୪ (ସମିସ): ନ୍ୟାୟ ପାଇଁ ଥାନାକୁ ଯାଇଥିବା ଜଣେ ମହିଳା ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଛନ୍ତି । ଏ



ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ପ୍ରମାଣ ସେ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦେଇସାରିଥିଲେ ମଧ୍ୟ ଏଯାଏଁ ପୀଡ଼ିତାଙ୍କୁ ନ୍ୟାୟ ମିଳିପାରିନାହିଁ । ମହିଳା ସଶକ୍ତୀକରଣ ସ୍ଲୋଗାନ୍ ଦେଉଥିବା ଡବଲ୍ ଇଂଜିନ ସରକାରର ଏହା ଅସଲ ମୁଖା ବୋଲି ବିଜେଡି କହିଛି ।

ରବିବାର ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ଡବଲ ଇଂଜିନ୍ ସରକାରରେ ଦିନକୁଦିନ ନାରୀ ନିର୍ଯାତନା ବୃଦ୍ଧି ପାଉଥିଲା ବେଳେ ପୁଲିସ ଦ୍ୱାରା ଜଣେ ମହିଳା ଯୌନ ନିର୍ଯାତନାର ଶିକାର ହେବା ଅତ୍ୟନ୍ତ ଲଜ୍ଜା ଓ ଦୁର୍ଭାଗ୍ୟଜନକ । ଥାନାକୁ ଯାଇଥିବା ମହିଳାଜଣଙ୍କ ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ଦ୍ୱାରା ବାରମ୍ବାର ଯୌନନିର୍ଯାତନାର ଶିକାର ହେବାର ସମସ୍ତ ପ୍ରମାଣ ଗଣମାଧ୍ୟମ ଆଗରେ ଦେଇଥିଲେ ସୁଦ୍ଧା ସରକାର କୁମ୍ଭକର୍ଣ୍ଣ ନିଦ୍ରା ନଭାଙ୍ଗିବା, ଓଡ଼ିଶା ପୁଲିସ

> ଡବଲ ଇଂଜିନ ସରକାରରେ ବାଡ ଖାଉଛି ଫସଲ
>
> କାହା ଛତ୍ରଛାୟା ତଳେ ଏସଡିପିଓ ଅଛନ୍ତି ସୁରକ୍ଷିତ?

ପାଇଁ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଓ ମହିଳା ସଶକ୍ତୀକରଣ ପାଇଁ ଡିଣ୍ଡିମ ପିଟୁଥିବା ଉପ-ମୁଖ୍ୟମନ୍ତ୍ରୀ ଏଭଳି ଘଟଣାରେ ସମ୍ବେଦନହୀନ ହୋଇପାରୁଛନ୍ତି କିପରି? ନ୍ୟାୟ ନ ମିଳିଲେ, ମହିଳାଜଣଙ୍କ ଆତ୍ମହତ୍ୟା କରିବେ ବୋଲି ଗଣମାଧ୍ୟମରେ ଦେଇଥିବା ବିବୃତ୍ତି ଉଦ୍‌ବେଗଜନକ । ସଂପୃକ୍ତ ପୁଲିସ ଅଧିକାରୀ କାହା ଛତ୍ରଛାୟାରେ ସୁରକ୍ଷିତ ଅଛନ୍ତି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି । ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ, ପୁଲିସ ଉପରୁ ଜନସାଧାରଣଙ୍କ ଆସ୍ଥା ତୁଟିଯିବ । ତୁରନ୍ତ ଖଣ୍ଡପଡ଼ା ଏସ୍‌ଡିପିଓଙ୍କୁ ଗିରଫ କରି ଏଭଳି ଘୃଣ୍ୟ କାର୍ଯ୍ୟରେ ସଂପୃକ୍ତି ଲାଗି ତାଙ୍କୁ ବହିଷ୍କାର କରାଯାଉ ବୋଲି ବିଜେଡି ଦାବି କରିଛି ।

## କୁଞ୍ଜବନପ୍ରସାଦ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବାଇଗୁଣିଆକୁ ହରାଇ ଆୟୋଜକ ଦଳ ଚାମ୍ପିଅନ

ଭାପୁର,୧୯ ।୪(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ କୁଞ୍ଜବନପ୍ରସାଦ ଗ୍ରାମରେ ଶନିବାର ରାତିରେ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ଫାଇନାଲ ମ୍ୟାଚ୍‌ରେ ଆୟୋଜକ କୁଞ୍ଜବନପ୍ରସାଦ ଦଳ ୨୦ ରନରେ ବାଇଗୁଣିଆକୁ ହରାଇ ଚାମ୍ପିଅନ ହୋଇଛି । କୁଞ୍ଜବନପ୍ରସାଦ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୫ ୱିକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା । ଜବାବରେ ବାଇଗୁଣିଆ ଦଳ ନିର୍ଦ୍ଧାରିତ ଓଭରରେ ୯ ୱିକେଟ ହରାଇ ୯୦ ରନରେ ସୀମିତ ରହିଥିଲା । ବିଜୟୀ ଦଳର ରାଜେଶ



ଜେନା ୬ ବଲରେ ୩୪ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ବିକ୍ରମ ପାତ୍ର ଓ ରାଜନ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ । ସ୍କୋରର ଭାବେ ଗୌରାଙ୍ଗ ଚରଣ ସେଠୀ ଦାୟିତ୍ୱ ତୁଲାଇଥିବା ବେଳେ ଅଜୟ ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ । ଅତିଥି ଭାବେ ଅଚ୍ୟୁତ ଜେନା, ସନାତନ ଜେନା ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ ।

● ଲଙ୍କାପୋଡ଼ି ଯାତ୍ରାର ଦଶମ ସନ୍ଧ୍ୟା

## ମହିରାବଣ ବଧ ମଞ୍ଚସ୍ଥ



ଗଣିଆ,୧୯ ।୪(ସମିସ): ଗଣିଆ ଲଙ୍କାପୋଡ଼ି ଯାତ୍ରାର ଦଶମ ସନ୍ଧ୍ୟାରେ ମହିରାବଣ ବଧ ନାଟକ ମଞ୍ଚସ୍ଥ ହୋଇଯାଇଛି । ରାବଣର ବୀରପୁତ୍ର ଇନ୍ଦ୍ରଜିତର ମୃତ୍ୟୁ ପରେ ରାବଣ ବିଚଳିତ ହୋଇପଡ଼ିଥିଲା । ପୁତ୍ରଠାରୁ ନାତି ପର୍ଯ୍ୟନ୍ତ ଜଣ ଜଣ କରି ମୃତ୍ୟୁବରଣ କରୁଥିବାରୁ ରାବଣ ଭୟଭୀତ ହୋଇଯାଇଥିଲା । ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କୁ ନିଜପୁରକୁ ଆଣି ବ୍ରହ୍ମଜ୍ଞାନ ଚର୍ଚ୍ଚା କରିଥିଲା । ମହିରାବଣ ରାମ ଓ ଲକ୍ଷ୍ମଣଙ୍କୁ ଛଦ୍ମବେଶରେ ଆଣି ପଥର ଘରେ ରଖିଥିଲା । ନିଜ ପ୍ରଭୁଙ୍କୁ ନ ପାଇ ବୀର ହନୁମାନ ଚାରିଆଡ଼େ ଖୋଜିଥିଲେ । ପଥର ଘରେ ରାମ ଓ ଲକ୍ଷ୍ମଣ ଥିବା ଜାଣିବା ପରେ ହନୁମାନ ସେଠାରୁ ତାଙ୍କୁ ଉଦ୍ଧାର କରିଥିଲେ । ଏପରିକି ହନୁମାନଙ୍କ ହାତରେ ମହିରାବଣର ମୃତ୍ୟୁ ଘଟିଥିଲା । ସୋମବାର ରାତିରେ ଲକ୍ଷ୍ମଣ ଶକ୍ତିଭେଦ, ବୀରବାହୁ ବଧ ନାଟକ ମଞ୍ଚସ୍ଥ ହେବାକୁ ସ୍ଥିର ହୋଇଥିବା ବେଳେ ମଙ୍ଗଳବାର ମୁଖ୍ୟ ଉତ୍ସବ ଲଙ୍କାପୋଡ଼ି ଯାତ୍ରା ବା ରାବଣ ବଧ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବଡ଼ ବଡ଼ ତୋରଣ ସାଙ୍ଗକୁ ଆଲୋକମାଳାରେ ରଙ୍ଗୀନ ହୋଇଉଠିଛି ଯାତ୍ରା ପଡ଼ିଆ । ୩୦ ଫୁଟ ଉଚ୍ଚତା ବିଶିଷ୍ଟ କାଷ୍ଠ ରାବଣ ପ୍ରତିକୃତି ସାଙ୍ଗକୁ ରାମ-ରାବଣ ଯୁଦ୍ଧ ଶୋଭାଯାତ୍ରା ସମସ୍ତଙ୍କୁ ଆକୃଷ୍ଟ କରିବ । ମେଳାରେ ବିଭିନ୍ନ ସ୍ଥାନରୁ ଦୋକାନ ବଜାର ଆସି ପସରା ମେଲାଇବା ଆରମ୍ଭ କଲେଣି । ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଗଣିଆ ଥାନା ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ସହିତ ୬ ଜଣ ଅଫିସର ନିୟୋଜିତ ହେବେ ବୋଲି ଜଣାପଡ଼ିଛି । ମନ୍ଦିର ପରିଚାଳନା କମିଟି, ଯାତ୍ରା କମିଟି ତଥା ଗ୍ରାମବାସୀଙ୍କ ସହଯୋଗରେ ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ନିବେଦନ କରିଛନ୍ତି ।

● ଫତେଗଡ଼ ପୁଲିସର ଚଢ଼ଉ

## ୪ ହାଇୱା ଜବତ, ୪ ଗିରଫ

ଭାପୁର,୧୯ ।୪(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ପୁଲିସ ଶନିବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି । ଭାପୁର ବ୍ଲକ ଜାମୁସାହି ଛକ ନିକଟରେ ତନଖି କରି ୪ଟି ଚିପ୍ସ ବୋଝେଇ ହାଇୱା ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାକୁ ନେଇ ୪ଟି ମାମଲା ରୁଜୁ କରାଯାଇଛି । ଗିରଫ



ଡ୍ରାଇଭରମାନେ ହେଲେ ଗୋହିରିଆପଡ଼ା ଗ୍ରାମର ଦୀପ୍ତିରଞ୍ଜନ ମଲ୍ଲିକ, ଉପେନ୍ଦ୍ର ମାଝି, ବୋରଗାଁର ଟିକିନା ପତି ଓ ବଳଦିଆନୂଆଗାଁର ଗୋବିନ୍ଦ ବେହେରା । ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚାଲାଣକୁ ନେଇ ପୁଲିସ ପଦକ୍ଷେପ ନେଇଥିବା ବେଳେ ଏହା ପଛରେ ପୁଲିସର ଭିନ୍ନ ଉଦ୍ଦେଶ୍ୟ ରହିଥିବା ଭାପୁରବାସୀ କହିଛନ୍ତି । ଏସ୍‌ଡିପିଓଙ୍କ ଆକ୍ରୋସରୁ ହାଇୱା ଜବତ କରାଯାଇଥିବା ଆଲୋଚନା ହେଉଛି ।



# ପାଇପ୍ ଫାଟି ଜଳ ନଷ୍ଟ; ବିଭାଗ ନିରବ

ଗଣିଆ,୧୯ ।୪(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ଭୂତଳ ଜଳସ୍ତର କମିବାରେ ଲାଗିଥିବାରୁ ଅନେକ ସ୍ଥାନରେ ଜଳସଙ୍କଟ ଦେଖାଦେଲାଣି । ପାନୀୟ ଜଳ ଟୋପେ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭାଗୀୟ ଅଧିକାରୀଙ୍କ ଅପାରଗତା ଯୋଗୁଁ ପାଇପ ଫାଟି ଜଳ ନଷ୍ଟ ହେଉଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ଗଣିଆ ବ୍ଲକ କାଳିକାପ୍ରସାଦ ଗ୍ରାମ ମୁଖ୍ୟ ରାସ୍ତାକୁ ଲାଗି ଥିବା ହମ୍ପ ନିକଟରେ ପାଇପ୍ ଫାଟି ଜଳ ନଷ୍ଟ ହେବାରେ ଲାଗିଛି । ଦୀର୍ଘ ଦିନ ହେବ ସେଠାରେ ପାଇପ୍ ଫାଟିଥିଲେ ମଧ୍ୟ ମରାମତି କରିବାକୁ କେହି ବି ଚେଷ୍ଟା କରୁନାହାନ୍ତି । ମୁଖ୍ୟ ରାସ୍ତା ପାଶ୍ୱର୍ରେ ପ୍ରତିଦିନ ହଜାର ହଜାର ଲିଟର ଜଳ ନଷ୍ଟ ହେଉଥିଲେ ମଧ୍ୟ 'ସରକାର



କା ମାଲ୍ ଦରିଆମେ ଡାଲ୍' ନ୍ୟାୟରେ କେହି ଆଡ଼ଆଖିରେ ଚାହୁଁନାହାନ୍ତି । କେଉଁଠି ଲୋକେ ପାଣି ମୁନ୍ଦେ ପାଇଁ ରାସ୍ତାରୋକ କରୁଛନ୍ତି ତ ଆଉ କେଉଁଠି ରାସ୍ତାରେ ଭାସୁଛି ଜଳ । ପାଇପ୍ ଫାଟି ରାସ୍ତା ଉପରେ ଜଳ ପ୍ରବାହିତ ହେଉଛି । ରାଜନେତାଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ସେହି ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ ମରାମତି କଥା କେହି ବି ଚିନ୍ତା କରୁନାହାନ୍ତି । ଗଣିଆ ଜଳଯୋଗାଣ ଅଧିକାରୀ ସତେ ଯେପରି ସ୍ଥାଣୁ ପାଲଟି ଯାଇଛନ୍ତି । ଗତ ବୁଧବାର ପଞ୍ଚାୟତ ସମିତି ଅଧିବେଶନରେ ଜଳଯୋଗାଣ ବିଭାଗ ଉପରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରବଳ ବର୍ଷିଥିଲେ । ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟର ଆଉ ଗୋଟିଏ ଉଦାହରଣ ଦେଖିବାକୁ ମିଳିଛି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଉକ୍ତ ଫଟା ପାଇପ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ

ନୟାଗଡ଼,୧୯ ।୪(ସମିସ): ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଛି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଏଡିଏମ ରୋଜିନା ଦାସ, ଡିଏସଡବ୍ଲ୍ୟୁଓ ଜୟଶ୍ରୀ ପଟ୍ଟନାୟକ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ମହିଳା, କିଶୋରୀ ଏବଂ ସେମାନଙ୍କ ପରିବାରରେ ସମସ୍ତେ ଏ ବିଷୟରେ ଅବଗତ ହେବା ଦରକାର ବୋଲି ଜିଲ୍ଲାପାଳ କହିଥିଲେ । ମାଆ କ୍ଷୀରରୁ କୌଣସି ଶିଶୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ସୁସ୍ଥ ଶିଶୁ ଦେଶ ବିକାଶରେ ସହାୟକ ହୋଇଥାଏ ବୋଲି ସେ କହିଥିଲେ । ଏହି ଅବସରରେ ପୋଷଣ ଉପରେ ଚର୍ଚ୍ଚା ଏବଂ କାର୍ଯ୍ୟଶାଳା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ସିଡିପିଓ, ସୁପରଭାଇଜର, ବ୍ଲକ କୋଅର୍ଡିନେଟର ଯୋଗଦେଇଥିଲେ ।

● ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି ଘୋଷଣା

## ଶିକ୍ଷା ଅଧିକାରୀଙ୍କ ନୀତିକୁ ନେଇ ଅଭିଭାବକଙ୍କ କ୍ଷୋଭ

ନୟାଗଡ଼,୧୯ ।୪(ସମିସ): ନୟାଗଡ଼ ଜିଲ୍ଲାରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଆଗକୁ ଆହୁରି ୪ ଦିନ ହିଟ୍ ୱେଭ୍ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଖରାକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ରବିବାର ଗଣମାଧ୍ୟମକୁ ଏକ ଚିଠି ଜାରି କରିଥିଲେ । ଉକ୍ତ ଚିଠି ୧୮ ତାରିଖରେ କରାଯାଇଥିଲା । ଚିଠିରେ ବିଦ୍ୟାଳୟ ଖୋଲିବା ସମୟ ପରିବର୍ତ୍ତନ କରାଯାଇଥିବା ଉଲ୍ଲେଖ ଥିଲା । ବିଦ୍ୟାଳୟ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୋଇ ସାଢ଼େ ୯ଟା ପର୍ଯ୍ୟନ୍ତ ଚାଲିବାକୁ ନିର୍ଦ୍ଦେଶନାମା ଜାରି ହୋଇଥିଲା । ତେବେ ରବିବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସନ୍ଧ୍ୟାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୁଣି ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ଛୁଟି ରହିବ ବୋଲି ଘୋଷଣା କରିଛନ୍ତି । ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜିଲ୍ଲା ଶିକ୍ଷା ବିଭାଗ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି କରାଇବା ପରିସ୍ଥିତି ପଛରେ କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଜିଲ୍ଲାର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ମଧ୍ୟ ଛୁଟି ଘୋଷଣା ହୋଇଥିବା ଜିଲ୍ଲାପାଳ ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ଅବଗତ କରିଛନ୍ତି ।

## ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ

ଗଣିଆ,୧୯ ।୪(ସମିସ): ଗଣିଆ ଥାନା ପୁଲିସ ତରଫରୁ ସ୍ଥାନୀୟ ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଏଏସଆଇ ଶାହା ଆଲାମ ଖାଁ, ପ୍ରଧାନଶିକ୍ଷୟିତ୍ରୀ ନୀହାରବାଳା ରାଉତ, ସହକାରୀ ଶିକ୍ଷକ ପବିତ୍ର କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଛାତ୍ରଛାତ୍ରୀଙ୍କୁ ନୂତନ ଆଇନ ସମ୍ପର୍କରେ ଥାନା ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ବିଏନଏସ, ବିଏନଏସଏସ, ବିଏସଏ ସମ୍ପର୍କିତ ଆଇନ କେଉଁ ଆଧାରରେ କାର୍ଯ୍ୟ କରୁଛି ସେ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ପୁରସ୍କାର ବଣ୍ଟନ କରିଥିଲେ । ସେହିପରି ବେଲପଡ଼ାପାଟଣାରେ ଥିବା ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଅଜୟ ମହାରଣାଙ୍କ ଉପସ୍ଥିତିରେ ଥାନା ତରଫରୁ ସଚେତନତା ଶିବିର ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ରଘୁନାଥ ସମବାୟ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଓଡ଼ଗାଁ,୧୯ ।୪(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଧୁମଧାମରେ ପାଳିତ ହୋଇଛି । ଦୀର୍ଘବର୍ଷ ବ୍ୟବଧାନ ପରେ ଛାତ୍ରଛାତ୍ରୀଙ୍କ ଅନୁରୋଧ ଓ ପ୍ରୟାସରେ ଏ ବର୍ଷ ବାର୍ଷିକ ପୁରସ୍କାର ବିତରଣ ଓ ମନୋରଞ୍ଜନ କାର୍ଯ୍ୟକ୍ରମ କଲେଜ ପରିସରରେ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା । ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଉମର ମଲ୍ଲିକ




ଯୋଗଦେଇ ଓଡ଼ଗାଁର ଐତିହ୍ୟ ଓ କଲେଜ ସହ ତାଙ୍କ ସମ୍ପର୍କ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଡ. ବିଜୟ କୁମାର ଚୌଧୁରୀ କଲେଜ ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଉନ୍ନତି ଉପରେ ଆଲୋକପାତ କରିଥିଲେ । ସେ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଅସ୍ମିତା ରକ୍ଷା ଓ ସମୟାନୁବର୍ତ୍ତିତାର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ । ଏଚଡିଏଫସି ବ୍ୟାଙ୍କ ଶାଖା ପରିଚାଳକ ବିଭୂତି ମହାପାତ୍ର କଲେଜରେ ବିନା ଖର୍ଚ୍ଚରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ପ୍ରଚଳିତ ହୋଇଥିବା କହି ଭବିଷ୍ୟତରେ ଅନଲାଇନ ଭାବେ ଫିସ୍ ଦେୟ ବ୍ୟବସ୍ଥାକୁ ଆହୁରି ସକ୍ରିୟ କରାଯିବ ବୋଲି ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ଏନଏସି ଅଧିକାରୀ ନୀହାର ରଞ୍ଜନ ବେହେରା ଯୋଗଦେଇ କଲେଜର ଆଲୋକୀକରଣ ବ୍ୟବସ୍ଥାର ସୁଧାର ଓ ଶୀଘ୍ର ଓପନ ଜିମ୍ ସୁବିଧା ଆରମ୍ଭ ହେବାକୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ରବୀନ୍ଦ୍ର କୁମାର ପଟ୍ଟନାୟକ, ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ସୁକାନ୍ତ କୁମାର ସାହୁ, ଓଡ଼ିଆ ଅଧ୍ୟାପକ ଡ. ଚିତ୍ତରଞ୍ଜନ ଦାଶ ଓ ଶିକ୍ଷା ବିଭାଗ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଫତେଗଡ଼ ଓଏଭିର ଶତପ୍ରତିଶତ ସଫଳତା

ଭାପୁର,୧୯ ।୪(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର ୮୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ୧୦ ଜଣ, ଏ-୨ ଗ୍ରେଡରେ ୨୦ ଜଣ, ବି-୧ ଗ୍ରେଡରେ ୨୦ ଜଣ, ବି-୨ ଗ୍ରେଡରେ ୧୩ ଜଣ, ସି-୧ ଗ୍ରେଡରେ ୧୩ ଜଣ ଓ ଡି ଗ୍ରେଡ୍‌ରେ ୬ ଜଣ କୃତକାର୍ଯ୍ୟ ହୋଇ ବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି । ଆତ୍ମଜା ସ୍ୱାସ୍ଥ୍ୟ ଦିବ୍ୟ ଓ ଦୀପ୍ତିମୟୀ ମହାପାତ୍ର ୯୬.୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସେହିପରି ଆଶୁତୋଷ ସାହୁ ସାମାଜିକ ବିଜ୍ଞାନରେ ଓ ଆର୍ଯ୍ୟ କୁମାର ଜ୍ଞାନଦତ୍ତ ସଂସ୍କୃତରେ ଶତ ପ୍ରତିଶତ ନମ୍ବର ରଖି ନୂତନ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି । ଛାତ୍ରଛାତ୍ରୀଙ୍କ ଏପରି ସଫଳତା ପାଇଁ ଅଧ୍ୟକ୍ଷା ପଦ୍ମିନୀ ବାରିକ, ସଂସ୍କୃତ ଶିକ୍ଷୟିତ୍ରୀ ଶୁଭଶ୍ରୀ ଛୁଆଳସିଂହ ଓ ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ବୀଣାପାଣି ମଲ୍ଲିକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

# ଥମୁନି ଅଗ୍ନିକାଣ୍ଡ; ଅସାବଧାନତାରୁ ଘଟୁଛି ଅଘଟଣ

ଖୋର୍ଦ୍ଧା,୧୯।୪(ସମିସ)



ଧିରେ ଧିରେ ଚାଳଘର ସଂଖ୍ୟା କମିବାରେ ଲାଗିଛି। ହେଲେ ଅଗ୍ନିକାଣ୍ଡ ଥମିବାର ନାଁ ଧରୁନି। ଅସାବଧାନତା କାରଣରୁ ଛାତ ଓ ଆଜବେଷ୍ଟସ ଘରେ ବି ନିଆଁ ଲାଗୁଛି। ଗୋଟିଏ ପରେ ଗୋଟିଏ ଅଗ୍ନିକାଣ୍ଡଜନିତ ବିପର୍ଯ୍ୟୟ ବୃଦ୍ଧି ପାଉଛି। ଅଗ୍ନିକାଣ୍ଡରେ ପ୍ରତିବର୍ଷ ୨୦ରୁ ୪୦ପ୍ରତିଶତ ସମ୍ପତି ନଷ୍ଟ ହେଉଥିବାବେଳେ ଜୀବନ ହାନି ମଧ୍ୟ ଘଟୁଛି। ଅଗ୍ନିକାଣ୍ଡ ଜନିତ ବିପର୍ଯ୍ୟୟର ମୁକାବିଲା ତଥା ଅଗ୍ନି ନିରାକରଣ ପାଇଁ ଓଡିଶା ଅଗ୍ନିଶମ ସଂସ୍ଥା କାର୍ଯ୍ୟକରୁଛି। ମାତ୍ର ଅତ୍ୟାଧୁନିକ ଯନ୍ତ୍ରପାତି ଓ କେତେକ କ୍ଷେତ୍ରରେ ତାଲିମର ଅଭାବ ଯୋଗୁ ଏହି ସଂସ୍ଥା ବଡଧରଣର ଅଗ୍ନିକାଣ୍ଡ ଘଟିଲେ ଉପାୟଶୂନ୍ୟ ହେଉଥିବା ଅଭିଯୋଗ ହେଉଛି। ରାଜ୍ୟରେ ୧୯୪୪ ମସିହା ଠାରୁ ଏପ୍ରିଲ ୧୪କୁ ଅଗ୍ନିଶମ ସେବା ଦିବସ ଏବଂ ଅଗ୍ନି ନିରାପତ୍ତା ସପ୍ତାହ ଏପ୍ରିଲ ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏଥିରେ ଜନସାଧାରଣ ଅଗ୍ନିକାଣ୍ଡରେ ଧନ ଜୀବନ ସୁରକ୍ଷା ସମେତ ବିଭିନ୍ନ ଉପାୟ ଅବଲମ୍ବନ ଉପରେ ଜନସଚେତନତା କରାଯାଇଛି। କିନ୍ତୁ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଅଗ୍ନିଶମ ସେବା ଦିବସ ଏବଂ ଅଗ୍ନି ସେବା ସପ୍ତାହ ଭାବେ ପାଳନ କେବଳ ବିଭାଗର ୪କାନ୍ଥ ଭିତରେ ସିମିତ ରହୁଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ଅଗ୍ନିଶମ ବିଭାଗ ପକ୍ଷରୁ ଏ ସପ୍ତାହ କେବେ ପାଳନ କରାଗଲା ତାହା ମଧ୍ୟ ଜଣାପଡୁନି। ଅଗ୍ନି ନିରାକରଣ ସମ୍ପର୍କରେ ତୃଣମୂଳସ୍ତରରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉନାହିଁ। ଜିଲ୍ଲାସ୍ତରରେ କେବଳ ସହର ପରିକ୍ରମାକୁ ଛାଡିଦେଲେ ଅନ୍ୟ କିଛି ସଚେତନତା କାର୍ଯ୍ୟକ୍ରମ କରାଯାଉନି। ଏପରିକି ଅଗ୍ନି ନିରାପଦା ନେଇ ୨୦୦୫ ମସିହାରେ ଏନ୍.ବି.ଏସ୍ ଆଇନ ଭାରତ ସରକାର ପ୍ରଣୟନ କରିଥିବାବେଳେ ୧୯୯୨ ମସିହାରେ ରାଜ୍ୟ ସରକାର ଅଗ୍ନି ନିରୋଧକ ଆଇନ ପ୍ରଣୟନ କରିଛନ୍ତି। ମାତ୍ର ସଚେତନତା ଅଭାବ ଏବଂ ଆଇନକୁ ଅଣଦେଖା କରିବା ଘଟଣା ଅଗ୍ନିଶମ ବିଭାଗ ଚିନ୍ତା ବଢାଇ ଦେଇଛି। ଫଳରେ ସଚେତନତା ଓ ସତର୍କତା ଅଭାବରୁ ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ଘଟୁଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୧୯୯୨ମସିହାରେ ଅଗ୍ନି ନିରାପଦା ଆଇନ ପ୍ରଣୟନ କରିଛନ୍ତି। ମାତ୍ର ଏହି ଆଇନରେ ଉଲଂଘନ କରୁଥିବା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ବିଧି ବ୍ୟବସ୍ଥା ନ ଥିବା ଫଳରେ ଆଇନ ତା' ବାଟରେ କାମ କରୁଛି। ବାରମ୍ବାର ଗୋଟିଏ ପରେ ଗୋଟିଏ ଅଗ୍ନି ଦୁର୍ଘଟଣା ହେଉଥିବାବେଳେ ଆଇନକୁ ଉଲ୍ଲଘନ କରାଯାଇ ଛତୁ ଫୁଟିବା ପରେ ଅଟ୍ଟାଳିକାମାନ ବଢିବାରେ ଲାଗିଛି। ସହରରେ ଗଢି ଉଠୁଥିବା ଦୋକାନଘର, ବଡ ଅଟ୍ଟାଳିକା ପ୍ରଭୃତି ମଧ୍ୟରୁ ପ୍ରାୟ ୩୦ଭାଗ କୋଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ଅଭିଯୋଗ ହେଉଛି।

## କାର୍ଯ୍ୟାନୁଷ୍ଠାନ ଶୂନ୍

ଅଘଟଣ ଘଟିଲେ ବିଭାଗ କେବଳ ତଦନ୍ତ ଆଳ ଦେଖାଉଥିବାବେଳେ କାର୍ଯ୍ୟାନୁଷ୍ଠାନ ନେବାକୁ କୁଣ୍ଠାବୋଧ କରୁଥିବା ଜଣାଯାଇଛି।

ସେହିପରି ଅସୁରକ୍ଷିତଭାବେ ବିଦ୍ୟୁତ ସଂଯୋଗ ନେବା, ଅସୁରକ୍ଷିତଭାବେ ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ବ୍ୟବହାର କରିବା ଓ ବିଭିନ୍ନ ସମୟରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ମଧ୍ୟ ଘଟୁଛି। କିଛି ସ୍ଥାନରେ ପୂର୍ବ ଶତ୍ରୁତା କାରଣରୁ ନିଆଁ ମଧ୍ୟ ଲଗାଇ ଦିଆଯାଉଛି। ଅନ୍ୟପକ୍ଷେ ଅଗ୍ନିଶମ ସେବାକେନ୍ଦ୍ର ନିକଟରୁ କେତେକ ଗାଁ ଦୂର ହୋଇଥିବାରୁ ଖବର ପାଇ ଅଗ୍ନିସମ ସବା ଗାଡି ପହଁଚିବା ବେଳକୁ ଧନ ସମ୍ପତି ପ୍ରଭୃତି ପୋଡି ପାଉଁଶ ହୋଇ ଯାଉଛି। ଗାଁ ଗହଳୀରେ ଯଦିଓ ଚାଳଘର ସଂଖ୍ୟା କମିଛି, ତଥାପି ଅସାବଧାନତା ଯୋଗୁ ଅଗ୍ନିକାଣ୍ଡ ଘଟିବାରେ ଲାଗିଛି। ଏପରିକି ବିଭିନ୍ନ କାରଣରୁ ପ୍ରତିବର୍ଷ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ବଢିଚାଲିଛି। ଖୋର୍ଦ୍ଧା ଅଗ୍ନିଶମ ବିଭାଗ ତଥ୍ୟ ଅନୁଯାୟୀ ଗତ ୨୦୦୧ରୁ ୨୦୨୫ ପର୍ଯ୍ୟନ୍ତ ପ୍ରାୟ ୧୨ ଜଣଙ୍କ ଜୀବନ ଯାଇଥିବାବେଳେ ପାଖାପାଖି ୧୪୬ଟି ଗାଇଗୋରୁ, ଛେଳି ମେଣ୍ଢା ଆଦି ଗୃହପାଳିତ ପଶୁଙ୍କ ଜୀବନ ଅଗ୍ନିକାଣ୍ଡରେ ଯାଇଛି। ବିଗତ ୨୫ବର୍ଷ ମଧ୍ୟରେ ଅଗ୍ନିଶମ ବିଭାଗ ୨ହଜାର ୬ଶହରୁ ଊର୍ଦ୍ଧ୍ୱ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାସ୍ଥଳକୁ ଯାଇଥିବାବେଳେ ପ୍ରାୟ ୨୭କୋଟି ଟଙ୍କାର ସମ୍ପତି ନଷ୍ଟ ହେବାରୁ ବଞ୍ଚାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ପ୍ରାୟ ୧୦କୋଟି ଟଙ୍କାର ସମ୍ପତି ନିଆଁ ଝାସରେ ପୋଡି ପାଉଁ ହୋଇଥିବା ବିଭାଗୀୟ ତଥ୍ୟ କହୁଛି। ପ୍ରାୟ ୧୫ କୋଟି ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଥିବା ଅଗ୍ନିଶମ ବିଭାଗ ତଥ୍ୟ କହୁଛି। ତେବେ ଅଗ୍ନିସମ ପରିସଂଖ୍ୟାନକୁ ଦେଖିଲେ ଗତ ୨୫ବର୍ଷ ଭିତରେ ଦୁର୍ଘଟଣା ସଂଖ୍ୟା ବଢୁଛି। ଲୋକଙ୍କ ମଧ୍ୟରେ ସଚେତନତା କରାଯାଇପାରିଲେ ଦୁର୍ଘଟଣାରେ ରୋକ ଲାଗି ପାରନ୍ତା ବୋଲି ପରିବେଶବିତ ମତ ପ୍ରକାଶ କରିଛନ୍ତି।

# ବଡ଼ପୋଖରିଆ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ



ନିରାକାରପୁର,୧୯।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପୋଖରିଆଠାରେ ବଡ଼ପୋଖରିଆ ଓ ନୂଆଗଡ ଗ୍ରାମ ପଞ୍ଚାୟତ ଅଧିନସ୍ଥ ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଓ ବାସଗୃହ ଉଦଘାଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଅଧକ୍ଷା ରିଶ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ସାଗର ବଳିୟାରସିଂହ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

# କେନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ ପ୍ରସ୍ତୁତି

ବେଗୁନିଆ,୧୯।୪(ସମିସ): ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ବେଗୁନିଆ ସରକାରୀ (କେନ୍ଦ୍ର) ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକୀ ସମାରୋହ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସମେତ, ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଏବଂ ବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶତ ବାର୍ଷିକୀ କମିଟି ର ସମ୍ପାଦକ ସରୋଜ ବେହେରା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ ପୂର୍ବ ବୈଠକର ବିବରଣୀ ସଂକ୍ଷେପରେ ପ୍ରଦାନ କରିବା ସହିତ ବର୍ତମାନ ସୁଦ୍ଧା କେଉଁ କେଉଁ କାର୍ଯ୍ୟ କରାଯାଇଛି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶତବାର୍ଷିକୀ କମିଟିର ସଭାପତି ସରପଂଚ ଶ୍ରୀ ପ୍ରଧାନଙ୍କ ସୂଚନା ପରେ ବିଧାୟକଙ୍କ ପରାମର୍ଶ କ୍ରମେ ଜୁନ୍ ମାସ ୨୭ ଓ ୨୮ ଦୁଇ ଦିନ ଧରି ମହା ସମାରୋହରେ ଶତ ବାର୍ଷିକୀ ସମାରୋହ ପାଳନ କରା ଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତୀ ବୈଠକ ଆସନ୍ତା ରବିବାରକୁ ସ୍ଥିର କରାଯାଇଛି। ପୁରାତନ ଛାତ୍ର ଭାଗିରଥୀ ପରିଡ଼ା ସଭା କାର୍ଯ୍ୟ ପରିଚାଳନା କରଥିବାବେଳେ ପ୍ରଭାତ ବଳିଆରସିଂହ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସମାଜସେବୀ ଅପର୍ତ୍ତି ପ୍ରଧାନଙ୍କ ପରଲୋକ



ନିରାକାରପୁର,୧୯।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ ତଥା ସମାଜସେବୀ ଇଞ୍ଜିନିୟର ଅପର୍ତ୍ତି ପ୍ରଧାନଙ୍କର ଗତକାଲି ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସେ ନିରାକାରପୁର ରାମଦୟା ପରିଷଦ ଏବଂ ସଖା ସଂଘ କ୍ରୀଡା ସଂସଦର ପୂର୍ବତନ ସଭାପତି ଭାବେ କାର୍ଯ୍ୟ କରି ଅଞ୍ଚଳର ଉନ୍ନତି ପାଇଁ ଅନେକ ଅବଦାନ ରଖିଥିଲେ। ସେ କିଛି ଦିନ ହେବ ଅସୁସ୍ଥତା କାରଣରୁ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଆଜି ତାଙ୍କ ମରଶରୀର ନିରାକାରପୁର ବାସଭବନରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀରକୁ ନିରାକାରପୁର ରାମ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅନ୍ତିମ ସଂସ୍କାର ସମୟରେ ତାଙ୍କର ଦୁଇ ପୁତ୍ର ସାମ୍ବାଦିକ ଦୀପକ କୁମାର ପ୍ରଧାନ ଓ ଦିଲ୍ଲୀପ କୁମାର ପ୍ରଧାନଙ୍କ ସମେତ ପୁତ୍ରବଧୂ, ନାତିନାତୁଣୀ ଓ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ। ସଖା ସଂଘ ସଭାପତି ବିପିନ ଜୟସିଂହ, ପୂର୍ବତନ ସମ୍ପାଦକ ଭାଗିରଥୀ ପ୍ରଧାନ, ରାମଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ସହଯୋଗ ଆବାହକ ହିମାଂଶୁ ଭୁଷଣ ଚମ୍ପତିରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ଟାଙ୍ଗୀ,୧୯।୪(ସମିସ) :

ଟାଙ୍ଗୀ ବ୍ଲକ କୁହୁଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୁବନେଶ୍ୱର ସାଂସଦଙ୍କ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଆୟୋଜିତ ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ରେ ୫୫୨ ଜଣ ରୋଗୀ ପଞ୍ଜିକରଣ କରିଥିଲେ। ଏହି ଶିବିରକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦଘାଟନ କରିଥିଲେ। ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଡାକ୍ତରମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କୁହୁଡି ସରପଞ୍ଚ ପ୍ରିୟମ୍ବଦା ବେହେରା, ମଣ୍ଡଳ ସଭାପତି ଜୟରାମ ବେହେରା, ସାଂସଦ ପ୍ରତିନିଧି ବିଦ୍ୟୁତ୍ କାଣ୍ଡି, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ପୂର୍ବତନ ସରପଞ୍ଚ ପବିତ୍ର ହରିଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସତ୍ୟନାରାୟଣ ପରିଡ଼ା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ଭଗବାନ ସେଠ, ମିତ୍ରଭାନୁ ସୁବୁଦ୍ଧି, ଓ ଜନପ୍ରତିନିଧି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ୪ ଦିନ ବିଦ୍ୟାଳୟ ଛୁଟି ଘୋଷଣା କଲେ ଜିଲ୍ଲାପାଳ

ଖୋର୍ଦ୍ଧା,୧୯।୪(ସମିସ): ପ୍ରଚଣ୍ଡ ରୌଦ୍ର ତାପ ଯୋଗୁ ଖୋର୍ଦ୍ଧା ଜିଲାରେ ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି। ଅସହ୍ୟ ଖରାକୁ ଦେଖି ୨୦ରୁ ୨୩ ପର୍ଯ୍ୟନ୍ତ ୪ଦିନ ପାଇଁ ଛୁଟି ନିର୍ଦ୍ଦେଶ ଦେଇଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ। ସମସ୍ତ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ। ଶିଶୁ ବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ, ଅର୍ଦ୍ଧ ସରକାରୀ ଓ ସମସ୍ତ ବେସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଲାଗୁ ହେବ। ପଂଚମ ଏବଂ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅନୂପୁରକ ପରୀକ୍ଷା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କର୍ତୃପକ୍ଷ ନିୟମାନୁସାରେ ଚାଲୁ ରହିବ। ବିଦ୍ୟାଳୟ ମୁଖ୍ୟ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ନିମିତ ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳ, ଓଆରଏସ୍ ପ୍ୟାକେଟ, ପ୍ରାଥମିକ ଚିକିତ୍ସା ସେବା, ଉତମ ବିଶୁଦ୍ଧ ବାୟୁ ଚଳାଚଳ କକ୍ଷ ସୁବିଧା ଉପଲବ୍ଧ ର ବ୍ୟବସ୍ଥା କରିବେ। ବିଦ୍ୟାଳୟରେ ନାମଲେଖା, ପ୍ରଶାସନିକ କାର୍ଯ୍ୟ, ଜନଗଣନା କାର୍ଯ୍ୟ ଯଥାବିଧି ଚାଲୁରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ନିରାକାରପୁର ରାମଦୟା ପରିଷଦ ପକ୍ଷରୁ ଶୋକସଭା

ନିରାକାରପୁର, ୧୯।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ 'ରାମଦୟା ପରିଷଦ'ର ପୂର୍ବତନ ସଭାପତି ତଥା ବିଶିଷ୍ଟ ଯନ୍ତ୍ରୀ (ଇଞ୍ଜିନିୟର) ଅପର୍ତ୍ତି ପ୍ରଧାନଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତି ଚାରଣ ପାଇଁ ସ୍ଥାନୀୟ ରାମ ମନ୍ଦିର ପରିସରସ୍ଥିତ ମାରୁତି ମଣ୍ଡପଠାରେ ଏକ ଗଭୀର ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉପ-ସଭାପତି ସାରଙ୍ଗଧର ବଳିଆରସିଂହଙ୍କ ସଭାପତିତ୍ୱରେ ଏହି ସଭା ଆୟୋଜିତ ହୋଇଥିଲା। ସମ୍ପାଦକ ଗଙ୍ଗାଧର ତ୍ରିପାଠୀଙ୍କ ସମେତ ପରିଷଦର ସମସ୍ତ ସଭ୍ୟ ଏଥିରେ ଯୋଗ ଦେଇ ସ୍ୱର୍ଗତ ପ୍ରଧାନଙ୍କ ସମାଜ ପ୍ରତି ରହିଥିବା ଅବଦାନ ଓ ସଂଗଠନ ପ୍ରତି ତାଙ୍କର ନିଷ୍ଠା ବିଷୟରେ ଆଲୋକପାତ କରିଥିଲେ।

# ବାଲୁଗାଁ ଉତ୍କଳ କରାଟେ ସ୍କୁଲରେ ବେଲ୍ଟ ପରୀକ୍ଷା




ବାଲୁଗାଁ,୧୯।୪(ସମିସ) : ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖା ପକ୍ଷରୁ ରବିବାର ବେଲ୍ଟ ପରୀକ୍ଷା ବାଲୁଗାଁ ଉଚ୍ଚ ବିଦ୍ୟାଳୟ ପରିସରସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକାଇ କରାଟେ ଡୋ ୟୁନିଅନ ଇଣ୍ଡିଆର ମୁଖ୍ୟ ହାନସି ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବେଲ୍ଟ ପରୀକ୍ଷାକୁ କ୍ୟୋସି ଖାରବେଳ ମଲ୍ଲିକ, କ୍ୟୋସି ଦୀପକ୍ କୁମାର ସାମନ୍ତରା ଓ ସେନସେଇ ସନ୍ତୋଷ ମହାରଣା ପରିଚାଳନା କରିଥିଲେ। ଏହି ପରୀକ୍ଷାରେ ବାଲୁଗାଁ, ବାଣପୁର ଓ ଚାନ୍ଦପୁର କରାଟେ ସ୍କୁଲରୁ ପ୍ରାୟ ୪୯ ଜଣ କରାଟେକା ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରି ବେଲ୍ଟ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୫ ଜଣ ବ୍ରାଉନ ବେଲ୍ଟ, ୮ ଜଣ ବ୍ଲୁ ବେଲ୍ଟ, ୮ ଜଣ ଗ୍ରୀନ ବେଲ୍ଟ, ୧୦ ଜଣ ଅରେଞ୍ଜ ବେଲ୍ଟ ଓ ୮ ଜଣ ଏଲୋ ବେଲ୍ଟରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେନସେଇ ଏସ. କେ ଏ. ହକ୍, ରଞ୍ଜନ କୁମାର ସାମନ୍ତରାୟ, ପ୍ରତାପ କେଶରୀ ଜେନା, ସଂଗ୍ରାମ ନାୟକ, ସଲୋନି ପାତ୍ର, ବୈକୁଣ୍ଠନାଥ ପ୍ରଧାନ ଓ ଚାନ୍ଦପୁର ଶାଖାର ସଂଯୋଜକ ଅବିନାଶ ଦାସ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ପରୀକ୍ଷାର୍ଥୀଙ୍କୁ ଉତ୍କଳ କରାଟେ ସ୍କୁଲ ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟ ପ୍ରଶିକ୍ଷକ କ୍ୟୋଷି ଦୀପକ ସାମନ୍ତାରା ଓ ଅଭିଭାବକ ଶୁଭେଚ୍ଛା ଜଣାଇ ଥିବା ବେଳେ ଏହି ପରୀକ୍ଷାରେ ଅଭିଭାବକ ମାନେ ଉପସ୍ଥିତ ରହି କରାଟେକାମାନଙ୍କୁ ଉତ୍ସାହିତ କରିଥିଲେ।

# ବ୍ରାଉନ୍‌ସୁଗର ସମେତ ମାରଣାସ୍ତ୍ର ଜବତ; ୨ ଗିରଫ

ଖୋର୍ଦ୍ଧା,୧୯।୪(ସମିସ): ସ୍ଥାନୀୟ ଗାନ୍ଧୀପଡିଆରୁ ପୁଲିସ ୨ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ସ୍ଥାନୀୟ ସାଗୁଆନ ବଗିଚାର ରଶ୍ମିରଞ୍ଜନ ବାରିକ ଓରଫ ସାଗର(୨୬) ଓ ଠେଙ୍ଗାହାଟ ସ୍ୱପ୍ନେଶ୍ୱରସାହି ର ଶ୍ରୀଧର ପୃଷ୍ଟି ଓରଫ୍ ଗୁଡୁ (୨୩)। ସେମାନଙ୍କ ଠାରୁ ୫ଗ୍ରାମ ବ୍ରାଉନସୁଗର ସମେତ ୪ଟି ଖଣ୍ଡା, ନଗଦ ୨୫ହଜାର ଟଙ୍କା, ୨ଟି ବାଇକ୍ ଓ ୨ମୋବାଇଲ ଫୋନ୍ କୁ ପୁଲିସ ଜବତ କରିଛି। ଗିରଫ ଦ୍ୱୟଙ୍କୁ ୨୧୯/୨୬ରେ ଏକ ମାମଲା ରୁଜୁ କରି ପୁଲିସ କୋର୍ଟ ଚାଲାଣ କରିଛି।

# 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନା ସମନ୍ୱୟ ବୈଠକ

ଖୋର୍ଦ୍ଧା,୧୯।୪(ସମିସ): ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୧ତାରିଖରେ ଖୋର୍ଦ୍ଧା ଜିଲ୍ଲାର ମା"ବରୁଣେଇ ପୀଠରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆୟୋଜନକୁ ସଫଳ କରିବା ନିମିତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ରୁ ଦିଆଯାଇଥିବା ତାଲିକା ଅନୁଯାୟୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ଚୟନ କରାଯାଇଥିବା ଯୋଗ୍ୟ ହିତାଧିକାରୀ ମାନଙ୍କ ବିବାହ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପରିଚାଳନାରେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ ଫୋରମ୍,ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ବିଭାଗ ଯଥା ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ପୁଲିସ ପ୍ରଶାସନ, ୱାଟକୋ, ଟିପିସିଓଡିଏଲ, ପୌରପରିଷଦ, ଖୋର୍ଦ୍ଧା, ସଫାସୂତରା ଆଦି ବିଭିନ୍ନ କାର୍ଯ୍ୟ ଓ ଅତ୍ୟାବଶ୍ୟକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଡେପୁଟୀ କଲେକ୍ଟର ସାରା ମଲ୍ଲିକ, ସ୍ୱିଟୀ ସୋରେନ, ଆସିଷ୍ଟାଂଟ କଲେକ୍ଟର ଋଷଭ୍ ତ୍ରିପାଠୀ, ଇପ୍ସିତା ସାହୁ, ଅତିରିକ୍ତ ଅଗ୍ନିଶମ ସେବା ଅଧିକାରୀ ମୀନକେତନ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ, ବିଡିଓ ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ପରିଚାଳନା କରିଥିବାବେଳେ ପି ଓ ସୌଦାମିନୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ନୌ-ପୋତ ଚିଲିକାରେ ଜଳ ପଖୱାଡା




ବାଲୁଗାଁ,୧୯।୪(ସମିସ) : ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଚିଲିକା ପକ୍ଷରୁ ଜଳ ସଂରକ୍ଷଣ ସପ୍ତାହ ଉପଲକ୍ଷେ ସ୍ଥାୟୀ ଜଳ ପରିଚାଳନା ସମ୍ପର୍କରେ ସଚେତନତା ବିକାଶ ପାଇଁ ଜଳ ପଖ୍ୱାଡା ପାଳନ କରାଯାଇଛି। ଏହି ପଖ୍ୱାଡା କାର୍ଯ୍ୟକ୍ରମର ଅଂଶ ଭାବେ ଚଳିତ ମାସ ୧୮ ତାରିଖରେ କୁଳଦୀପ ଶର୍ମା ଓ ମନୋରଞ୍ଜନ ପଣ୍ଡିତଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ଲାକାର୍ଡ ଧରି 'ଜଳ ହେଉଛି ଜୀବନ' ଆଦି ସ୍ଲୋଗାନ ମାନ ଦେଇ ସମାଜକୁ ପ୍ରତ୍ୟେକ ବିନ୍ଦୁ ଜଳର ମହତ୍ତ୍ୱ ଓ ଏହାର ସଂରକ୍ଷଣ ପ୍ରତି ସଚେତନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାକୁ ସମ୍ବୋଧନ କରି ପ୍ରଧାନଶିକ୍ଷକ ଏସ୍.ସି. ଜେନା ଦୈନିକ ଜୀବନରେ ଜଳରର ସଠିକ୍ ବ୍ୟବହାରର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ପଖ୍ୱାଡା ସମୟରେ ପୋଷ୍ଟର ତିଆରି, ସ୍ଲୋଗାନ ଲେଖନ, ବର୍ଷାଜଳ ସଂଗ୍ରହ ପ୍ରଦର୍ଶନ ଓ ବିଶେଷ ସଭା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପୁସ୍ତକ 'ଗଛ ମଣିଷ' ଉନ୍ମୋଚିତ



ନିରାକାରପୁର,୧୯।୪ (ସମିସ): ବିଶିଷ୍ଟ ପରିବେଶବିତ୍, ସାହିତ୍ୟିକ ତଥା ଖୋର୍ଦ୍ଧା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଜନ୍ମଦିନ ଅବସରରେ ଏକ ସ୍ୱତନ୍ତ୍ର ପୁସ୍ତକ "ଗଛ ମଣିଷ' ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ବିଶିଷ୍ଟ କବି ମଙ୍ଗଳା ପ୍ରସାଦ ପ୍ରଧାନ, କବି ଅଶୋକ ପୁହାଣ , ପକ୍ଷୀ ଘର ମୁଖ୍ୟ ସମ୍ପାଦକ ବନୋଜ ତ୍ରିପାଠୀ ଉପସ୍ଥିତ ଥିଲେ। ପୁସ୍ତକର ସଦାଶିବ ଶ୍ରୀଚନ୍ଦନ ଓ ସମାଜସେବୀ ଦୀପକ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିଜର ଅନୁଭୂତି ବାଣ୍ଟି ଡ. ଶ୍ରୀଚନ୍ଦନ କହିଥିଲେ ଯେ, ପରିବେଶ, ଜଙ୍ଗଲ ଓ ଜୀବଜନ୍ତୁଙ୍କ ସେବା କରିବା ମୋ ପାଇଁ କେବଳ ଏକ କର୍ତ୍ତବ୍ୟ ନୁହେଁ, ବରଂ ଏହା ମୋ ଜୀବନର ଏକ ବ୍ରତ। କାର୍ଯ୍ୟକ୍ରମ ଶେଷରେ ଲେଖକ ବାନୋଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡଲଫିନ୍ ହୋଟେଲ ସେକ୍ସ ର୍ୟାକେଟ୍ ଘଟଣା

# ରାଣୀ ମହୁମାଛି, ହୋଟେଲ ମାଲିକ ଓ ମ୍ୟାନେଜର ସମେତ ୭ ଗିରଫ

ଖୋର୍ଦ୍ଧା,୧୯।୪(ସମିସ)

ଜଟଣୀ ବାଇପାସ ଓଭରବ୍ରିଜ ନିକଟ ଡଲଫିନ୍ ହୋଟେଲ ରୁ ସେକ୍ସ ରାକେଟ ଠାବ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏଥିରେ ଜଡିତ ଥିବା ୨ଦେହଜୀବୀଙ୍କୁ ସର୍ଟଷ୍ଟେ ହୋମ୍‌ରେ ପୁଲିସ ରଖିଛି। ଏହି ଘଟଣାରେ ରାଣୀ ମହୁମାଛି, ହୋଟେଲ ମାଲିକ, ମ୍ୟାନେଜର ଓ ଗୁରୁଜଙ୍ଗର ଦଲାଲଙ୍କ ସମେତ ଗ୍ରାହକଙ୍କୁ ମିଶାଇ ୭ଜଣଙ୍କୁ ଗିରଫ କରିଛି। ଗିରଫ ରାଣୀ ମହୁମାଛି ହେଲେ ନୟାଗଡ ଜିଲ୍ଲା ଶରଣକୂଳ ବନ୍ଧବରଣର ସୁଲୋଚନା ସାହୁ (୪୮), ଡଲଫିନ୍ ହୋଟେଲ ମାଲିକ ସ୍ଥାନୀୟ ମୁକୁନ୍ଦପ୍ରସାଦ ର ନିମାଇଁଚରଣ ବିଶ୍ୱାଳ (୬୩), ମ୍ୟାନେଜର ଯାଜପୁର ବିଞ୍ଝାରପୁରର ଉମାକାନ୍ତ ଗୁରୁ (୩୯)ଙ୍କୁ ପୁଲିସ ଗିରଫ କରିଛି। ସେହିପରି ପୁଲିସ ଗିରଫ କରିଥିବା ଗ୍ରାହକମାନେ ହେଲେ ନିରାକାରପୁରର ଦୀପକ ମାଝୀ (୨୬), ଗଞ୍ଜାମ ବଡଗଡ ଦିଶାପୁରର କାଳିଚରଣ ଗୌଡ (୩୬), ବାଲେଶ୍ୱର ଭୋଗରାଇର ସଞ୍ଜିବ ତ୍ରିବେଦୀ (୩୨) ଓ ଦଲାଲ ଖୋର୍ଦ୍ଧା ଗୁରୁଜଙ୍ଗ ନନ୍ଦସାହିର ରାକେଶ ମହାପାତ୍ର (୩୩)। ସମସ୍ତ ଗିରଫଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

ପ୍ରକାଶ ଥାଉକି, ଗତକାଲି ଅପରାହ୍ନରେ ଡଲଫିନ୍ ହୋଟେଲ ରେ ସ୍ୱେଶାଲ ସ୍କ୍ୱାଡ୍ ଓ ଶିଳ୍ପାଂଚଳ ପୁଲିସ ଚଢଉ କରି ହୋଟେଲ ର ଭିନ୍ନ ଭିନ୍ନ ୩ଟି ରୁମ୍ ରୁ ଦେହବ୍ୟବସାୟୀ ଓ ଗ୍ରାହ କଙ୍କୁ ଧରିଥିଲା। କିଙ୍ଗପିନ୍ (ରାଣୀ ମହୁମାଛି) ସୁଲୋଚନା କୁ ପ୍ରଥମେ ପୁଲିସ କାବୁ କରିଥିଲେ। ତାର ବୟାନ ମୁତାବକ ରୁମ୍ ଖୋଜି ଗୋଟି ଗୋଟି ଧରିଥିଲେ। ଚଢଉ ସମୟରେ ପୁଲିସ ରୁମ୍ ଗୁଡିକ ଭିତରୁ ୨ଜଣ ଦେହଜିବୀ ଏବଂ ୩ଜଣ ଗ୍ରାହକଙ୍କୁ ଅସଜ୍ଜିତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏଥିସହିତ ଅନେକ ଆପତିଜନକ ସାମଗ୍ରୀ ପୁଲିସ ଜବତ କରିଛି। ଦଲାଲ ରାକେଶଙ୍କୁ ଧରିଥିବାବେଳେ ହୋଟେଲର ମାଲିକ ନିମାଇଁଚରଣ ଓ ମ୍ୟାନେଜର ଉମାକାନ୍ତ ମୁଖ୍ୟ ଗେଟ ରେ ଜଗି ରହି ସ୍ଥିତି ପରଖୁଥିବାବେଳେ ସେମାନଙ୍କୁ ପୁଲିସ ଧରିଥିଲା। ପରେ ସେମାନଙ୍କ ସମେତ ସମସ୍ତଙ୍କୁ ପୁଲିସ ଶିଳ୍ପାଞ୍ଚଳ ଥାନାକୁ ନେଇ ୯୭/୨୬ରେ ଏକ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, କେବଳ ଡଲଫିନ୍ ହୋଟେଲ ନୁହେଁ ବରଂ ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନରେ ଏଭଳି କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି। ଖୋର୍ଦ୍ଧା ବରୁଣେଇସାହି ଗୁଣ୍ଡିଚାନଗରରେ ଜନୈକ ମହିଳା ଏଭଳି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଉକ୍ତ ମହିଳା ଏକ କମ୍ପାନୀରେ ସୁରକ୍ଷା କର୍ମୀଭାବେ କାମ କରୁଥିବାବେଳେ ଘରକୁ ଫେରିବା ପରେ ସନ୍ଧ୍ୟାରେ ନିଜ ଘରେ ଭିନ୍ନ ଭିନ୍ନ ଲୋକଙ୍କୁ ଡକାଇ ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି। ତେଣୁ ଉକ୍ତ ଅଞ୍ଚଳରୁ ଏଭଳି ବେଆଇନ କାର୍ଯ୍ୟ ବନ୍ଦ କରିବା ଦିଗରେ ପୁଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରୁବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଜିଠୁ ଚନ୍ଦନ ଯାତ୍ରା

# ଜଳକ୍ରୀଡ଼ା କରିବେ ମହାପ୍ରଭୁ

## ପ୍ରସ୍ତୁତ ନରେନ୍ଦ୍ର ପୁଷ୍କରିଣୀ, ଅପେକ୍ଷାରେ ନନ୍ଦା ଓ ଭଦ୍ରା



ପୁରୀ, ୧୯।୪ (ସମିସ): ସୋମବାର ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା। ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁଙ୍କୁ ସ୍ୱାଗତ ଲାଗି ଅପେକ୍ଷାରତ ନରେନ୍ଦ୍ର ସରୋବର। ନନ୍ଦା ଓ ଭଦ୍ରା ଜଳକ୍ରୀଡ଼ା କରାଇବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ମହାପ୍ରଭୁଙ୍କ ପଥ ଚାହିଁ ରହିଛନ୍ତି। ଅପରପକ୍ଷେ, ରବିବାର ପୂଜାପଣ୍ଡା ସେବାୟତ ଚନ୍ଦନ କୁଣ୍ଡ ସଂସ୍କାର କରିଥିବା ବେଳେ ଶ୍ରୀମନ୍ଦିରରେ ଚନ୍ଦନ ଅଧିବାସ ନୀତି ସମ୍ପନ୍ନ ହୋଇଛି।

ମହାପ୍ରଭୁଙ୍କ ସହ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଶ୍ରୀଲୋକନାଥ, ଶ୍ରୀଯମେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀନୀଳକଣ୍ଠେଶ୍ୱର) ଜଳକ୍ରୀଡ଼ା କରିବେ। ତେଣୁ, ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ଜଳକ୍ରୀଡ଼ା ଦେଖିବା ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି।

ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱାରଫିଟା, ମଙ୍ଗଳ ଆଳତି, ସକାଳ ଧୂପ ନୀତି ସରିବା ପରେ ଦକ୍ଷିଣୀଘର ଭୋଗ କରାଯାଇ ଅପରାହ୍ନ ୧ଟାରୁ ସାଢ଼େ ୨ଟା ମଧ୍ୟରେ ଯାତଭୋଗ ଓ ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ସରିବ। ଅପରାହ୍ନ ୩ଟାରେ ଦ୍ୱାଦଶ ଯାତ୍ରା ବନ୍ଦାପନା ପରେ ଅପରାହ୍ନ ସାଢ଼େ ୩ଟାରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଏବଂ ପଞ୍ଚମହାଦେବ ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଯିବେ। ଚାପ ଖେଳି ସାରି ରାତି ୧୦ଟାରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ିବା ଲାଗି ନିଷ୍ପତ୍ତି ହୋଇଛି। ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଛି। ଚନ୍ଦନ ମଣ୍ଡପକୁ ରଙ୍ଗ କରାଯାଇଛି। ଚନ୍ଦନ ଚକଡ଼ାକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ନନ୍ଦା ଓ ଭଦ୍ରା ଚାପ ଏବଂ ବୈଜୟନ୍ତୀ ଡଙ୍ଗାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ସୋମବାର ଚାପରେ କନା ପଡ଼ିବ ଓ ହଂସ ଲଗାଯିବ।

ସେହିପରି ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ମହାପ୍ରଭୁ ଚନ୍ଦନ ପୁଷ୍କରିଣୀକୁ ଯିବା ଏବଂ ପୁଷ୍କରିଣୀ ନିକଟରେ ଶାନ୍ତିଶୃଙ୍ଖଳା ପାଇଁ ୫ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ। ଜଣେ ଅତିରିକ୍ତ ଏସ୍‌ପି, ୫ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର୍ ଓ ୨୦ ଜଣ ଏଏସ୍‌ଆଇ/ଏସ୍‌ଆଇଙ୍କ ସମେତ ୫୮ ଜଣ ହୋମ୍‌ଗାର୍ଡ ଉପସ୍ଥିତ ରହିବେ। ସେହିପରି ଭିଡ଼ର ସୁଯୋଗ ନେଇ ଲୁଟେରାମାନେ ଲୁଟ୍‌ପାଟ୍, ପକେଟ୍‌ମାର କରିବା ସମ୍ଭାବନା ରହିଛି। ଏଥିପ୍ରତି ମଧ୍ୟ ସତର୍କତା ଅବଲମ୍ବନ କରିଛି ପୁଲିସ।

# ଆଜି ରଥ ନିର୍ମାଣ ଅନୁକୂଳ

ପୁରୀ,୧୯।୪(ସମିସ): ସୋମବାର ଅକ୍ଷୟ ତୃତୀୟା। ଏହି ପବିତ୍ର ତିଥିରୁ ଆରମ୍ଭ ହେବ ମହାପ୍ରଭୁଙ୍କ ତିନିରଥ ନିର୍ମାଣ। ଏଥିଲାଗି ରଥଖଳା ପ୍ରସ୍ତୁତ ହୋଇ ରହିଛି। ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ମଧ୍ୟ ପହଞ୍ଚି ସାରିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଅନୁକୂଳ ହେବାକୁ ଥିବା ତିନିଖଣ୍ଡ ଧଉରା କାଠ ମଧ୍ୟ ପ୍ରସ୍ତୁତ ଅଛି। ଅପେକ୍ଷା ରହିଛି ମହାପ୍ରଭୁଙ୍କ ନିର୍ଦ୍ଦେଶ ଅର୍ଥାତ୍ ଆଜ୍ଞାମାଳକୁ।



ରଥ ନିର୍ମାଣ ପାଇଁ ଶ୍ରୀନଅର ସମ୍ମୁଖରେ ଛାମୁଡିଆ ପକାଯାଇ ରଥଖଳା ନିର୍ମାଣ ସରିଛି। ଅପରାହ୍ନ ୪ଟାରେ ରଥଖଳାରେ ରଥ ଆଜ୍ଞାମାଳ ପହଞ୍ଚିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ମହାପ୍ରଭୁଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ରଥ ଅନୁକୂଳ ନୀତି ସମ୍ପନ୍ନ ହେବ। ନନ୍ଦିଘୋଷ, ଦର୍ପଦଳନ ଏବଂ ତାଳଧ୍ୱଜ ରଥ ନିର୍ମାଣ ଆରମ୍ଭ ହେବ।

ବିଧି ଅନୁଯାୟୀ, ଅକ୍ଷୟ ତୃତୀୟାରେ ୧୨ଫୁଟିଆ ତିନି ଖଣ୍ଡ ଧଉରା କାଠକୁ ସ୍ନାନ କରାଯିବ। ଦେଉଳ ପୁରୋହିତଙ୍କ ସମେତ ସୋତ୍ରୀୟ ବ୍ରାହ୍ମଣମାନେ ରଥ ଅନୁକୂଳ ହୋମ କରିବେ। ମଧ୍ୟାହ୍ନ ଧୂପ ସରିବା ପରେ ପୂଜାପଣ୍ଡା ସାମନ୍ତ ତିନିଦିଅଁଙ୍କ ଶ୍ରୀଅଙ୍ଗରୁ ତିନିଗୋଟା ଆଜ୍ଞାମାଳ ନେଇ ହାତରେ ଧରି ରଥଖଳାକୁ ଯିବେ। ତାଙ୍କ ସହ ମଣିବିମାନରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ପାଲିଙ୍କିରେ ରାମ ଓ କୃଷ୍ଣ ଯିବେ। ପୂଜାପଣ୍ଡା ସାମନ୍ତ ତିନିରଥ ଅନୁକୂଳ ନିମନ୍ତେ ଆଜ୍ଞାମାଳ ପ୍ରଦାନ କରିବେ। ଏହାପରେ ରଥ ଅନୁକୂଳର ଅନ୍ୟାନ୍ୟ ନୀତି ସଂପନ୍ନ ହେବ। ଏହି ଅବସରରେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ବିଶ୍ୱକର୍ମା ଏବଂ ଅନ୍ୟ ସେବକମାନଙ୍କ ଶାଢ଼ିବନ୍ଧା ପର୍ବ ସଂପନ୍ନ ହେବ। ପରେ ଠାକୁର ଚନ୍ଦନ ଯାତ୍ରା ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିବେ। ପରମ୍ପରା ଅନୁଯାୟୀ, ଶାଢ଼ି ବନ୍ଧାଇଥିବା ବିଶ୍ୱକର୍ମାମାନେ ସେମାନଙ୍କ ସହଯୋଗୀଙ୍କୁ ମହାପ୍ରସାଦ ଓ ଗୁଆ ପଠାଇ ନିମନ୍ତ୍ରଣ କରିବେ।

# ଗୃହ ଗଣନାରୁ ଶିକ୍ଷୟିତ୍ରୀ ନିଖୋଜ

ବାରିପଦା, ୧୯।୪(ସମିସ): ଗୃହ ଗଣନା କାର୍ଯ୍ୟରେ ନିୟୋଜିତ ଜଣେ ଶିକ୍ଷୟିତ୍ରୀ ନିଖୋଜ ହୋଇଯାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତରେ ଏଭଳି ଏକ ଘଟଣା ଘଟିଛି। ନିଖୋଜ ଶିକ୍ଷୟିତ୍ରୀଜଣଙ୍କ ହେଲେ, ଜ୍ୟୋସ୍ନାରାଣୀ ସାହୁ।



ସେ ଢେଙ୍କିନେଞ୍ଚିଆ ୟୁପିଟିଓ ସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ତାଙ୍କ ଘର ପୁରୀ ଜିଲ୍ଲାରେ। ଗୃହଗଣନା କାର୍ଯ୍ୟ କରିବାକୁ ଯାଇ ଘରକୁ ନ ଫେରିବାରୁ ଭଡ଼ା ଘର ମାଲିକ ସୁରେଶ ଚନ୍ଦ୍ର ସି ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ୬ମାସ ଧରି ସୁରେଶଙ୍କ ଘରେ ଜ୍ୟୋସ୍ନା ଭଡ଼ାରେ ରହୁଥିଲେ। ୧୮ ତାରିଖ ସକାଳ ପ୍ରାୟ ୭ଟାରେ ସେ ସ୍କୁଲକୁ ଯାଇଥିଲେ। ଡ୍ୟୁଟି ସାରି ସେ ଗୃହଗଣନା କରିବାକୁ ଯାଇଥିଲେ। କିନ୍ତୁ ଅପରାହ୍ନ ପର୍ଯ୍ୟନ୍ତ ଘରକୁ ନଫେରିବାରୁ ଏବଂ ତାଙ୍କ ମୋବାଇଲ୍ ସୁଇଚ୍-ଅଫ୍ ଥିବାରୁ ସୁରେଶଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେ ଥାନାରେ ଅଭିଯୋଗ କରିଥିଲେ। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ; ୭ ଆହତ

କବିସୂର୍ଯ୍ୟନଗର,୧୯।୪(ସମିସ): କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି ଛକରେ ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୭ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ କବିସୂର୍ଯ୍ୟନଗର ମେଡିକାଲ, ଆସିକା ଓ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସଂଘର୍ଷର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଗୁରୁତର ସୁଦର୍ଶନଙ୍କ ଅଭିଯୋଗ ଅନୁଯାୟୀ, ଗୁଡ଼ିଆଳି ଛକରେ ଏକ ଅସ୍ଥାୟୀ ଜଳଖିଆ ଦୋକାନକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ରବିବାର ଦିନ ପ୍ରାୟ ୨ଟା ବେଳେ ଏହା ଉଗ୍ରରୂପ ଧାରଣ କରିଥିଲା। ଦୁଇ ଗୋଷ୍ଠୀ ପରସ୍ପରକୁ ଠେଙ୍ଗା, ବାଡ଼ି ଓ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଦୁଇ ପରିବାରର ମୋଟ ୭ଜଣ ଗୁରୁତର ଆହତ ହୋଇଛନ୍ତି।



ଆହତମାନେ ହେଲେ, ଗୋଟିଏ ପରିବାରର ଅକ୍ଷୟ ପାତ୍ର, ଟୁକୁଲା ପାତ୍ର ଓ ଅଜୟ ପାତ୍ର। ଅକ୍ଷୟଙ୍କୁ ପ୍ରଥମେ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି, ଟୁକୁଲା ଓ ଅଜୟଙ୍କୁ କବିସୂର୍ଯ୍ୟନଗର ମେଡିକାଲରେ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ଏକ ପରିବାରର ସୁଦର୍ଶନ ବେହେରାଙ୍କୁ କବିସୂର୍ଯ୍ୟନଗର ମେଡ଼ିକାଲ ଓ ଅନ୍ୟ ୪ଜଣ ତ୍ରିଲୋଚନ ବେହେରା, ସଜନୀ ବେହେରା, ଅକ୍ଷୟ ବେହେରା, ଜଗା ବେହେରା ଆସିକା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

# ଓଡ଼ିଶା ଗସ୍ତରେ ୧୦ଟି ଦେଶର ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର୍



ଭୁବନେଶ୍ୱର,୧୯।୪(ସମିସ): ଦଶଟି ଦେଶର ଏକ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର ଏବଂ କଣ୍ଟେଣ୍ଟ କ୍ରିଏଟରମାନଙ୍କର ଏକ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏଥିରେ ଭୂଟାନ, କାମ୍ବୋଡିଆ, ଲାଓସ୍, ମାଲେସିଆ, ମଙ୍ଗୋଲିଆ, ମିଆଁମାର, ନେପାଳ ଆଦି ସାମିଲ ଅଛନ୍ତି। ଭାରତ ସରକାରଙ୍କର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ଉତ୍ତମ ସମନ୍ୱୟରେ ଏହି ଗସ୍ତ କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ଏହି ଦଳରେ ଟ୍ରାଭେଲ ବ୍ଲଗର୍, ଖାଦ୍ୟ ଓ ଲାଇଫ୍ ଷ୍ଟାଇଲ୍ ଇନ୍‌ଫ୍ଲୁଏନ୍ସର, ୱେଲ୍‌ନେସ୍ ବ୍ଲଗର, ଐତିହ୍ୟ ଅନୁସନ୍ଧାନକାରୀ ଏବଂ ଡକ୍ୟୁମେଣ୍ଟାରୀ ନିର୍ମାତାମାନେ ସାମିଲ ଥିଲେ। ସେମାନେ ଓଡିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ସହିତ ରାଜ୍ୟର ଉନ୍ନତି ଓ ପ୍ରଗତିମୂଳକ ପ୍ରୟାସଗୁଡିକୁ ନିକଟରୁ ଅନୁଭବ କରିବାର ସୁଯୋଗ ଲାଭ କରିଥିଲେ। ଦଳର ସଦସ୍ୟମାନେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ସମେତ ସେମାନେ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ସେଠାରେ ନିର୍ମାଣ ଓ ପ୍ରଯୁକ୍ତି ବିଦ୍ୟା, ମେକାଟ୍ରୋନିକ୍ସ ପରି କ୍ଷେତ୍ରରେ ଅନ୍ତର୍ଜାତୀୟମାନ ଅନୁସାରେ ଦିଆଯାଉଥିବା ଆଧୁନିକ ଦକ୍ଷତାମୂଳକ ପ୍ରଶିକ୍ଷଣ ବ୍ୟବସ୍ଥାକୁ ନିରୀକ୍ଷଣ କରିଥିଲେ। ପରେ ସେମାନେ ରଘୁରାଜପୁରର ହେରିଟେଜ୍ କ୍ରାଫଟ ଭିଲେଜ୍ ଏବଂ କୋଣାର୍କ ସୂର୍ଯ୍ୟମନ୍ଦିରର କାରୁକାର୍ଯ୍ୟ ପରିଦର୍ଶନ କରିଥିଲେ। ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା।

# ଗୁରୁଗ୍ରାମରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ରଥ କାଠ ଅନୁକୂଳ



ନୂଆଦିଲ୍ଲୀ, ୧୯।୪: ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଗୁରୁଗ୍ରାମସ୍ଥିତ 'ସାଇ କା ଆଙ୍ଗନ୍'ଠାରେ ରଥ କାଠ ଅନୁକୂଳ ହୋଇଯାଇଛି। ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଏହି ସମାରୋହରେ ଉପସ୍ଥିତ ରହି ପଣ୍ଡିତମାନଙ୍କ ଦ୍ୱାରା ପବିତ୍ର ବେଦମନ୍ତ୍ର ପାଠ ମଧ୍ୟରେ ରଥକାଠ ଅନୁକୂଳର ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ନିମନ୍ତେ ପୁରୀରେ ଏହି ଦିନ ରଥକାଠ ଅନୁକୂଳ ହୋଇଥାଏ। ଏହି ପରମ୍ପରା ଅନୁସାରେ ଗୁରୁଗ୍ରାମରେ ମଧ୍ୟ ସମସ୍ତ ନୀତି ଅବଲମ୍ବନ ପୂର୍ବକ ରଥକାଠ ପୂଜା କରାଯାଇଥିଲା। ଗତ ଦୁଇ ବର୍ଷ ଧରି ଗୁରୁଗ୍ରାମଠାରେ ଗୁରୁଜୀ ଡ. ଶତପଥୀଙ୍କ ଉଦ୍ୟମ ଓ ପ୍ରେରଣାରେ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଆସୁଛି।

# ବ୍ୟକ୍ତିଗତ ଶତ୍ରୁତା ପାଇଁ ଜନସ୍ୱାର୍ଥ ମାମଲାକୁ ଅସ୍ତ୍ର କରାଯାଇ ପାରିବ ନାହିଁ: ହାଇକୋର୍ଟ

କଟକ, ୧୯।୪ (ସମିସ): ଜନସ୍ୱାର୍ଥ ମାମଲା ବା ପିଆଇଏଲକୁ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କିମ୍ବା କାହା ସହ ଶତ୍ରୁତା ଉଦ୍ଦେଶ୍ୟରେ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। କୋର୍ଟ ଏହାକୁ ଏକ 'ଫ୍ୟାନ୍ସି ଲିଟିଗେସନ୍' ବୋଲି ଅଭିହିତ କରିବା ସହ କହିଛନ୍ତି ଯେ କେବଳ କିଛି ଗ୍ରାମବାସୀ ଏକାଠି ହୋଇ ଆବେଦନ କରିଦେଲେ, ତାହା ଜନହିତ ମାମଲା ହୋଇଯାଏ ନାହିଁ। ଏଥିରେ ପ୍ରକୃତରେ ସାଧାରଣ ଜନତାଙ୍କ ସ୍ୱାର୍ଥ କିମ୍ବା କୌଣସି ଅସହାୟ ବ୍ୟକ୍ତିଙ୍କ ସମସ୍ୟା ଜଡ଼ିତ ରହିବା ଆବଶ୍ୟକ ବୋଲି କହିଛନ୍ତି ଅଦାଲତ। ବିକାଶ ସାହୁ ଏବଂ ଅନ୍ୟମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନକୁ ଖାରଜ କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଅଦାଲତଙ୍କ ବହୁ ମୂଲ୍ୟ ସମୟ ନଷ୍ଟ ହେତୁ ଆବେଦନକାରୀ ୧୦ହଜାର ଟଙ୍କା ଦଣ୍ଡ ଆକାରରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ (ଜୁଭେନାଇଲ ଜଷ୍ଟିସ ଫଣ୍ଡ) ରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବେଦନକାରୀ ଏହି ଅର୍ଥ ଜମା ନ କଲେ, ଆଇନ ଅନୁଯାୟୀ ପ୍ରାଧିକରଣ ଏହାକୁ ଆଦାୟ କରିପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରକାଶଥାଉକି ଏହି ମାମଲାଟି ଏକ ଜମି ବିବାଦ ସହ ଜଡ଼ିତ ଥିଲା। ଆବେଦନକାରୀମାନେ ଦର୍ଶାଇଥିଲେ ଯେ 'ଗ୍ରାମ ଜଙ୍ଗଲ' ଶ୍ରେଣୀଭୁକ୍ତ ଏକ ଜମିକୁ ଭୁଲ ଭାବେ ଜଣେ ବ୍ୟକ୍ତିଙ୍କ ନାମରେ ରେକର୍ଡ କରାଯାଇଛି। ଏହି ଘଟଣା ବହୁ ଦଶନ୍ଧି ପୁରୁଣା ହୋଇଥିଲେ ସୁଦ୍ଧା ଆବେଦନକାରୀମାନେ ଏତେ ଦିନ ଧରି ଚୁପ୍ ରହିବା ଏବଂ ହଠାତ୍ ଜନସ୍ୱାର୍ଥ ମାମଲା ଜରିଆରେ ଏହାକୁ ଚ୍ୟାଲେଞ୍ଜ କରିବାକୁ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି।

# ଆପୋଷ ବୁଝାମଣା ହୋଇଥିବା ପାରିବାରିକ ବିବାଦରେ ଅଦାଲତ ମାନବୀୟ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ: ହାଇକୋର୍ଟ

କଟକ, ୧୯।୪(ସମିସ): ଓଡ଼ିଶା ହାଇକୋର୍ଟ ଏକ ପାରିବାରିକ ବିବାଦ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆପୋଷ ବୁଝାମଣା ହୋଇସାରିଥିବା ବୈବାହିକ ବିବାଦ ସମ୍ପର୍କିତ ମାମଲାଗୁଡ଼ିକରେ କୋର୍ଟ ଏକ 'ମାନବୀୟ ଆଭିମୁଖ୍ୟ' ଗ୍ରହଣ କରିବା ଉଚିତ। ବୈବାହିକ ମାମଲାରେ ଦୀର୍ଘଦିନ ଧରି ମକଦ୍ଦମା ଚାଲିବା ଦ୍ୱାରା ତିକ୍ତତା ବଢ଼ିଥାଏ ଏବଂ କୋର୍ଟଙ୍କ ବହୁମୂଲ୍ୟ ସମୟ ନଷ୍ଟ ହୋଇଥାଏ। ଏଣୁ ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ସମାଧାନକୁ ଅଦାଲତ ପ୍ରୋତ୍ସାହିତ କରିବା ଉଚିତ। ଏହାଦ୍ୱାରା ସେମାନେ ନିଜ ଜୀବନରେ ଆଗକୁ ବଢ଼ିପାରିବେ ବୋଲି କହିଛନ୍ତି ହାଇକୋର୍ଟ। ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଉରକେଲା ଉଦିତନଗର ଥାନାରେ ୨୦୧୬ ମସିହାରେ ଆବେଦନକାରୀ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଘରୋଇ ହିଂସା ଓ ଅତ୍ୟାଚାର ଅଭିଯୋଗ ହୋଇଥିଲା। ଅଭିଯୋଗକାରିଣୀ ନିଜର ଶାଶୂ, ନଣନ୍ଦ ଏବଂ ଦିଅରଙ୍କ ବିରୋଧରେ ମାଡ଼ପିଟ୍ ଓ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏହା ଆଧାରରେ ଆଇପିସି ଧାରା ୪୯୮-ଏ, ୩୨୩, ୩୫୪ ଓ ୫୦୬ ଅନୁସାରେ ମାମଲା ରୁଜୁ ହୋଇଥିଲା। ମାମଲା ଚାଲିଥିବା ସମୟରେ ଉଭୟପକ୍ଷ ନିଜ ମଧ୍ୟରେ ଥିବା ବିବାଦକୁ ସମାଧାନ କରିଦେଇଥିଲେ। ତେବେ ରାଉରକେଲା ଏସ୍‌ଡିଜେଏମ୍ ଅଦାଲତରେ ବିଚାରାଧୀନ ମାମଲା ରଦ୍ଦ କରାଯାଉ ବୋଲି ଆବେଦନ କରି ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରିଣୀ ବର୍ତ୍ତମାନ ନିଜ ସ୍ୱାମୀଙ୍କ ସହ ଅଲଗା ରହୁଛନ୍ତି ଏବଂ ମାମଲାକୁ ଆଗକୁ ବଢ଼ାଇବାକୁ ଚାହୁଁନାହାନ୍ତି ବୋଲି କୋର୍ଟରେ ଏକ ମିଳିତ ସତ୍ୟପାଠ ଦାଖଲ କରିଥିଲେ। ଏହି ଆଧାରରେ ହାଇକୋର୍ଟ ଉକ୍ତ ବୈବାହିକ ବିବାଦ ତଥା ଘରୋଇ ହିଂସା ମାମଲାକୁ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ବିଭିନ୍ନ ପୂର୍ବ ନିଷ୍ପତ୍ତିକୁ ଆଧାର କରି ହାଇକୋର୍ଟ ଉଦିତନଗର ଥାନା ସମ୍ପର୍କିତ ଆବେଦନକାରୀଙ୍କ ବିରୋଧରେ ଥିବା ଅପରାଧିକ ପ୍ରକ୍ରିୟାକୁ ରଦ୍ଦ କରିଦେଇଛନ୍ତି।

# ଗାଡ଼ି ଚୋରି ରାକେଟରେ ବିଜେପି ନେତା

ଢେଙ୍କାନାଳ, ୧୯।୪ (ସମିସ): ଗାଡ଼ି ଚୋରି ଅଭିଯୋଗରେ ପୁଲିସ ଗଁଦିଆ ବ୍ଲକ କାବେରା ପଞ୍ଚାୟତ ଦଧିସିଂହା ଗ୍ରାମର ଜଣେ ବିଜେପି ନେତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସେ ହେଲେ, ଦଳର ବୁଥ୍ ସଭାପତି ଥିବା ସୁନୀଲ ପରିଡ଼ା। ସୁନୀଲ ଏକ କବାଡ଼ି ଦୋକାନ କରିଥିଲେ। ଉକ୍ତ ଦୋକାନରେ ସେ ବିଭିନ୍ନ

**କବାଡ଼ି ଦୋକାନ କରି ଚଳାଇଥିଲେ କଳାକାରନାମା**




ସ୍ଥାନରୁ ଆସୁଥିବା ଚୋରି ଗାଡ଼ିକୁ କମ ଟଙ୍କାରେ କିଣି ତାହାକୁ କାଟିବା ସହ ବିକ୍ରି କରୁଥିଲେ। ପୁଲିସ ଆଠଗଡ଼ର ଜଣେ ବ୍ୟକ୍ତିଙ୍କ ଗାଡ଼ି ଚୋରି ଅଭିଯୋଗକୁ ନେଇ ତଦନ୍ତ ସମୟରେ ଏହି ଘଟଣା ସାମ୍ନାକୁ ଆସିଛି। ପୁଲିସ ସୁନୀଲଙ୍କୁ ଉଠାଇ ଆଣିଥିବା ବେଳେ ତାଙ୍କ ଦୋକାନରୁ ତିନିଟି ଗାଡ଼ି ସହ କଟାଯାଇଥିବା ଗାଡ଼ି ନଂ ଓଆର୦୬-ଏଚ୫୫୭୩, ଓଡି୦୫-ଏନ୯୨୯୧ ଓ ବିଭିନ୍ନ ଗାଡ଼ିର ପାର୍ଟସ ଏବଂ ଖଣ୍ଡବିଖଣ୍ଡିତ ଅଂଶ ଜବତ କରିଛି। ଏହି ଘଟଣାରେ ସୁନୀଲଙ୍କ ଭାଇ ମଧ୍ୟ ସମ୍ପୃକ୍ତ ଥିବା ବେଳେ ଏକ ବଡ଼ ରାକେଟ କାମ କରୁଥିବା ସନ୍ଦେହ କରାଯାଉଛି।

# ମନ୍ଦ ଉଦ୍ଦେଶ୍ୟରେ ଆସିଥିବା ଡିଲିମିଟେସନ ବିଲ୍ କାଟ୍ ଖାଇଲା: ବିଜେଡି

ଭୁବନେଶ୍ୱର,୧୯।୪(ସମିସ): ମହିଳା ସଂରକ୍ଷଣ ନାଁରେ ମନ୍ଦ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ପକ୍ଷରୁ ଅଣାଯାଇଥିବା ଡିଲିମିଟେସନ ବିଲ୍ କାଟ୍ ଖାଇଲା ବୋଲି ବିଜେଡି କହିଛି। ତିନି ବର୍ଷ ଧରି ମହିଳା ସଂରକ୍ଷଣ ବିଲ୍ ସଂସଦର ଉଭୟ ସଦନରେ ପାଳିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇସାରିଥିଲେ ମଧ୍ୟ କେନ୍ଦ୍ର ସରକାର ଗେଜେଟ ନୋଟିଫିକେସନ କାହିଁକି କରି ନ ଥିଲେ ବୋଲି ବିଜେଡି



ପ୍ରଶ୍ନ କରିଛି। ମହିଳା ସଂରକ୍ଷଣ ବାବଦରେ ବିଜୁ ଜନତା ଦଳର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦୂରଦୃଷ୍ଟି ସଂପର୍ଣ୍ଣ ନେତୃତ୍ୱ ଲାଗି ସାରା ଦେଶରେ ପ୍ରଥମ ଥର ପାଇଁ ମହିଳାମାନେ ପଞ୍ଚାୟତ ଓ ସ୍ଥାନୀୟ ପୌର ପ୍ରଶାସନରେ ୩୩ ପ୍ରତିଶତ ସଂରକ୍ଷଣ ପାଇପାରିଥିଲେ ବୋଲି ଦଳ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି।

ରବିବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଂଜୟ କୁମାର ଦାସବର୍ମା କହିଥିଲେ ଯେ ମହିଳା ସଂରକ୍ଷଣ ନାଁରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯିବା ପରେ ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଓଡ଼ିଶାର ସ୍ୱାର୍ଥ ହାନି ହେଉଥିବା ଅନୁଭବ କରିଥିଲେ। ସେଥିପାଇଁ ଡିଲିମିଟେସନ ବିଲ୍ ସଂକ୍ରାନ୍ତରେ ଆଲୋଚନା କରିବା ପାଇଁ ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର

- ମହିଳା ସଂରକ୍ଷଣ ବିଲ୍ ତିନି ବର୍ଷ ଧରି ଗେଜେଟ ନୋଟିଫିକେସନ ହୋଇ ନ ଥିଲା କାହିଁକି?
- ୨୦୧୧ ଜନଗଣନା ଅନୁସାରେ ଡିଲିମିଟେସନ ହୋଇଥିଲେ ଓଡ଼ିଶାର କ୍ଷତି ହୋଇଥା'ନ୍ତା
- ସମସ୍ତଙ୍କୁ ଅନ୍ଧକାରରେ ରଖି ସୀମା ପୁନଃନିର୍ଦ୍ଧାରଣ ପାଇଁ ହୋଇଥିଲା ସରକାରୀ ଷଡ଼ଯନ୍ତ୍ର
- ୫୦ ପ୍ରତିଶତ ଆସନ ସଂଖ୍ୟା ବୃଦ୍ଧି ନେଇ ହେଉଥିବା ପ୍ରଚାର ବିଲ୍‌ରେ ଉଲ୍ଲେଖ ନ ଥିଲା

ଅଧିବେଶନ ଡାକିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଦଳମତ ନିର୍ବିଶେଷରେ ରାଜ୍ୟର ସାଂସଦଙ୍କୁ ପତ୍ର ଲେଖି ଶ୍ରୀ ପଟ୍ଟନାୟକ ଓଡ଼ିଶା ସ୍ୱାର୍ଥ ରକ୍ଷା ପାଇଁ ସଂସଦରେ ମୁହଁ ଖୋଲିବାକୁ ଅନୁରୋଧ କରିଥିଲେ; ମାତ୍ର ସଂସଦରେ ବିଲ୍ ଆସିବା ପରେ ଜଣାପଡିଲା ଯେ, ସମସ୍ତଙ୍କୁ ଅନ୍ଧାରରେ ରଖି ମହିଳା ସଂରକ୍ଷଣ ନାଁରେ ଡିଲିମିଟେସନ ବିଲରେ ଥିବା ପ୍ରାବଧାନ ଓଡ଼ିଶାର ସ୍ୱାର୍ଥ କ୍ଷୁଣ୍ଣ କରିବ। ଭାରତ ସରକାରଙ୍କ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ନିଷ୍ଠାର ସହ ଅନୁପାଳନ କରି ଜନସଂଖ୍ୟା ନିୟନ୍ତ୍ରଣରେ ଓଡ଼ିଶା ସଫଳ ହୋଇଥିବାରୁ ୨୦୧୧ ଜନଗଣନା ଅନୁସାରେ ଯଦି ଡିଲିମିଟେସନ ହୋଇଥାଆନ୍ତା, ତେବେ ଓଡ଼ିଶାର ଆସନ ସଂଖ୍ୟା ଆନୁପାତିକ ଭାବେ ହ୍ରାସ ପାଇଥାଆନ୍ତା। ତେଣୁ ବିଜେଡି ଏଭଳି ଏକ ଏକଛତ୍ରବାଦୀ ଓ ଓଡ଼ିଶା ସ୍ୱାର୍ଥ ବିରୋଧୀ ଡିଲିମିଟେସନ ବିଲ୍‌କୁ ବିରୋଧ କଲା।

ବିଜେଡି ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଥିଲେ ଯେ ବିଜେପି ନେତା ଓ କେନ୍ଦ୍ର ମନ୍ତ୍ରୀ ୫୦ ଭାଗ ଆସନ ସଂଖ୍ୟା ବୃଦ୍ଧି ବିଷୟ ଯେଉଁ ପ୍ରଚାର କରୁଛନ୍ତି ତାହା ମନଗଢା ତଥା ଭିତ୍ତିହୀନ। ବିଲ୍‌ରେ ଏଭଳି ବ୍ୟବସ୍ଥା ନାହିଁ। ମହିଳା ସଂରକ୍ଷଣକୁ ଢାଲ କରି ଡିଲିମିଟେସନ ବିଲ୍‌କୁ ପାରିତ କରିବା ପାଇଁ ହେଉଥିବା ଅପଚେଷ୍ଟା ବିଫଳ ହୋଇଛି। ଦୁଃଖର ବିଷୟ, ରାଜ୍ୟ ସ୍ୱାର୍ଥ ଅପେକ୍ଷା ଦଳୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶା ବିଜେପିର ୨୦ ଜଣ ସାଂସଦ ରାଜ୍ୟ ସ୍ୱାର୍ଥ ବିରୋଧରେ ସଂସଦରେ ଭୋଟ ଦେଲେ। ଆଗାମୀ ଦିନରେ ରାଜ୍ୟବାସୀ ଏହାର ବିଚାର କରିବେ ବୋଲି ସେ କହିଥିଲେ।

# ମହିଳା ବିଲ୍‌କୁ ବିରୋଧୀ ଦଳଙ୍କ ବିରୋଧକୁ ମୁଖ୍ୟମନ୍ତ୍ରୀଙ୍କ ସମାଲୋଚନା

ଭୁବନେଶ୍ୱର,୧୯।୪(ସମିସ): କଂଗ୍ରେସ ଦଳ ନେତୃତ୍ୱରେ ସମସ୍ତ ବିରୋଧୀ ଦଳ ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କଲେ। ଏହାର ଉତ୍ତର ଏ ଦେଶର ନାରୀଶକ୍ତି ନିଜ ଭୋଟ ମାଧ୍ୟମରେ ଦେବେ ବୋଲି ମୁଖମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରବିବାର ବିଜେପି କାର୍ଯ୍ୟାଳୟରେ ନାରୀଶକ୍ତି ବନ୍ଦ ଅଧିନିୟମ ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ମହିଳାଙ୍କ ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରୟାସକୁ ବିରୋଧୀମାନେ ବିଫଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। କଂଗ୍ରେସଠାରୁ ଆରମ୍ଭ କରି ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି, ଆମ୍ ଆଦମୀ ପାର୍ଟି, ଡିଏମ୍‌କେ, ବାମପନ୍ଥୀ ଦଳଗୁଡ଼ିକର ଆଭିମୁଖ୍ୟ ମହିଳା ବିରୋଧୀ ବୋଲି ସ୍ପଷ୍ଟ ହୋଇଛି। କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳମାନଙ୍କ ମୁଣ୍ଡରେ ମହିଳା ବିରୋଧୀ କଳଙ୍କର ଷ୍ଟାମ୍ପ ଲାଗିଗଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସାଂସଦ ବାଂସୁରୀ ସ୍ୱରାଜ କହିଥିଲେ ଯେ ନାରୀଶକ୍ତି ବନ୍ଦନ ଅଧିନିୟମ ସର୍ବସମ୍ମତିକ୍ରମେ




୨୦୨୩ ସେପ୍ଟେମ୍ବରରେ ପାରିତ ହୋଇଥିଲା। ସେତେବେଳେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳଗୁଡ଼ିକ ଏହି ଅଧିନିୟମ ସପକ୍ଷରେ ସହମତି ପ୍ରକାଶ କରିଥିଲେ। ମାତ୍ର ଏହି ଅଧିନିୟମ ଲାଗୁ ହେବାବେଳକୁ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟିଙ୍କ ସହ ଇଣ୍ଡି ମେଣ୍ଟରେ ଥିବା ସବୁ ବିରୋଧୀଦଳ ମିଳିମିଶି ଏହି ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି। ଯେଉଁମାନେ ନାରୀଶକ୍ତିର ସ୍ୱାର୍ଥକୁ ବଳି ପକାଇଦେଇଛନ୍ତି, ସେମାନଙ୍କୁ

- କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳ ମୁଣ୍ଡରେ 'ମହିଳା ବିରୋଧୀ' କଳଙ୍କ ଷ୍ଟାମ୍ପ ଲାଗିଗଲା
- ବିରୋଧୀଦଳଗୁଡ଼ିକ ମିଳିମିଶି ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି: ବାଂସୁରୀ ସ୍ୱରାଜ

ଅଭିଶାପର ଫଳ ନିଶ୍ଚୟ ମିଳିବ ବୋଲି ସେ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟପାଳ ସିଂ ତୋମାର ପ୍ରମୁଖ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୨୦-ଆଲବାମା ଓ ମିସିସିପିରେ ଆସିଥିବା ତୋଫାନ ଯୋଗୁଁ ୨୧୨ ଲୋକଙ୍କ ମୃତ୍ୟୁ।
- ୧୯୩୯ - ଆଡଲଫ୍ ହିଟଲର୍‌ଙ୍କ ୫୦ତମ ଜନ୍ମ ଦିବସକୁ ଜର୍ମାନରେ ରାଷ୍ଟ୍ରୀୟ ଦିବସ ଭାବେ ପାଳନ କରାଗଲା।
- ୧୯୯୭ - ଇନ୍ଦ୍ର କୁମାର ଗୁଜରାଲ ଦେଶର ଦ୍ୱାଦଶ ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୨- ଭାରତ 'ଅଗ୍ନି-୫' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିବା ପରେ ଆମେରିକା ଗଣମାଧ୍ୟମ ଭାରତ, ଚୀନ୍ ସହ ସମକକ୍ଷ ହୋଇଗଲା ବୋଲି ପ୍ରକାଶ କରିଥିଲା।

ଆଜି ଆସିଥିଲେ

# ଓଡ଼ିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା ଗୋପୀନାଥ ମହାନ୍ତି

ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ଔପନ୍ୟାସିକ ଥିଲେ ଗୋପୀନାଥ ମହାନ୍ତି। ଉପନ୍ୟାସ ସହିତ କବିତା, ଗଳ୍ପ, ଜୀବନୀ, ଆତ୍ମଜୀବନୀ, ନାଟକ ଓ ଅନୁବାଦରେ ଥିଲା ତାଙ୍କର ଅଭୂତପୂର୍ବ ଦକ୍ଷତା। ତାଙ୍କ ଲେଖାରେ ଓଡ଼ିଆ ଚଳଣି, ପାହାଡ଼ି ଜୀବନର କାହାଣୀ, ସାଧାରଣ ମଣିଷର ଭାଷା ଆଦିର ବ୍ୟବହାର ଦେଖିବାକୁ ମିଳିଥାଏ। ଜ୍ଞାନପୀଠ ପୁରସ୍କାର ପାଇବାରେ ସେ ପ୍ରଥମ ଓଡ଼ିଆ ଔପନ୍ୟାସିକ। ୧୯୧୪ ମସିହା ଆଜିର ଦିନରେ କଟକ ଜିଲ୍ଲାର ମହାନଦୀ କୂଳର ଏକ ଛୋଟିଆ ଗ୍ରାମ ନାଗବାଲିରେ ଗୋପୀନାଥଙ୍କର ଜନ୍ମ ହୋଇଥିଲା। ବିଚକ୍ଷଣ ପ୍ରତିଭାସମ୍ପନ୍ନ ଗୋପୀନାଥଙ୍କର ପିଲାଦିନରୁ ସାହିତ୍ୟ ପ୍ରତି ରୁଚି ଥିଲା। ସେ ମାତ୍ର ୨୯ ବର୍ଷ



ବୟସରେ 'ପରଜା' ରଚନା କରି ସାହିତ୍ୟ ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲେ। ୧୯୩୬ରେ ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଶେଷ କଲାପରେ ଗୋପୀନାଥ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ୧୯୪୦ରେ ତାଙ୍କର ନିଯୁକ୍ତି ହୁଏ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ। ସେଠାରେ ସେ କନ୍ଧ, କୁଇ, ସଉରା, ପରଜା ସମ୍ପ୍ରଦାୟର ଭାଷା ଓ ସଂସ୍କୃତି ସଂସ୍ପର୍ଶରେ ଆସନ୍ତି। ଆଦିବାସୀ ଜୀବନ ଆଧାରିତ 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ' ଆଦି ଉପନ୍ୟାସ ରଚନା କରି ସେ କେବଳ ଯଶସ୍ୱୀ ହୋଇନାହାନ୍ତି; ଆଦିବାସୀ ଜୀବନ ଓ ସମାଜର ନିଚ୍ଛକ, ମାର୍ମିକ, ଦୁର୍ଲଭ ଚିତ୍ରକୁ ପାଠକଙ୍କ ସହ ପରିଚିତ କରାଇଛନ୍ତି। ତାଙ୍କ ଲେଖନୀରେ ସୃଷ୍ଟି ହୋଇଛି 'ହରିଜନ', 'ଦାନାପାଣି', 'ଲୟବିଲୟ', 'ମାଟିମଟାଳ' ଆଦି କାଳଜୟୀ ଉପନ୍ୟାସ। 'ଛାଇ ଆଲୁଅ', 'ଉଡ଼ନ୍ତା ଖଇ', 'ଶରଶଯ୍ୟା' ଆଦି ଗଳ୍ପ ସଂକଳନ, 'ଧୂଳିମାଟିର ସନ୍ଥ', 'ଉତ୍କଳମଣି' ଆଦି ଜୀବନୀ ଏବଂ 'ସ୍ରୋତସ୍ୱତୀ' ଆତ୍ମଜୀବନୀ ରଚନା କରି ସେ ସାହିତ୍ୟର ପ୍ରମୁଖ ବିଭାଗରେ ଛାଡ଼ିଯାଇଛନ୍ତି ବଳିଷ୍ଠ ସ୍ୱାକ୍ଷର। ତାଙ୍କ ରଚନା ସବୁ ଆଦିବାସୀ ଜୀବନଚର୍ଯ୍ୟା ଓ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ କେନ୍ଦ୍ରିତ। ଗୋପୀନାଥଙ୍କ ଲେଖାମାନ ଓଡ଼ିଆ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇ ପ୍ରକାଶିତ ହୋଇଛି। ଜୀବନକାଳ ମଧ୍ୟରେ ସେ ୨୪ଟି ଉପନ୍ୟାସ, ୧୦ଟି କ୍ଷୁଦ୍ରଗଳ୍ପ, ୩ଟି ନାଟକ, ୨ଟି ଆତ୍ମଜୀବନୀ, ୨ଟି ନିବନ୍ଧ, କନ୍ଧ, ସଉରା, ଗଡ଼ବାଙ୍କ ଭାଷା ଉପରେ ୫ଟି ବହି ଲେଖିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଜ୍ଞାନପୀଠ ପୁରସ୍କାର, ପଦ୍ମଭୂଷଣ ଆଦି ଅନେକ ଜାତୀୟ ପୁରସ୍କାର ସମ୍ମାନିତ ଏହି ବିରଳ ପ୍ରତିଭାଙ୍କୁ ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡିଲିଟ୍ ଉପାଧି ମିଳିଥିଲା। ୨୦ ଅଗଷ୍ଟ, ୧୯୯୧ରେ ଏହି ମହାନ୍ ସାହିତ୍ୟିକଙ୍କର ପରଲୋକ ଘଟିଥିଲା।



# କାର୍ଡବୋର୍ଡ ଫେଶନ

ବର୍ତ୍ତମାନ ଫେଶନ ଦୁନିଆରେ ବହୁ ଅଜବ ଅଜବ ଷ୍ଟାଇଲ ମାନ ସାମ୍ନାକୁ ଆସୁଛି। ବିଶେଷକରି ଲଗ୍‌ଜୁରି ଫେଶନ ବ୍ରାଣ୍ଡ ବାଲେନ୍‌ସିଆଗା ଅଖା, ଟାୱେଲରେ ପୋଷାକ ନିର୍ମାଣ କରି ଏହାକୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଚର୍ଚ୍ଚାରେ ରହିଛି। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ କାର୍ଡବୋର୍ଡ ଡ୍ରେସ୍ ଖୁବ୍ ଭାଇରାଲ ହେଉଛି। ଲୋକପ୍ରିୟ ହଲିଉଡ୍ ଅଭିନେତ୍ରୀ ମେଗନ ଫକ୍ସ ଏବଂ ରବର୍ଟ ପେଟିନସନ କାର୍ଡବୋର୍ଡରେ ତିଆରି ପୋଷାକ ପିନ୍ଧିଥିବାର ଦେଖାଯାଇଛି। ତେବେ ଏହି ପୋଷାକକୁ ପ୍ରତିଷ୍ଠିତ ବ୍ରାଣ୍ଡ ବାଲେନସିଆଗା ଲଞ୍ଚ୍ କରିଛି। ଏହାର ନାମ 'ସିଫି କାର୍ଡବୋର୍ଡ ବକ୍ସ' ରଖାଯାଇଛି। ସେହିପରି ଏହି ଡ୍ରେସ୍‌ର ଦାମ୍ ୮.୨୪ ଲକ୍ଷ ବୋଲି କୁହାଯାଇଛି। ଅବଶ୍ୟ ଏହା ସତ ଘଟଣା ନୁହେଁ, ବୋଲି ଏବେ ଜଣାପଡ଼ିଛି। ଏହାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ସାହାଯ୍ୟରେ ତିଆରି କରାଯାଇଛି। ସ୍ୱୋର୍ଟ ଷ୍ଟିମୁଲେସନ ନାମକ ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ଫଟୋଗୁଡ଼ିକ ସେୟାର୍ କରିଥିଲା। ମେଗନ ଫକ୍ସ, ରବର୍ଟ ପେଟିନସନଙ୍କ ଭଳି ବଡ଼ ବଡ଼ ତାରକାଙ୍କ ମୁହଁକୁ ଏହି ଫଟୋରେ ସାମିଲ କରିଥିଲା। ଯେଭଳି ଏହା ଅସଲି ଲାଗିବ। ଏହି ଆକାଉଣ୍ଟରେ ପୂର୍ବରୁ ମଧ୍ୟ ଝାଡୁରେ ତିଆରି ଡ୍ରେସ୍ ଏବଂ ଅଣ୍ଡା ଟ୍ରେରୁ ତିଆରି ପୋଷାକର ଫଟୋ ସେୟାର୍ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେବେ ଏହି ପେଜ୍‌ର ଉଦ୍ଦେଶ୍ୟ ହେଉଛି, ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିବା। ତା'ସହ ଏକଥା ଭାବିବାକୁ ବାଧ୍ୟ କରିବା ଯେ, ଏହା ଅସଲି କି ନକଲି। ସେହିପରି ଲୋକପ୍ରିୟ ତାରକାଙ୍କୁ ଏଭଳି ପୋଷାକରେ ସାମିଲ କରିବା ଦ୍ୱାରା ଲୋକେ ଏହାକୁ ସତସତିକା ମନେ କରନ୍ତି। ହେଲେ ବାସ୍ତବତା ହେଉଛି ଏସବୁ ଏଆଇ ଦ୍ୱାରା ତିଆରି କଣ୍ଟେଣ୍ଟ। ଏହି ପୂରା ଘଟଣା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ ଭ୍ରମ। ଯାହାକି ଜାଣିଶୁଣି ଭାଇରାଲ କରିବା ପାଇଁ ତିଆରି କରାଯାଇଛି। ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

# ପ୍ଲାଷ୍ଟିକ୍ ସର୍ଜରୀକୁ ନେଇ ମୁହଁ ଖୋଲିଲେ ଅବନୀତ



ବଲିଉଡ୍ ଅଭିନେତ୍ରୀ ଅବନୀତ କୌର୍ ପ୍ଲାଷ୍ଟିକ୍ ସର୍ଜରୀ ଓ ବୋଟୋକ୍ସ କରାଇଥିବା ଚର୍ଚ୍ଚା ଉପରେ ଏବେ ମୁହଁ ଖୋଲିଛନ୍ତି। ବୟସ ବଢ଼ିବା ସହ ତାଙ୍କ ଲୁକ୍‌ରେ ପ୍ରାକୃତିକ ଭାବେ ପରିବର୍ତ୍ତନ ଦେଖାଯାଇଛି ବୋଲି ସେ କହିଛନ୍ତି। ଅବନୀତ ସାମାଜିକ ଗଣମାଧ୍ୟମରେ ବେଶ୍ ସକ୍ରିୟ ଥାନ୍ତି। ସେ ପ୍ରାୟ ସମୟରେ ତାଙ୍କର ଫଟୋ ସେୟାର୍ କରିଥାନ୍ତି। ସମୟ ସହିତ ତାଙ୍କ ଲୁକ୍‌ରେ ପରିବର୍ତ୍ତନ ଦେଖା ଦେବାରୁ ସାମାଜିକ ଗଣମାଧ୍ୟମରେ ସେ ପ୍ଲାଷ୍ଟିକ୍ ସର୍ଜରୀ କିମ୍ବା ବୋଟୋକ୍ସ କରାଇଥିବା କଥା ଚର୍ଚ୍ଚା ହେବାକୁ ଲାଗିଲା। ଏସମ୍ପର୍କରେ ନିକଟରେ ଅବନୀତ ଏକ ସାକ୍ଷାତକାରରେ କହିଛନ୍ତି, 'ସେ ଏଭଳି କମେଣ୍ଟ ଉପରେ ପ୍ରତିକ୍ରିୟା ଦିଅନ୍ତି ନାହିଁ। ଯଦି ଲୋକେ ଏପରି ଭାବୁଛନ୍ତି ତେବେ ସେମାନଙ୍କ ପିଲାଦିନର ଓ ବର୍ତ୍ତମାନର ଫଟୋ ଦେଖନ୍ତୁ। ମଣିଷର ବୟସ ଯେତେ ବଢ଼ି ବଢ଼ି ଚାଲେ ତା'ର ଶାରୀରିକ ଗଠନରେ ପରିବର୍ତ୍ତନ ଦେଖାଯାଏ। ଏହା ଏକ ପ୍ରାକୃତିକ ପ୍ରକ୍ରିୟା।' ସେ ଆହୁରି ମଧ୍ୟ କହିଥିଲେ, 'ତାଙ୍କ ଆଖି, ନାକ ଓ ଓଠ ପୂର୍ବଭଳି ଅଛି। ତାଙ୍କର କଳାଜାଇ ମଧ୍ୟ ପୂର୍ବଭଳି ସେହି ସ୍ଥାନରେ ଅଛି।' ଅବନୀତ ତାଙ୍କ ସୌନ୍ଦର୍ଯ୍ୟ ମା'ଙ୍କ ଠାରୁ ଆସିଥିବା କହିଛନ୍ତି। ଅବନୀତଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ ଶାନ୍ତନୁ ମାହେଶ୍ୱରୀଙ୍କ ସହ 'ଲଭ୍ ଇନ୍ ଭିଏତନାମ୍' ଫିଲ୍ମରେ ନଜର ଆସିଥିଲେ। ରାହତ ଶାହ କାଜମୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୧୨ ସେପ୍ଟେମ୍ବର, ୨୦୨୫ରେ ରିଲିଜ୍ ହୋଇଥିଲା।

## ସ୍ମୃତି



# ସୀତା ନବମୀ

**ବୈଶାଖ ମାସ ଶୁକ୍ଳ ନବମୀକୁ ସୀତା ନବମୀ ବୋଲି କୁହାଯାଏ। ଧାର୍ମିକ ମାନ୍ୟତାନୁସାରେ, ମା' ସୀତା ଏହିଦିନ ପୃଥିବୀରେ ଜନ୍ମ ହୋଇଥିଲେ। ସୀତା ନବମୀକୁ 'ଜାନକୀ ନବମୀ' ମଧ୍ୟ କୁହାଯାଏ। ସେହିପରି ପ୍ରତ୍ୟେକ ଭାରତୀୟ ନାରୀ ମା' ସୀତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିଥାନ୍ତି।**

ରାମ ନବମୀର ମାସେ ପରେ ପଡ଼ିଥାଏ ସୀତା ନବମୀ। ସେହିପରି ରାମ ନବମୀରେ ଶ୍ରୀରାମଙ୍କ ପୂଜା ଦ୍ୱାରା ଯେଉଁ ଫଳ ମିଳେ, ଠିକ୍ ସେମିତି ସୀତା ନବମୀରେ ମାତା ସୀତାଙ୍କୁ ପୂଜା କରିବା ଦ୍ୱାରା ସମାନ ଫଳ ପ୍ରାପ୍ତି ହୁଏ। ମା' ସୀତା ହେଲେ ମହାଲକ୍ଷ୍ମୀଙ୍କ ସ୍ୱରୂପ। ଏହି ପବିତ୍ର ଦିନରେ ମା' ସୀତା ଏବଂ ଶ୍ରୀରାମଙ୍କୁ ପୂଜା କଲେ ସୁଖୀ ଦାମ୍ପତ୍ୟ ଜୀବନର ଆଶୀର୍ବାଦ ପ୍ରାପ୍ତ ହୁଏ। ଏହା ସହ ସମସ୍ତ ମନୋକାମନା ପୂରଣ ହୁଏ। ଏହିଦିନ ସଧବା ନାରୀ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ତଥା ପରିବାରର ସୁଖଶାନ୍ତି ପାଇଁ ବ୍ରତ ରଖନ୍ତି। ଏହାବାଦ୍ ସୀତା ନବମୀରେ ପୂଜାପାଠ ସହ ଦାନ କରିବା ଉଚିତ। ହିନ୍ଦୁ ଧର୍ମରେ ପ୍ରତ୍ୟେକ ପୂଜା ପରେ ଦାନ କରିବାର ପରମ୍ପରା ଅଛି। ଏହିଦିନ କରାଯାଉଥିବା ଦାନ ଦ୍ୱାରା କନ୍ୟାଦାନ ଏବଂ ଚାରିଧାମ ତୀର୍ଥଯାତ୍ରା ସମାନ ଫଳ ପ୍ରାପ୍ତ ହୁଏ। ପୌରାଣିକ ମାନ୍ୟତାନୁସାରେ, ମିଥିଳା ରାଜା ଜନକ ନିଜ ଜମିରେ ହଳ କରୁଥିଲେ। ସେହି ସମୟରେ ସେ ମା' ସୀତାଙ୍କୁ ପାଇଥିଲେ। ସେବେଠାରୁ ସୀତା ଜନକ ନନ୍ଦିନୀ ଜାନକୀ ଭାବେ ପରିଚିତ। ଏପ୍ରିଲ ୨୫ ତାରିଖରେ ସୀତା ନବମୀ ପାଳନ କରାଯିବ।

# ଅକ୍ଷୟ ତୃତୀୟା

**ଆଜି ପବିତ୍ର ଅକ୍ଷୟ ତୃତୀୟା। ବୈଶାଖ ଶୁକ୍ଳ ତୃତୀୟା 'ଅକ୍ଷୟ ତୃତୀୟା' ଭାବେ ପରିଚିତ। କୃଷକ ଏହିଦିନ ଅଖିମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଏହା ଅତ୍ୟନ୍ତ ଶୁଭଦିନ ହୋଇଥିବାରୁ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ଭଳି ମାଙ୍ଗଳିକ କାର୍ଯ୍ୟ କରାଯାଏ। କେବଳ ସେତିକି ନୁହେଁ, ଏହି ତିଥିରେ ଶ୍ରୀଜିଉମାନଙ୍କର ରଥ ନିର୍ମାଣ ଅନୁକୂଳ ହୁଏ।**



ପୌରାଣିକ ଦୃଷ୍ଟିକୋଣରୁ ଏହି ଦିନର ମହତ୍ତ୍ୱ ଯଥେଷ୍ଟ ଅଧିକ। ଏହି ଦିନକୁ ସତ୍ୟ ଯୁଗର ପ୍ରାରମ୍ଭ ଦିବସ ରୂପେ ଗ୍ରହଣ କରାଯାଇଛି। ଅକ୍ଷୟ ତୃତୀୟାରେ ମହର୍ଷି ବେଦବ୍ୟାସ ଓ ପ୍ରଭୁ ଗଣେଶ ମହାଭାରତ ଲେଖିବା ଆରମ୍ଭ କରିଥିଲେ। ଏହି ଦିନ ସ୍ୱର୍ଣ୍ଣ କ୍ରୟ କଲେ ମା' ଲକ୍ଷ୍ମୀ ଧନଧାନ୍ୟରେ ଗୃହ ପୂର୍ଣ୍ଣ କରନ୍ତି ବୋଲି ବିଶ୍ୱାସ ଅଛି। ଏହି ଦିନକୁ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଜୟନ୍ତୀ ଭାବେ ପାଳନ କରାଯାଏ। 'ଗୀତଗୋବିନ୍ଦ'ର ରଚୟିତା କବି ଜୟଦେବ ଅକ୍ଷୟ ତୃତୀୟା ଦିନ ଜନ୍ମଗ୍ରହଣ କରିଥିଲେ ବୋଲି କୁହାଯାଏ। ବଦ୍ରି-ନାରାୟଣ କପାଟ ଏହି ଦିନ ଖୋଲିଥାଏ। ମା' ଗଙ୍ଗା ମଧ୍ୟ ଏହି ଦିନ ମର୍ତ୍ତ୍ୟରେ ଅବତରଣ କରିଥିଲେ ବୋଲି କିମ୍ବଦନ୍ତୀ କୁହେ। ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥ ନିର୍ମାଣ ପାଇଁ ଅନୁକୂଳ କରାଯାଏ। ବିଧି ଅନୁସାରେ, ତିନିଖଣ୍ଡି ଧଉରା କାଠରେ ମନ୍ତ୍ରରେ ପୂଜିତ କୁରାଢ଼ି ଲଗାଇ ବନଜାଗ ହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥ ନିର୍ମାଣର ଶୁଭାରମ୍ଭ କରିଥାନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରିଥାଏ। ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୁଏ। କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟାର ମହତ୍ତ୍ୱ ଓଡ଼ିଆ ପରମ୍ପରାରେ ଆଜି ବି ଉଜ୍ଜୀବିତ ରହିଛି। ଏହି ପବିତ୍ର ଦିନରେ ଯେକୌଣସି ଧର୍ମକାର୍ଯ୍ୟ କଲେ କ୍ଷୟ ନ ହୋଇ ଅକ୍ଷୟ ହୋଇ ରହିଥାଏ ବୋଲି ବିଶ୍ୱାସ ରହିଛି।

# ଅକ୍ଷୟ ତୃତୀୟାରେ କେଉଁ ଜିନିଷ କିଣିବେ



**ଅକ୍ଷୟ ତୃତୀୟା ଅତ୍ୟନ୍ତ ଶୁଭଦିନ। ଏହିଦିନ ସୁନା ଓ ରୁପା କିଣିବାକୁ ଶୁଭ ବୋଲି କୁହାଯାଏ। ତେବେ ସୁନା, ରୁପା ବ୍ୟତୀତ କିଛି ଜିନିଷ ଏମିତି ଅଛି, ଯାହାକୁ କିଣିବାକୁ ଶୁଭ ବୋଲି କୁହାଯାଇଛି। ଏହା ଦ୍ୱାରା ଧନଲାଭ ହୁଏ ଏବଂ ଲକ୍ଷ୍ମୀ ଦେବୀଙ୍କ କୃପା ପ୍ରାପ୍ତି ହୁଏ।**

- ଅକ୍ଷୟ ତୃତୀୟାରେ ମାଟି ପାତ୍ର, ଦୀପ, କୁଣ୍ଡ କିଣିବା ଶୁଭ। ଏହା ଦ୍ୱାରା ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରେ ଏବଂ ଘରେ ଶାନ୍ତି ବଜାୟ ରହେ।
- ତମ୍ବା ଜିନିଷ କିଣିବାକୁ ଶୁଭ ବୋଲି କୁହାଯାଏ। ତମ୍ବା ବାସନକୁସନ କିଣିପାରିବେ।
- ହଳଦି ଏବଂ ଅକ୍ଷତ ପୂଜା କାମରେ ଆସେ। ଏହିଦିନ ଏହାକୁ କିଣିବା ଓ ଏହି ଜିନିଷ ଘରକୁ ଆଣିବା ଶୁଭ।
- ଏହିଦିନ ନାଲି ବସ୍ତ୍ର କିଣିବାକୁ ଶୁଭ ବୋଲି କୁହାଯାଏ।
- ସେହିପରି ଜିନିଷ କିଣି ନ ପାରିଲେ ଅସହାୟ ଏବଂ ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ କିଛି ଜିନିଷ ଦାନ କରିପାରିବେ।
- ଏଥିରେ ଅନ୍ନଦାନ ଓ ବସ୍ତ୍ରଦାନ ସାମିଲ ଅଛି।

# ଶନିଙ୍କ ନକ୍ଷତ୍ର ପରିବର୍ତ୍ତନ

**ଜ୍ୟୋତିଷ ଶାସ୍ତ୍ରରେ ଶନିଙ୍କ ରାଶି ବା ନକ୍ଷତ୍ର ପରିବର୍ତ୍ତନକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏହାର ପ୍ରଭାବ ସମସ୍ତ ୧୨ ରାଶି ଉପରେ ପଡ଼େ। ୧୭ ତାରିଖରୁ ଶନି ନିଜ ସ୍ଥିତି ବଦଳାଇଛନ୍ତି ଏବଂ ମେ ୧୭ ତାରିଖ ପର୍ଯ୍ୟନ୍ତ ଏହି ସ୍ଥିତିରେ ରହିବେ। ଏହି ସମୟ କେଉଁ ରାଶିଙ୍କୁ ଶୁଭଫଳ ପ୍ରଦାନ କରିବ, ସେ ସମ୍ପର୍କରେ ଜାଣିବା।**




**ବୃଷ:** ଧୀରେ ଧୀରେ ସବୁ ଜିନିଷ ଠିକ୍ ଦିଗକୁ ଗତି କରିବ। କାମ ଚାପ ବଢ଼ିବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବକେୟା ଅର୍ଥ ଫେରି ପାଇବେ।

**ମିଥୁନ:** ମିଥୁନ ରାଶି ବ୍ୟକ୍ତିଙ୍କୁ ଏହି ସମୟ ଅନେକ ଦିଗରୁ ଲାଭ ପ୍ରଦାନ କରିବ। ନୂଆ କାମ ମିଳିବାର ଆଶଙ୍କା ଅଛି। ସମ୍ପର୍କରେ ଉତ୍ତମ ବୁଝାମଣା ରହିବ। ନୂଆ କିଛି ଆରମ୍ଭ କରିବାକୁ ସୁଯୋଗ ମିଳିବ।

**ସିଂହ:** ସିଂହ ରାଶିବ୍ୟକ୍ତିବିଶେଷଙ୍କ ଲାଗି ଏହି ସମୟ ସୁଖମୟ ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କାମ ପୂରା ହେବ। ଚାକିରି ଓ ବ୍ୟବସାୟରେ ନୂତନ ଅବସର ମିଳିବ। ସମାଜରେ ପ୍ରତିଷ୍ଠା ବଢ଼ିବ।

**କନ୍ୟା:** ଶନିଙ୍କ ନକ୍ଷତ୍ର ପରିବର୍ତ୍ତନ ଦ୍ୱାରା କନ୍ୟା ରାଶି ଉପକୃତ ହେବେ। ମାନସିକ ଅବସାଦ ଦୂର ହେବ। ପ୍ରତ୍ୟେକ କାର୍ଯ୍ୟ ଧୀରେ ଧୀରେ ନିୟନ୍ତ୍ରଣକୁ ଆସିବ। ପରିବାରରେ ଉତ୍ତମ ବୁଝାମଣା ରହିବ।

**ଧନୁ:** କ୍ୟାରିୟର ଦୃଷ୍ଟିକୋଣରୁ ଏହି ସମୟ ଧନୁ ରାଶିଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଚାକିରିରେ ପରିବର୍ତ୍ତନ ଓ ପଦୋନ୍ନତିର ଆଶଙ୍କା ଅଛି। ଦୂର ସ୍ଥାନକୁ ଯାତ୍ରା କରିବେ।

କ୍ରୀଡ଼ା
ସକାଳ THE SAKALA
www.sakalaepaper.com

### ପ୍ରିୟାଂଶ ଆର୍ଯ୍ୟ- ୯୩, କୁପର କୋନ୍ନୋଲୀ-୮୭

# ପଞ୍ଜାବ କିଙ୍ଗ୍‌ସର ପଞ୍ଚମ ବିଜୟ



ମୁଲାନପୁର,୧୯।୪(ଏଜେନ୍ସି): ଦୁଇ ଯୁବ ଖେଳାଳି ପ୍ରିୟାଂଶ ଆର୍ଯ୍ୟ ଓ କୁପର କନ୍ନୋଲୀରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ରେ ୨୯ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୫୪ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି)କୁ ପରାସ୍ତ କରିଛି। ଫଳରେ ୬ଷ୍ଠ ମ୍ୟାଚ୍‌ର ୫ମ ବିଜୟ ଓ ବାତିଲ ମ୍ୟାଚ୍‌ରୁ ୧୧ ପଏଣ୍ଟ ପାଇ ଟେବଲର ପ୍ରଥମ ସ୍ଥାନ ବଜାୟ ରଖିଛି। ଅନ୍ୟପକ୍ଷରେ ଏଲଏସ୍‌ଜି ୬ଷ୍ଠ ମ୍ୟାଚ୍‌ରୁ ଚତୁର୍ଥ ପରାଜୟବରଣ କରି ପୂର୍ବପରି ୮ମ ସ୍ଥାନରେ ରହିଛି।

ଏହି ମ୍ୟାଚ୍‌ରେ ପ୍ରିୟାଂଶ ୩୭ବଲ୍‌ରେ ୪ଚୌକା ଓ ୯ଛକା ସହ ୯୩ ଓ କୁପର କନ୍ନୋଲୀ ୪୬ବଲ୍‌ରୁ ୮ଚୌକା ଓ ୭ଛକା ସହ ୮୭ ରନ୍ କରିବା ଫଳରେ ଘରୋଇ ମାଟିରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୫୪ ରନ୍ କରିଥିଲା। ପ୍ରିୟାଂଶ ଓ କୁପର ଦ୍ୱିତୀୟ ୱିକେଟରେ ୮୦ବଲ୍‌ରୁ ୧୮୨ ରନ୍ ଉଠାଇଥିଲେ। ଶେଷ ଭାଗରେ ମାର୍କସ ଷ୍ଟୋଇନିସ୍ ଓ ଶଶାଙ୍କ ସିଂ ୬ଷ୍ଠ ୱିକେଟରେ ୧୭ବଲ୍‌ରୁ ୪୪ରନ୍ ଉଠାଇବା ଫଳରେ ଦଳ ଏକ ବିଶାଳ ସ୍କୋର କରିଥିଲା। ଷ୍ଟୋଇନିସ ୧୬ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ୨୯ ଏବଂ ଶଶାଙ୍କ ୬ ବଲ୍‌ରୁ ୧୭ରନ୍ ସଂଗ୍ରହ କରିଥିଲେ। ଏଲଏସ୍‌ଜି ପକ୍ଷରୁ ମନିମାରନ ସିଦ୍ଧାର୍ଥ ଓ ପ୍ରିନ୍ସ ଯାଦବ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଏଲଏସଜି ସମାନ ସଂଖ୍ୟକ ଓଭର ଖେଳି ୫ ୱିକେଟରେ ୨୦୦ ରନ୍ କରିପାରିଥିଲା। ଦଳ ପକ୍ଷରୁ ଅଧିନାୟକ ଋଷଭ ପନ୍ତ ୨୩ବଲ୍‌ରେ ସର୍ବାଧିକ ୪୩, ଆଇଡେନ୍ ମାର୍କରାମ ୨୨ ବଲ୍‌ରେ ୪୨, ମିଚେଲ ମାର୍ଶ ୨୮ ବଲ୍‌ରେ ୪୦, ଆୟୁଷ ବଦୋନି ୨୧ବଲ୍‌ରେ ୩୫ ଓ ନୂଆ ହିରୋ ମୁକୁଲ ଚୌଧୁରୀ ୧୭ବଲରେ ଅପରାଜିତ ୨୧ ରନ୍ କରିଥିଲେ ମଧ ଦଳକୁ ଜିତାଇପାରି ନ ଥିଲେ। ପଞ୍ଜାବର ମାର୍କୋ ଜାନ୍‌ସେନ୍‌ଙ୍କୁ ୨ଟି ୱିକେଟ ମିଳିଥିଲା।



**ଆଜିର ଆଇପିଏଲ୍ ମ୍ୟାଚ୍**
ଗୁଜରାଟ ବନାମ ମୁମ୍ବଇ
ଭେନ୍ୟୁ-ଅହମ୍ମଦାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ବରୁଣ ଚକ୍ରବର୍ତ୍ତୀ ଓ କାର୍ତ୍ତିକ ତ୍ୟାଗୀଙ୍କ ସୁନ୍ଦର ବୋଲିଂ

# କୋଲକାତାକୁ ପ୍ରଥମ ବିଜୟ ଦେଲେ ରିଙ୍କୁ-ଅନୁକୂଳ

କୋଲକାତା,୧୯।୪(ଏଜେନ୍ସି)



ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୯ତମ ସଂସ୍କରଣରେ ୭ମ ମ୍ୟାଚ୍ ଖେଳିବା ପରେ ପ୍ରଥମ ବିଜୟ ହାସଲ କରିଛି ୨ଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ। ନିଜ ଘରୋଇ ପଡ଼ିଆ ଇଡେନ ଗାର୍ଡେନ୍ସରେ ରବିବାର ଖେଳାଯାଇଥିବା ୨୮ତମ ଲିଗ୍ ମ୍ୟାଚ୍‌ରେ କୋଲକାତା ଏକ ରୋମାଞ୍ଚକ ମୁକାବିଲାରେ ରାଜସ୍ଥାନ ରୟାଲ୍‌ସକୁ ୪ୱିକେଟରେ ପରାସ୍ତ କରିଛି। ଏହି ବିଜୟ ପରେ ୩ ପଏଣ୍ଟ ପାଇ କୋଲକାତା ପଏଣ୍ଟ ଟେବଲର ୯ମ ସ୍ଥାନକୁ ଉନ୍ନୀତ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ୧୦ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଏଯାଏ ମନୋମୁଗ୍ଧକର ଖେଳ ପ୍ରଦର୍ଶନ କରିଥିବା ରାଜସ୍ଥାନ ୬ଷ୍ଠ ମୁକାବିଲାରୁ ଦ୍ୱିତୀୟ ପରାଜୟ ବରଣ କରିଥିଲେ ମଧ ପଏଣ୍ଟ ଟେବଲର ତୃତୀୟ ସ୍ଥାନରେ ରହିଛି। ଆଜିର ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ମାତ୍ର ୧୪ ରନ୍‌ରେ ୩ଟି ୱିକେଟ ହାସଲ କରିଥିବା ବିଜୟୀ କୋଲକାତାର ବରୁଣ ଚକ୍ରବର୍ତ୍ତୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏଠାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭ୍ରମଣକାରୀ ରାଜସ୍ଥାନ ରୟାଲ୍ସ ଘରୋଇ କୋଲକାତା ଆଗରେ ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି କୋଲକାତା ପ୍ରଥମ ବଲ୍‌ରେ ଟିମ୍ ସେଇଫର୍ଟ ଓ ୮ମ ବଲ୍‌ରେ ଅଧିନାୟକ ଆଜିଙ୍କ୍ୟ ରାହାଣେଙ୍କ ୱିକେଟ ହରାଇଥିଲା। ଦଳୀୟ ସ୍କୋର ୩୭ରେ କାମେରନ ଗ୍ରୀନ୍, ୫୨ରେ ଅଙ୍ଗକ୍ରିସ୍ ରଘୁବଂଶୀ, ୭୦ ରନ୍‌ରେ ରୋଭମାନ ପାୱେଲ ଓ ୮୫ ରନ୍‌ରେ ରମଣଦୀପ ସିଂହଙ୍କ ୱିକେଟ ହରାଇ ମ୍ୟାଚ୍ ହାତଛଡ଼ା କରିବାକୁ ଯାଉଥିଲା। ଏହି ସମୟରେ ଫର୍ମରେ ନ ଥିବା ନିର୍ଭରଯୋଗ୍ୟ ରିଙ୍କୁ ସିଂ ଓ ଅନୁକୂଳ ରୟ କୋଲକାତାର ଭାଗ୍ୟବିଧାତା ସାଜିଥିଲେ। ଏମାନେ ପାଇଥିବା ଜୀବନଦାନ ସୁଯୋଗକୁ ଭଲ ଭାବେ ବ୍ୟବହାର କରିଥିଲେ। ଏହି ଦୁଇ ଖେଳାଳି ଅବିଭକ୍ତ ୭ମ ୱିକେଟ ଯୋଡିରୁ ମାତ୍ର ୩୭ ବଲ୍‌ରେ ୭୬ ରନ୍ ଉଠାଇ କୋଲକାତାକୁ ବହୁପ୍ରତୀକ୍ଷିତ ବିଜୟ ଭେଟିଦେଇଥିଲେ। ସେହିପରି ବ୍ୟକ୍ତିଗତ ଭାବେ ରିଙ୍କୁ ସିଂ ଶେଷ ବଲରେ ଛକା ମାରି ଅର୍ଦ୍ଧଶତକ ହାସଲ କରିବା ସହ ୩୪ ବଲ୍‌ରୁ ୫ଚୌକା ଓ ୨ଛକା ସହାୟତାରେ ୫୩ରନ୍ କରି ଅପରାଜିତ ରହିଥିଲେ। ସେହିପରି ରୟ ମଧ ଭଲ ଖେଳି ୧୬ବଲ୍‌ରୁ ୧ଚୌକା ଓ ୨ଛକା ସହ ୨୯ରନ୍ କରି ଶେଷଯାଏ ଆଉଟ ହୋଇ ନ ଥିଲେ। ଏମାନଙ୍କ ଭାଗୀଦାରି ଯୋଗୁଁ କୋଲକାତା ପ୍ରଥମ ବିଜୟ ହାସଲ କରିବା ସମ୍ଭବ ହୋଇଥିଲା।

ପୂର୍ବରୁ ଘରୋଇ ମାଟିରେ କୋଲକାତାର ବୋଲରମାନେ ଅତି ସୁନ୍ଦର ବୋଲିଂ ପ୍ରଦର୍ଶନ କରିବା ଫଳରେ ରାଜସ୍ଥାନର ବ୍ୟାଟିଂ ଫେଲ ମାରିଥିଲା। ଦଳର ଦୁଇ ସ୍ପିନର ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୧୪ ରନ୍ ଦେଇ ୩ଟି ଓ ସୁନୀଲ ନାରିନ୍ ୨୬ରନ୍‌ରେ ୨ଟି ୱିକେଟ ନେବା ଫଳରେ ରାଜସ୍ଥାନର ରନ୍ ସଂଗ୍ରହ ଆବଶ୍ୟକତାଠାରୁ ବହୁ ପଛରେ ରହିଯାଇଥିଲା। ୧୯ତମ ଓଭରରେ ଯୁବ ଫାଷ୍ଟ ବୋଲର କାର୍ତ୍ତିକ ତ୍ୟାଗୀ ୩ଟି ୱିକେଟ ନେବା ଫଳରେ ରାଜସ୍ଥାନ ଆଉ ବଡ ସ୍କୋର କରିପାରି ନ ଥିଲା। ଦଳ ପକ୍ଷରୁ ଦୁଇ କେବଳ ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ କିଛିଟା ସ୍କୋର କରିଥିଲେ। ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିବା ସୂର୍ଯ୍ୟବଂଶୀ ୨୮ ବଲ ଖେଳି ୬ ଚୌକା ଓ ୨ଛକା ସହ ସର୍ବାଧିକ ୪୬ ଏବଂ ଜୟସ୍ୱାଲ ୨୯ବଲରୁ ୪ଚୌକା ଓ ୨ଛକା ସହ ୩୯ ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ରାଜସ୍ଥାନ ରୟାଲ୍ସ**: ୧୫୫/୯, ୨୦ ଓଭର (ସୂର୍ଯ୍ୟବଂଶୀ-୪୬, ଜୟସ୍ୱାଲ-୩୯, ବରୁଣ-୩/୧୪, କାର୍ତ୍ତିକ-୩/୨୨, ନାରିନ-୨/୨୬)।
**କୋଲକାତା ନାଇଟ୍ ରାଇଡର୍ସ**: ୧୬୧/୬, ୧୯.୪ ଓଭର (ରିଙ୍କୁ-୫୩*, ଅନୁକୂଳ-୨୯*, ଗ୍ରୀନ୍-୨୭, ପାୱେଲ-୨୩, ଜାଡେଜା-୨/୮)।

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
|---|---|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ରାଜସ୍ଥାନ | ୬ | ୪ | ୨ | ୦ | ୮ | +୦.୫୯୯ |
| ହାଇଦରାବାଦ | ୬ | ୩ | ୩ | ୦ | ୬ | +୦.୫୬୬ |
| ଦିଲ୍ଲୀ | ୫ | ୩ | ୨ | ୦ | ୬ | +୦.୩୧୦ |
| ଗୁଜରାଟ | ୫ | ୩ | ୨ | ୦ | ୬ | +୦.୦୧୮ |
| ଚେନ୍ନଇ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ | ୬ | ୨ | ୪ | ୦ | ୪ | -୧.୧୭୩ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |
| ମୁମ୍ବଇ | ୫ | ୧ | ୪ | ୦ | ୨ | -୧.୦୭୬ |

## ଅଗରକରଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

ଚେନ୍ନଇ,୧୯।୪(ଏଜେନ୍ସି): ଜାତୀୟ ସିନିୟର କ୍ରିକେଟ ସିଲେକ୍ସନ କମିଟିର ଚିଫ୍ ସିଲେକ୍ଟର ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି କରିଛି ବିସିସିଆଇ। ୨୦୨୭ ଦିନିକିଆ ବିଶ୍ୱକପ୍‌କୁ ଆଖିଆଗରେ ରଖି ବିସିସିଆଇ ଏପରି ନିଷ୍ପତ୍ତି ନେଇଛି। ୨୦୨୩ ଅକ୍ଟୋବରରୁ ୨୦୨୬ ମଧ୍ୟରେ ଅଗରକର କାମ କରିଥିଲେ। ତାଙ୍କ ସମୟରେ ଭାରତ ୨ଥର ଟି-୨୦ ବିଶ୍ୱକପ୍ ଓ ଥରେ ଚାମ୍ପିଅନ୍ସ ଟ୍ରଫି ସହ ୩ଟି ଟାଇଟଲ ବିଜୟୀ ହୋଇଛି। ବିସିସିଆଇର ନିୟମ ଅନୁଯାୟୀ ଜଣେ ଜୁନିଅର କିମ୍ବା ସିନିଅର ସିଲେକ୍ସନ କମିଟିରେ ସର୍ବାଧିକ ୪ ବର୍ଷ କାମ କରିପାରିବେ। କିନ୍ତୁ ଉଭୟ ବିଭାଗରେ ସର୍ବାଧିକ ୫ବର୍ଷ ଦାୟିତ୍ୱରେ ରହିବେ। ଅଗରକରଙ୍କ ୪ ବର୍ଷର କାର୍ଯ୍ୟକାଳ ଶେଷ ହୋଇଛି। ସେ ଆଉ ଅଧିକ ସମୟ ରହିପାରିବେନି। କିନ୍ତୁ ବିସିସିଆଇ ତାଙ୍କ କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି କରିଥିବାରୁ ସେ ୫ବର୍ଷ ଚିଫ୍ ସିଲେକ୍ଟର ଭାବେ କାମ କରିବେ। ତାଙ୍କ ସମୟରେ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ। ମହମ୍ମଦ୍ ସାମିଙ୍କୁ ପର୍ଯ୍ୟାୟକ୍ରମେ ଦଳରୁ ବିଦା ହେବାକୁ ପଡ଼ିଥିଲା। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ମିଳି ନ ଥିଲା। ତାଙ୍କ ସ୍ଥାନରେ ଖେଳିଥିବା ଇଶାନ କିଶାନ ଭାରତ ଲାଗି ଦ୍ୱିତୀୟ ଟପ୍ ସ୍କୋରର ହୋଇଥିଲେ।

### ■ ଷ୍ଟଟଗାର୍ଟ ଓପନରେ ଭିଟୋଲିନା ପରାସ୍ତ

## ମୁଚୋଭା-ରିବାକିନା ଫାଇନାଲ

ଷ୍ଟଟଗାର୍ଟ,୧୯।୪(ଏଜେନ୍ସି): କାରୋଲିନା ମୁଚୋଭା ଏବଂ ଏଲେନା ରିବାକିନାଙ୍କ ମଧ୍ୟରେ ଷ୍ଟଟଗାର୍ଟ ଓପନ ମହିଳା ଏକକ ଫାଇନାଲ ମୁକାବିଲା ହେବ। ଆଜି ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଏଲିନା ଭିଟୋଲିନାଙ୍କୁ ୨-୧ ସେଟ୍‌ରେ ମୁଚୋଭା ଏବଂ ମୀରା ଆନ୍ଦ୍ରିଭାଙ୍କୁ ୨-୦ ସେଟ୍‌ରେ ଟପ୍ ସିଡ ରିବାକିନା ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ମୁଚୋଭା ୨୦୨୩ ରୋଲାଣ୍ଡ ଗ୍ୟାରୋସ୍‌ଠାରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ ଫାଇନାଲ ଖେଳିବା ପରେ ଫର୍ମରେ ନ ଥିଲେ। ଏବେ ଭିଟୋଲିନାଙ୍କ ପରି ଖେଳାଳିଙ୍କୁ ହରାଇ ସେ ତାଙ୍କ ଫର୍ମ ଓ ଆତ୍ମବିଶ୍ୱାସ ଫେରିପାଇଛନ୍ତି ବୋଲି କୁହାଯାଉଛି। ଫାଇନାଲ ମୁକାବିଲା ପରେ ସେ କିଭଳି ଫର୍ମରେ ଅଛନ୍ତି ତାହା ଜଣାପଡ଼ିବ।



## ରେସ୍ ବେଳେ ଡ୍ରାଇଭରଙ୍କ ମୃତ୍ୟୁ

ବର୍ଲିନ,୧୯।୪(ଏଜେନ୍ସି): ଜର୍ମାନୀର ନୁଏରବର୍ଗିଙ୍ଗ ଫର୍ମୁଲା ୱାନ୍ କାର କ୍ୱାଲିଫାଇଂ ରେସ ସମୟରେ ଦୁର୍ଘଟଣାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ୬ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଡ୍ରାଇଭର ଜଣଙ୍କ ହେଲେ ୬୬ ବର୍ଷୀୟ ଜୁହା ମିଏଟିନେନ୍। ଏହି ଘଟଣା ଘଟିବାର ଅଧଘଣ୍ଟା ପରେ ରେସ୍‌କୁ ବନ୍ଦ କରିଦିଆଯାଇଥିଲା।

## ରସେଲଙ୍କଠାରୁ ହାରିଲେ ସୁବ୍ରତ

ଭୁବନେଶ୍ୱର,୧୯।୪(ସମିସ): ବିଶ୍ୱର ଖ୍ୟାତନାମା ଖେଳାଳି ତଥା ୧୬ଥରର ବିଶ୍ୱଚାମ୍ପିଅନ ମାଇକ୍ ରସେଲଙ୍କଠାରୁ ହାରିଯାଇଛନ୍ତି ଓଡ଼ିଆ ଖେଳାଳି ସୁବ୍ରତ ଦାସ। ଆଇରିସ୍ ଓପନ ବିଲିଆର୍ଡ୍ସ ଚାମ୍ପିଅନସିପ୍‌ର ଏକ ଲିଗ୍ ମ୍ୟାଚ୍‌ରେ ରସେଲ ୫୬୦-୭୦ ପଏଣ୍ଟ ବ୍ୟବଧାନରେ ସୁବ୍ରତଙ୍କୁ ହରାଇଥିଲେ। ନିର୍ଣ୍ଣାୟକ ମୁକାବିଲାରେ କ୍ରିଷ୍ଟିଆନ କିର୍କଙ୍କଠାରୁ ୨୨୫-୨୨୦ ପଏଣ୍ଟରେ ହାରି ସୁବ୍ରତ ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇଥିଲେ। ଆସନ୍ତାକାଲିଠାରୁ ୪ ଦିନିଆ ୱାର୍ଲ୍ଡ ମ୍ୟାଚ୍ ପ୍ଲେ ବିଲିଆର୍ଡସ ଚାମ୍ପିଅନସିପ୍ ଆରମ୍ଭ ହେବ।



## ସ୍ୱଦେଶ ଫେରିଲେ ଚାମ୍ପିଅନ ବୈଶାଳୀ

ଚେନ୍ନଇ,୧୯।୪(ଏଜେନ୍ସି): କ୍ୟାଣ୍ଡିଡେଟ୍ସ ଚେସ ଚାମ୍ପିଅନ ଗ୍ରାଣ୍ଡମାଷ୍ଟର ରମେଶବାବୁ ବୈଶାଳୀ ଆଜି ଭୋରରୁ ସ୍ୱଦେଶ ଫେରିଆସିଛନ୍ତି। ତାମିଲନାଡୁରେ ନିର୍ବାଚନ ହେଉଥିବାରୁ କୌଣସି ସରକାରୀ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିବାକୁ ଆସି ନ ଥିଲେ। ତେବେ ୫୦ଜଣ ଛାତ୍ରଛାତ୍ରୀ ଓ ତାଙ୍କ ପରିବାର ବିମାନବନ୍ଦରରେ ବୈଶାଳୀଙ୍କୁ ସ୍ୱାଗତ କରିଥିଲେ। କ୍ୟାଣ୍ଡିଡେଟ୍ସ ଚେସ୍‌ର ୧୪ ରାଉଣ୍ଡ ବିଶିଷ୍ଟ ଓ ବିଶ୍ୱର ଶ୍ରେଷ୍ଠ ୮ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଏକାଧିକ ଖେଳାଳି ଟାଇଟଲ ଆଶାରେ ରହିଥିଲେ। କିନ୍ତୁ ୧୪ତମ ତଥା ଶେଷ ରାଉଣ୍ଡରେ ସେ ପୂର୍ବତନ ବିଶ୍ୱ ରାପିଡ ଓ ବ୍ଲିଜ୍ ଚାମ୍ପିଅନ କାଟେରିନା ଲାଗ୍ନୋଙ୍କୁ ହରାଇ ଟାଇଟଲ କବ୍‌ଜା କରିନେଇଥିଲେ। ଏବେ ବିଶ୍ୱ ଚେସ୍ ଟାଇଟଲ ଲାଗି ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ଜୁ ୱେନ୍‌ଜୁନ୍‌ଙ୍କ ସହ ବୈଶାଳୀଙ୍କର ମୁକାବିଲା ହେବ। ଏହି ମୁକାବିଲାରେ ଯିଏ ଜିତିବ ସେ ବିଶ୍ୱଚାମ୍ପିଅନ ହେବେ। ବିଶ୍ୱରେ ପ୍ରତିଷ୍ଠା ଲାଭ କରିଥିବା ୱେନ୍‌ଜୁନ୍‌ଙ୍କ ସହ ବୈଶାଳୀ ଥରେ ମୁକାବିଲା କରିଛନ୍ତି। ଗତବର୍ଷ ନରୱେରେ ଅନୁଷ୍ଠିତ ନରୱେ ମହିଳା ଚେସ ଚାମ୍ପିଅନସିପ୍‌ରେ କ୍ଲାସିକାଲ ଫର୍ମାଟରେ ପରସ୍ପର ଭେଟାଭେଟି ହୋଇଥିଲେ। ଏହି ମୁକାବିଲା ଡ୍ର ରହିବା ପରେ ଟାଇବ୍ରେକ୍‌ରେ ବୈଶାଳୀ ବିଜୟୀ ହୋଇଥିଲେ। ଯେକୌଣସି ଫର୍ମାଟରେ ୱେନ୍‌ଜୁନ୍‌ଙ୍କ ବିପକ୍ଷରେ ବୈଶାଳୀଙ୍କର ଏହା ପ୍ରଥମ ବିଜୟଥିଲା।



### ଅଲଓଡ଼ିଶା ଓପନ ସ୍ନୁକର ଚାମ୍ପିଅନସିପ

## କ୍ୱାର୍ଟରରେ ଆଶୁତୋଷ, ରାକେଶ

ଭୁବନେଶ୍ୱର,୧୯।୪(ସମିସ): ବିଏସ୍ଏଓ (ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା) ଆନୁକୂଲ୍ୟରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୦-ରେଡ ସ୍ନୁକର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡାନ୍ତ ହୋଇଯାଇଛି। ପଟିଆସ୍ଥିତ ୬ପକେଟସ୍ କ୍ୟୁ ସ୍ପୋର୍ଟ୍ସ କ୍ଲବ୍‌ରେ ଆସନ୍ତାକାଲି ବା ସୋମବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଆଶୁତୋଷ ପାଢ଼ୀଙ୍କ ସହ ନିଶାନ୍ତ ବିଶ୍ୱାଳଙ୍କର ଓ ଦ୍ୱିତୀୟ ମୁକାବିଲାରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କ ସହ ଉଦ୍‌ଭାସ ମହାପାତ୍ରଙ୍କର ମୁକାବିଲା ହେବ। ସେହିପରି ତୃତୀୟ କ୍ୱାର୍ଟରଫାଇନାଲ ଚେତନ ଆନନ୍ଦ ଓ ଅନୁଜ ପଣ୍ଡାଙ୍କ ମଧ୍ୟରେ, ଚତୁର୍ଥ କ୍ୱାର୍ଟରଫାଇନାଲ ମିଶାଲ ସ୍ୱାଇଁ ଓ ଆକାଶ ମହାପାତ୍ରଙ୍କ ମଧ୍ୟରେ ଖେଳାଯିବ। ଆଜି ଅନୁଜ ଓ ମିଶାଲ ଚମତ୍କାର ଖେଳ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ଅନୁଜ ୨-୧ରେ ଚିରାଗ ଅରୋରାଙ୍କୁ ଓ ମିଶାର ୨-୦ରେ ଶିବପ୍ରସାଦ ସେଠୀଙ୍କୁ ହରାଇଥିଲେ। ସେହିପରି ଅନ୍ୟ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଆଶୁତୋଷ ପାଢ଼ୀ ୨-୦ରେ ସବ୍ୟସାଚୀ ପଟ୍ଟନାୟକଙ୍କୁ, ଡାକ୍ତର ରାକେଶ ରୋଶନ ୨-୧ରେ ଭେଟେରାନ ଖେଳାଳି ସିଦ୍ଧାର୍ଥ ସେନ୍‌ଙ୍କୁ ପରାସ୍ତ କରିଥିଲେ।


ଅନୁଜ


ମିଶାଲ

## ବାଦ୍ ପଡ଼ିପାରନ୍ତି ମାହତ୍ରେ

ଚେନ୍ନଇ,୧୯।୪(ଏଜେନ୍ସି): ସିଏସ୍‌କେ ଲାଗି ଖରାପ ଖବର। ଆହତ ଓ ଫର୍ମରେ ନ ଥିବା ଦଳର ସବୁଠାରୁ ପ୍ରଭାବଶାଳୀ ଖେଳାଳି ଆୟୁଷ ମାହତ୍ରେଙ୍କ ବାମ ଗୋଡ ମାଂସପେଶୀରେ ଆଘାତ ଲାଗିଛି। ବ୍ୟାଟିଂ କୋଚ୍ ମାଇକେଲ ହସୀଙ୍କ ଅନୁଯାୟୀ ମାହତ୍ରେଙ୍କ ହାମଷ୍ଟ୍ରିଙ୍ଗ ଟିୟରରେ ଜୋରଦାର ଆଘାତ ଲାଗିଛି। ସ୍କାନ ହେବା ପରେ ଆଘାତ ସମସ୍ୟା ଜଣାପଡ଼ିବ। କିନ୍ତୁ ସମସ୍ୟା ସୃଷ୍ଟି ହେବା ପରେ ସେ ଖେଳିଥିବାରୁ ଅସୁବିଧା ହୋଇଛି। ଏପରିକି କିଛି ସମୟ କିମ୍ବା ଚଳିତ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ଖେଳରୁ ସେ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ମାହତେ ଜଣେ ଭଲ ଖେଳାଳି ଓ ଭଲ ଟଚ୍‌ରେ ରହିଥିଲେ। ଏଭଳି ସ୍ଥିତିରେ ତାଙ୍କ ଅନୁପସ୍ଥିତି ସିଏସ୍‌କେ ଲାଗି ମହଙ୍ଗା ସାବ୍ୟସ୍ତ ହେବ।



## ୨୦୦ ୱିକେଟ୍‌ରେ ବରୁଣ ଦ୍ରୁତତମ

କଲକାତା, ୧୮।୪ (ଏଜେନ୍ସି): ଦ୍ରୁତତମ ଭାରତୀୟ ସ୍ପିନର ଭାବେ ୨୦୦ ଟି-୨୦ ୱିକେଟ୍ ହାସଲ କରିଛନ୍ତି ବରୁଣ ଚକ୍ରବର୍ତ୍ତୀ। ରବିବାର ରାଜସ୍ଥାନ ରୟାଲ୍‌ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)ର ବରୁଣ ୪ ଓଭରୁ ମାତ୍ର ୧୪ ରନ୍‌ଦେଇ ୩ଟି ୱିକେଟ୍ ନେଇଥିଲେ। ଏହି ମ୍ୟାଚ୍ ପୂର୍ବରୁ ବରୁଣ ୧୫୪ ଟି୨୦ ମ୍ୟାଚ୍‌ରେ ୧୯୯ ୱିକେଟ୍ ନେଇଥିଲେ। ୧୫୫ତମ ମ୍ୟାଚ୍‌ରେ ୩ଟି ୱିକେଟ୍ ନେବାରୁ ବରୁଣଙ୍କ ଟି-୨୦ ୱିକେଟ୍ ସଂଖ୍ୟା ୨୦୨ରେ ପହଞ୍ଚିଛି। ସର୍ବନିମ୍ନ ୧୫୫ ମ୍ୟାଚ୍‌ରେ ୨୦୦ ଟି୨୦ ୱିକେଟ୍ ନେଇ ବରୁଣ ଦ୍ରୁତତମ ଭାରତୀୟ ସ୍ପିନର ହୋଇଛନ୍ତି। ତେବେ ଭାରତୀୟ ବୋଲର ଭାବେ ସବୁଠାରୁ କମ୍ ୧୫୧ ମ୍ୟାଚ୍‌ରେ ୨୦୦ ୱିକେଟ ନେବାରେ ପ୍ରଥମ ସ୍ଥାନରେ ଅଛନ୍ତି ବାମହାତି ପେସ୍ ବୋଲର ଅର୍ଶଦୀପ ସିଂହ। ତାଙ୍କ ପଛକୁ ବରୁଣ ଚକ୍ରବର୍ତ୍ତୀ ଥିବା ବେଳେ କୁଲଦୀପ ଯାଦବ ୧୬୦ ମ୍ୟାଚ୍‌ରୁ, ଜୟଦେବ ଉନାଦ୍‌କତ ୧୬୨ ମ୍ୟାଚ୍‌ରେ ଓ ମହମ୍ମଦ ସାମି ୧୬୫ ମ୍ୟାଚ୍‌ରୁ ୨୦୦ ୱିକେଟ୍ ପୂରଣ କରି ସାରିଛନ୍ତି।

## ଭାରତ ମହିଳା ଦଳର ଦ୍ୱିତୀୟ ପରାଜୟ

ଡର୍ବାନ,୧୯।୪ (ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ ୮ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୧୪୭ ରନ୍ କରିଥିଲା। ଦଳ ପକ୍ଷରୁ ଶେଫାଳି ବର୍ମା ୫୭ ଓ ଅନୁଷ୍କା ଶର୍ମା ୨୮ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ତୁମି ଶେଖୁଖୁନେ ଓ ଚୋଲେ ଟ୍ରାୟନ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୧ ଓଭରରେ ୨ ୱିକେଟରେ ବିଜୟ ଲାଗି ଆବଶ୍ୟକ ୧୪୮ ରନ୍ କରିନେଇଥିଲା। ଅଧିନାୟିକା ଲୌରା ୱଲଭାର୍ଟ ୫୪ ଓ ତାଙ୍କ ଓପନିଂ ପାର୍ଟନର ସୁନେ ଲୁସ୍ ୫୭ ରନ୍ କରିଥିଲେ। ଭାରତ ପକ୍ଷରୁ ଶ୍ରେୟଙ୍କା ପାଟିଲ ୨ଟିଯାକ ୱିକେଟ ପାଇଥିଲେ।

### ୧୬ ବର୍ଷରୁ ଆନ୍ତଃ ଜିଲ୍ଲା ଟୁର୍ଣ୍ଣାମେଣ୍ଟ

## ଭୁବନେଶ୍ୱର-ବି, ପାରାଦୀପ ଓ ନୟାଗଡ଼ର ବିଜୟ

ଭୁବନେଶ୍ୱର,୧୯।୪(ସମିସ)


ଅନୁରାଗ (ଭୁବନେଶ୍ୱର-ବି)


ଋତୁରାଜ (ନୟାଗଡ଼)


ଓମ୍ ପି (କେନ୍ଦୁଝର)


ଆୟାଶ (ପାରାଦୀପ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ବି, ଭଦ୍ରକ, କେନ୍ଦୁଝର, କଳାହାଣ୍ଡି, ପାରାଦୀପ ଓ ନୟାଗଡ଼ ବିଜୟ ହାସଲ କରିଛନ୍ତି। କଟକର ନିମ୍‌ପୁର ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୩୩ ରନରେ ଝାରସୁଗୁଡ଼ାକୁ ପରାସ୍ତ କରିଥିଲା। ଭୁବନେଶ୍ୱର-ବି ଟସ୍ ଜିତି ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ୍ ହରାଇ ୨୪୭ ରନ୍‌କରିଥିଲା। ଦଳ ତରଫରୁ ଅନୁରାଗ ସାମନ୍ତରାୟ ସର୍ବାଧିକ ୯୪ ରନ୍ ରନ କରିଥିବା ବେଳେ ଝାରସୁଗୁଡ଼ାର ଯୋଗେଶ ୪ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଝାରସୁଗୁଡ଼ା ୪୭.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୧୪ ରନ୍ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ବଂଶ ଗାନ୍ଧୀ ୪୮ ରନ୍ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର ଆୟୁଷ ରାଉତ ୩ ଓ ମୃତ୍ୟୁଞ୍ଜୟ ରାୟ ୩ ଟି ଲେଖାଏ ୱକେଟ ଅକ୍ତିଆର କରିଥିଲେ। ସେହିପରି ରେଲୱେ ଗ୍ରାଉଣ୍ଡରେ ଦ୍ୱିତୀୟ ମ୍ୟାଚ୍‌ରେ ଭଦ୍ରକ ୭ ୱିକେଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଥିଲା। ଟସ୍ ଜିତି କେନ୍ଦ୍ରାପଡ଼ା ୩୭.୧ ଓଭରରେ ୧୫୧ ରନକରି ଆଉଟ ହୋଇଥିଲା। ଜବାବରେ ଭଦ୍ରକ ୩୫.୩ ଓଭରରେ ୩ ୱିକେଟ ହରାଇ ୧୫୨ ରନକରି ବିଜୟୀ ହୋଇଥିଲା। ଭଦ୍ରକର ଶୁଭାଶିଷ ୪୪ ରନ ସଂଗ୍ରହ କରିବା ସହ ୩ ୱିକେଟ ନେଇଥିଲେ। ସେହିପରି ସନ୍‌ସାଇନ ଗ୍ରାଉଣ୍ଡରେ ନୟାଗଡ଼ ୧୪୫ ରନରେ ବଡ଼ଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ନୟାଗଡ଼ ୯ ୱିକେଟ ହରାଇ ୨୭୮ ରନ ସଂଗ୍ରହ କରିଥିଲା। ଜବାବରେ ବରଗଡ଼ ୩୫.୧ ଓଭରରେ ୧୩୩ ରନ କରି ଅଲଆଉଟ ହୋଇଥିଲା। ନୟାଗଡ଼ର ଋତୁରାଜ ମହାନ୍ତି ସର୍ବାଧିକ ୬ ୱିକେଟ ଅକ୍ତିଆର କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ କେନ୍ଦୁଝର ୯ ରନରେ ବଲାଙ୍ଗୀରକୁ ପରାସ୍ତ କରିଛି। ଟସ୍‌ଜିତି କେନ୍ଦୁଝର ୨୧.୨ ଓଭରରେ ୬୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ବଲାଙ୍ଗୀର ୧୮ ଓଭରରେ ୫୧ ରନକରି ଅଲଆଉଟ ହୋଇଥିଲା। କେନ୍ଦୁଝରର ଓମ୍ ପି ସେଠୀ ସର୍ବାଧିକ ୬ ୱିକେଟ ନେଇଥିଲେ। ସେହିପରି ଆଦର୍ଶପୁର ଗ୍ରାଉଣ୍ଡରେ ପାରାଦୀପ ୭ ୱିକେଟରେ ସୋନପୁରକୁ ହରାଇଛି। ଟସ୍ ହାରି ସୋନପୁର ୨୮.୪ ଓଭରରେ ୧୦୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାରାଦୀପ ୨୪.୫ ଓଭରରେ ୩ ୱିକେଟ ହରାଇ ୧୧୧ ରନ କରି ବିଜୟୀ ହୋଇଥିଲା। ପାରାଦୀପର ଆୟାଶ ପଣ୍ଡା ୫ ୱିକେଟ ନେଇଥିଲେ। ଅନ୍ୟପଟେ ଖୋର୍ଦ୍ଧା ଗ୍ରାଉଣ୍ଡରେ କଳାହାଣି ୧୯୨ ରନରେ ରାୟଗଡ଼ାକୁ ହରାଇଛି। ଟସ୍ ହାରି କଳା ହାଣ୍ଡି ୪୯ ଓଭରରେ ୬ ୱିକେଟ ହରାଇ ୨୫୮ ରନ ସଂଗ୍ରହ କରିଥିଲା। ଜବାବରେ ରାୟଗଡ଼ା ୧୯.୧ ଓଭରରେ ୬୬ ରନକରି ଆଲ ଆଉଟ ହୋଇଥିଲା। କଳାହାଣ୍ଡିର ଯଶକରନ ସିଂହ ୩୮ ରନ କରିବା ସହ ୨ ୱିକେଟ ନେଇଛନ୍ତି।

### ● କେଡି ପିଲାଇ ସ୍ମାରକୀ ସ୍କୁଲ ଚେସ୍

## ମନୀଷ ଚାମ୍ପିଅନ, ସ୍ୱସ୍ତିକ ରନର୍ସଅପ୍

ଭୁବନେଶ୍ୱର,୧୯।୪(ସମିସ): ମନୀଷ ରଞ୍ଜନ ଦାସ ୫ମ କେଡି ପିଲାଇ ସ୍ମାରକୀ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଓ କେଶୁରାସ୍ଥିତ ରୟାଲ ସ୍କୁଲ ପରିସରରେ ରବିବାର ଅନୁଷ୍ଠି ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟରେ ମନୀଷ ୫ ରାଉଣ୍ଡରୁ ସର୍ବାଧିକ ୪.୫ ପଏଣ୍ଟ ସଂଗ୍ରହ କରିଥିଲେ। ତାଙ୍କ ପଛକୁ ୩ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ସ୍ୱସ୍ତିକ ତ୍ରିପାଠୀ ଦ୍ୱିତୀୟସ୍ଥାନ ଅଧିକାର କରି ରନର୍ସଅପ୍, ପ୍ରିୟଦର୍ଶନ ରାୟ ତୃତୀୟ, ଅରିଶନନ୍ଦ ଗୋସ୍ୱାମୀ ଚତୁର୍ଥ ଓ ୩.୫ ପଏଣ୍ଟ ହାସଲ କରି ଆୟାବନ୍ତ ମହାନ୍ତି ୫ମସ୍ଥାନ ଅଧିକାର କରିଛନ୍ତି। ରୟାଲ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଭାଇସ୍ ପ୍ରିନସିପାଲ ପ୍ରଜ୍ଞାପାରମିତା ସାହୁ ଓ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS